

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୨ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 22 October 2025
Vol.No. 36 ■ No.277 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...
website : sagarika.in.net


## ପୁଣିଥରେ ଟ୍ରମ୍ପଙ୍କ ଧମକ : ଚୀନ୍ ଉପରେ ଟାରିଫ୍ ମାଡ଼, ଅଷ୍ଟ୍ରେଲିଆ ଉପରେ ରାଗ



ନୂଆଦିଲ୍ଲୀ,୨୦/୧୦ : ସାରା ବିଶ୍ୱକୁ ନାକେଦମ୍ କରିସାରିଲେଣି ଟ୍ରମ୍ପ । ଟ୍ରମ୍ପଙ୍କ ବାଚାଳାମୀ ପାଇଁ ଆମେରିକା ଠାରୁ ଗୋଟିଏ ପରେ ଗୋଟିଏ ଦେଶ ଦୂରକୁ ଯିବାରେ ଲାଗିଲେଣି । ତଥାପି ସୁଧୁରୁନାହାନ୍ତି ଟ୍ରମ୍ପ । ନୋବେଲ ଆଶା ଆଶାରେ ରହିଯିବା ପରେ ଟ୍ରମ୍ପ ଆହୁରି ବିଳିବିଳେଇବା ଆରମ୍ଭ କରିଦେଇଛନ୍ତି । କେବେ କେଉଁ ଦେଶ ଉପରେ ଟାରିଫ୍ ଉପରେ ଟାରିଫ୍ ଲଗାଉଛନ୍ତି ତ ଆଉ କେବେ ପ୍ରେସମିଟ୍ ମଝିରେ କେଉଁ ଦେଶର ରାଷ୍ଟ୍ରଦୂତଙ୍କୁ ଗାଳି କରୁଛନ୍ତି । ଏବେ ଆଉ ଏକ ବାଚାଳାମୀ ବି ଦେଖିବାକୁ ମିଳିଛି । ହ୍ୱାଇଟ୍ ହାଉସରେ ବୁଲଡୋଜର୍ ଚଲେଇଛନ୍ତି ଟ୍ରମ୍ପ । ଚୀନକୁ ପୁଣି ଆମେରିକାର ଟାରିଫ୍ ଧମକ । ଶୁଳ୍କ ବୃଦ୍ଧି ନେଇ ଧମକ୍ ଦେଲେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଆଗକୁ କୋରିଆରେ ଦୁଇ ନେତାଙ୍କ ମଧ୍ୟରେ ବୈଠକ ହେବାକୁ ଯାଉଛି । ଯଦି ଏହି ବୈଠକ ବିଫଳ ହୁଏ ତେବେ ଲାଗୁ ହେବ ବର୍ଦ୍ଧିତ ଟାରିଫ୍ । ଆମେରିକାର ଚୀନ ଉପରେ ୧୫୫ ପ୍ରତିଶତ ଟାରିଫ୍ ଲାଗୁ କରିବାକୁ ଯାଉଛି । ଏନେଇ ଟ୍ରମ୍ପ ପ୍ରଶାସନ ସୂଚନା ଦେଇଛି । ଚୀନ ଉପରେ ଏହି ନୂଆ ବର୍ଦ୍ଧିତ ଟାରିଫ୍ ଆସନ୍ତା ନଭେମ୍ବର ୧ରୁ ଲାଗୁ ହେବ । ହ୍ୱାଇଟ୍ ହାଉସରେ ଏକ କାର୍ଯ୍ୟକ୍ରମ ସମୟରେ ଟ୍ରମ୍ପ କହିଛନ୍ତି, "ଚୀନ ଆମକୁ ବହୁତ ସମ୍ମାନ ଦେଉଛି । ସେମାନେ ଟାରିଫ୍ ଆକାରରେ ବିପୁଳ ଟଙ୍କା ଦେଉଛନ୍ତି । ସେମାନେ ୫୫% ଦେଉଛନ୍ତି, କିନ୍ତୁ ନଭେମ୍ବର ୧ ତାରିଖରୁ ୧୫୫% ହେବ, ଯଦି 'ଫେୟାର ଟ୍ରେଡ୍ ଡିଲ୍' ବିଫଳ ହୁଏ ।"ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହିତ "ଉତ୍ସାହଜନକ" ଚୁକ୍ତି ହେବାରେ ଆଶାବାଦୀ ବୋଲି ଟ୍ରମ୍ପ କହିଛନ୍ତି । ଏଥିସହିତ ଆମେରିକା ରାଷ୍ଟ୍ରପତି ଦାବି କରିଛନ୍ତି ଯେ, "ଆମେ ଅନ୍ୟ ଦେଶମାନଙ୍କ ସହିତ ଚୁକ୍ତି କରିଛୁ, ଯେଉଁମାନେ ପୂର୍ବରୁ ଆମକୁ ଲୁଟୁଥିଲେ । ତେବେ ଏନେଇ ଚୀନର ପ୍ରତିକ୍ରିୟା ଏପର୍ଯ୍ୟନ୍ତ ଆସିପାରିନାହିଁ । କିନ୍ତୁ ପୂର୍ବରୁ ଚୀନ ଆମେରିକାର ଧମକକୁ ଖାତିକ କରିବୁନାହିଁ ବୋଲି ଏହାର ବୈଦେଶିକ ମନ୍ତ୍ରାଳୟ ତରଫରୁ କୁହାଯାଇଥିଲା । ସେପଟେ ପ୍ରେସମିଟ୍ ମଝିରେ ରାଗିଗଲେ ଆମେରିକା ରାଷ୍ଟ୍ରପତି । ଅଷ୍ଟ୍ରେଲିଆର ରାଷ୍ଟ୍ରଦୂତଙ୍କୁ ଦେଲେ ଗାଳି । ଏହାର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି । ହ୍ୱାଇଟହାଉସରେ ପ୍ରେସମିଟ ସମୟରେ ଅଷ୍ଟ୍ରେଲିଆ ରାଷ୍ଟ୍ରଦୂତ କେଭିନ ରୁଡ୍ଙ୍କୁ ଟ୍ରମ୍ପ ଗାଳି ଦେଉଥିଲା ଦେଖିବାକୁ ମିଳିଛି । ଭିଡିଓରେ ଟ୍ରମ୍ପ ରୁଡ୍ଙ୍କୁ କହୁଛନ୍ତି, " ମୁଁ ତୁମକୁ ପସନ୍ଦ କରେ ନାହିଁ ଓ ମୁଁ କେବେ ବି ସପନ୍ଦ କରିବି ନାହିଁ " । ପାଖରେ ବସିଥିବା ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କ ଏଭଳି ଆଚରଣ ଦେଖି ଚକିତ ହୋଇଯାଇଥିଲେ ।

▶▶ପୃଷ୍ଠା ୭

## ଖୁବ୍ଶୀଘ୍ର ହତ୍ୟାକାଣ୍ଡର ଖୁଲାସା: ସଙ୍କେତ ଦେଲେ ଆଇଜି ନୀତିଶେଖର

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ଦିନେ କି ଦୁଇ ଦିନ ନୁହେଁ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାକୁ ୧୭ ଦିନ ବିତିଲାଣି । ହେଲେ ଏଯାଏଁ ହତ୍ୟାକାରୀର ଟେର୍ ପାଉନି ପୁଲିସ୍ । କଣ ପାଇଁ ହତ୍ୟାକାଣ୍ଡ ଘଟିଲା ତା ଉପରୁ ବି ହଟିନି ପରଦା । ଏପଟେ ପୁଲିସ କହିଛି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ତଦନ୍ତ । ଦିନ ଗଡ଼ିବା ସହ ଅନେକ ମୋଡ଼ ନେଉଛି ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା । ଏହାରି ଭିତରେ ଦିନେ ଦୁଇ ଦିନ ଭିତରେ ହତ୍ୟାକାଣ୍ଡର ପର୍ଦ୍ଦାଫାସ ହେବ ବୋଲି ସଙ୍କେତ ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର ।



ମାମଲାରେ ପୁଲିସ ଏଯାଏଁ ୮୦ରୁ ଅଧିକ ଜଣଙ୍କୁ ଜେରା କରିସାରିଥିବା ବେଳେ ହଜାରେରୁ ଅଧିକ ସିସି କ୍ୟାମେରା ଯାଞ୍ଚ କରିସାରିଲାଣି । ପୂର୍ବରୁ ୨ ପୂର୍ବତନ କର୍ପୋରେଟର ଓ ଛାତ୍ରନେତାଙ୍କୁ ଜେରା କରାଯାଇଥିଲା । ଗତକାଲି ସନ୍ଧ୍ୟାରେ ସହରର ଜଣାଶୁଣା ରାଜନେତାଙ୍କୁ ଉଠାଇ ନେଇ ପଚରାଉଚରା କରିଛି ପୁଲିସ । ହତ୍ୟାକାଣ୍ଡ ପାଇଁ ପୁଲିସ ବିହାର, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ପଶ୍ଚିମବଙ୍ଗରେ ବି ଛାପା ମାରି ଏକାଧିକ ଅଭିଯୁକ୍ତଙ୍କୁ ଉଠାଇ ଆଣିଛି । ଏପରିକି କିଛି ପୁରୁଣା ହତ୍ୟା ମାମଲାରେ ଜେଲ୍‌ରେ ଥିବା ଅଭିଯୁକ୍ତ ବି ଏବେ ପୁଲିସ କବଜାରେ । ବ୍ରହ୍ମପୁରର ଜଣେ ଛାତ୍ରନେତାଙ୍କୁ ବି ଦିଲ୍ଲୀରୁ ବାନ୍ଧିଛି ପୁଲିସ । ସମ୍ପୃକ୍ତ ଛାତ୍ରନେତାଙ୍କ ମୋବାଇଲ ଓ ସିମ୍ ଜବତ ହୋଇଛି । ହତ୍ୟାକାଣ୍ଡରେ ବ୍ୟବହୃତ କିଛି ଦାମୀ ଗାଡ଼ି ଓ ବାଇକ୍ ପୁଲିସ ହାତରେ ଲାଗିଥିବା ସୂଚନା ମିଳିଛି ।

## ପାର୍ଟ ପ୍ଲଟ କିଣାବିକା ଜାଲିଆତି ମାମଲାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ପାର୍ଟ ପ୍ଲଟ କିଣାବିକା ଜାଲିଆତି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ୧୦୦ରୁ ଅଧିକ ପାର୍ଟ ପ୍ଲଟ କିଣାବିକା କରିଥିବା ୩୦୦ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ୩୦୦ ସବ ରେଜିଷ୍ଟ୍ରାରଙ୍କ ବିରୋଧରେ ରାଜସ୍ୱ ବିଭାଗ ପକ୍ଷରୁ ଅଭିଯୋଗ ପତ୍ର ଜାରି କରାଯାଇଛି । ଏଣିକି ପାର୍ଟ ପ୍ଲଟ କିଣାବିକରେ କିଛି ସମସ୍ୟା ହେବ ନାହିଁ । ଆଗରୁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ସମସ୍ୟା ସୃଷ୍ଟି ହୋଇଥିଲା । ଏବେ ନଗର ଉନ୍ନୟନ ବିଭାଗ, ଡେଭେଲପମେଂଟ ଅଥରିଟି, ରେରା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ରାଜସ୍ୱ ବିଭାଗ ସ୍ପଷ୍ଟିକରଣ ରଖିଛି । ଏବେ ସମସ୍ୟା ହେଉଛି ଆପାର୍ଟମେଂଟ କିଣାବିକା । ଅନେକ ଲୋକ ମତେ ଫୋନ କରି ପଚାରୁଛନ୍ତି ।

## ସପ୍ତାହେ ଯାଏଁ ବର୍ଷା ନେଇ ପାଣିପାଗ ବିଭାଗର ୱାର୍ଣ୍ଣିଂ: ପଛକୁ ପଛ ୩ ଲଘୁଚାପ ନେଇ ପାଣିପାଗ ବିଜ୍ଞାନୀଙ୍କ ପୂର୍ବାନୁମାନ

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ଅକ୍ଟୋବର ଶେଷ ଆଡକୁ ଆସିପାରେ ବାତ୍ୟା । ପୂର୍ବରୁ ଆମେରିକୀୟ ପାଣିପାଗ ସଂସ୍ଥା ଏଉଝ ମଡେଲ ଇଣ୍ଡିକେସନ ପରେ ଏଣେ ସାଇକ୍ଲୋନକୁ ନେଇ ଏଭଳି ଅନୁମାନ ଲଗାଇଲେଣି ଅଭିଜ୍ଞ ପାଣିପାଗ ବିଜ୍ଞାନୀ ଡକ୍ଟର ଶରତ ସାହୁ । ସେ କହିଛନ୍ତି-ଏବେକୁ ମିଶାଇ ପଛକୁ ପଛ ଆହୁରି ୨ଟି ଲଘୁଚାପ ଆସୁଛି । ଶେଷଟି ଅଧିକ ଶକ୍ତିଶାଳୀ ହେବ । ହେଲେ ଯଦିଓ ଆଇଏମଡି ଏନେଇ କୌଣସି ସ୍ପଷ୍ଟ ସୂଚନା ଦେଇନି- କିନ୍ତୁ ରାଜସ୍ୱ ମନ୍ତ୍ରୀ ଦକ୍ଷିଣ ଓଡ଼ିଶାକୁ ରେଡ୍ ଜୋନ୍ ରେ ରଖାଯାଇଥିବା ଓ ବାତ୍ୟା ମୁକାବିଲା ନେଇ ସରକାର ପ୍ରସ୍ତୁତ ବୋଲି କହିବା ପରେ ଶଙ୍କା ବଢ଼ିଛି । ସେଇ ଅକ୍ଟୋବର, ସେଇ ୨୯ ତାରିଖ । ଛାତିରେ ଛନକା ପଶେଇଲାଣି ୧୯୯୯ ମହାବାତ୍ୟା । କାରଣ ସତ ହେଇଯିବ କି ଆମେରିକୀୟ ପାଣିପାଗ ବିଜ୍ଞାନ ସଂସ୍ଥା ଏଉଝର ପୂର୍ବାନୁମାନ ? ୨୯ ତାରିଖ ବେଳକୁ ଓଡ଼ିଶାକୁ ଗ୍ରାସିବ କି ପୁଣି ଏକ ଶକ୍ତିଶାଳୀ ସାଇକ୍ଲୋନ୍ ? ଯେହେତୁ ଚଳିତ ମାସ ଶେଷକୁ ଗୋଟିଏ ନୁହେଁ ପଛକୁ ପଛ ତିନିଟି ଲଘୁଚାପ ନେଇ ପାଣିପାଗ ବିଜ୍ଞାନୀ ଆକଳନ କଲେଣି ଓ ଏହାର ପ୍ରକୋପ ନେଇ ବି ଅନୁମାନ ଲଗାଇଲେଣି, ତେଣୁ ବଢୁଛି ଭୟ । ବିଶିଷ୍ଟ ପାଣିପାଗ ବିଜ୍ଞାନୀ ଶରତ ସାହୁଙ୍କ ଆକଳନ କହୁଛି- ଏବେ ଗୋଟିଏ ଲଘୁଚାପ ସୃଷ୍ଟି ହୋଇଛି, ଯାହା ପ୍ରଭାବରେ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଛି । ହେଲେ ୨୬ ବେଳକୁ ଦ୍ୱିତୀୟ ଓ ୨୯ ବେଳକୁ ତୃତୀୟ ଲଘୁଚାପ ଆସିବ । ଗୋଟିଏ ତାମିଲନାଡୁ ଓ ଅନ୍ୟଟି ଦକ୍ଷିଣ ଆନ୍ଧ୍ର ଉପକୂଳରେ

▶▶ପୃଷ୍ଠା ୭

## ସରିଲା ନାମାଙ୍କନ: ମୈଦାନରେ ମୋଟ୍ ୧୯ ପ୍ରାର୍ଥୀ

## ହାଇଭୋଲଟେଜ ଲଢେଇ ଅପେକ୍ଷାରେ ନୂଆପଡା



ଭୁବନେଶ୍ୱର, ୨୧/୧୦ (ନି.ପ୍ର): ସରିଲା ନାମାଙ୍କନ, ଆଜିଠୁ ନୂଆପଡ଼ାରେ ଜମିବ ପ୍ରଚାର । ନୂଆପଡା ବିଧାନସଭା ଉପ ନିର୍ବାଚନ ପାଇଁ ସୋମବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଥିଲା । ସମୁଦାୟ ୧୯ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେମାନେ ହେଲେ ବିଜୁ ଜନତା ଦଳର ସ୍ନେହାଙ୍ଗିନୀ ଛୁରିଆ, ଭାରତୀୟ ଜନତା ଦଳର ଜୟ ଢୋଲକିଆ ଏବଂ ଭାରତୀୟ ଜାତୀୟ କଂଗ୍ରେସର ଘାସିରାମ ମାଝୀ । ଏହାସହ ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିର ହେମନ୍ତ ତାଣ୍ଡି, ବହୁଜନ ସମାଜ ପାର୍ଟିର ରାଜା ରାମ ସାହୁ, ଓଡ଼ିଶା ଜନତା ଦଳର ଶୁକଧର ଦଣ୍ଡସେନା, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ସୀତାରାମ ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏମାନଙ୍କ ସହିତ ୧୧ ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସ୍ୱାଧୀନ ପ୍ରାର୍ଥୀ ମାନେ ହେଲେ ଆଶ୍ରୟ ମହାନନ୍ଦ, ଇ.ଚକ୍ରାନ୍ତ ଜେନା, ପୁରୁଷୋତ୍ତମ ବେହେରା,କମଲ କୁମାର ଛତ୍ରିଆ, ଭୁବନଲାଲ ସାହୁ, ଲୋଚନ ମାଝୀ,

▶▶ପୃଷ୍ଠା ୭

## ବଲିଉଡ ଅଭିନେତା ଅସରାନୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ବଲିଉଡ ଅଭିନେତା ଅସରାନୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶ୍ରୀ ଗୋବର୍ଦ୍ଧନ ଅସରାନୀ ଜୀଙ୍କର ଦେହାନ୍ତ ସମ୍ବାଦ ଅତ୍ୟନ୍ତ ଦୁଃଖଦ । ଭାରତୀୟ ସିନେମା ଜଗତରେ ତାଙ୍କର ଅମୂଲ୍ୟ ଅବଦାନ, ବିଶେଷ କରି ତାଙ୍କର ବିଶିଷ୍ଟ ଓ ଅଦ୍ଭୁତ ଅଭିନୟ କ୍ଷେତ୍ରରେ ତାଙ୍କର ଅଗ୍ରଣୀ ଭୂମିକା, ସର୍ବଦା ପାଇଁ ଇତିହାସରେ ଓ ଲକ୍ଷଲକ୍ଷ ଭକ୍ତମାନଙ୍କର ହୃଦୟରେ ଅମର ରହିବ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କର ପବିତ୍ର ଆତ୍ମାକୁ ଶାଶ୍ୱତ ଶାନ୍ତି ଦିଅନ୍ତୁ ।

## ଡିଜିପିଙ୍କୁ ଭେଟିଲେ ବିଜେଡ଼ି ଟିମ୍

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ଜଗତସିଂହପୁରରେ ବିଜେଡି କର୍ମୀଙ୍କୁ ଆକ୍ରମଣ ପ୍ରସଙ୍ଗରେ ବିଜେଡିର ଏକ ପ୍ରତିନିଧି ଦଳ ଡିଜିପିଙ୍କୁ ଫେରାଦ ହୋଇଛି । ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ ୱାୟି ବି ଖୁରାନିଆଙ୍କୁ ଭେଟି ଜଗତସିଂପୁର ଥାନା ଅଞ୍ଚଳରେ ବିଜେଡି କର୍ମୀ ତଥା ସୋସିଆଲ ମିଡ଼ିଆରେ ବିଭିନ୍ନ ପୋଷ୍ଟ ମାଧ୍ୟମରେ ଲୋକପ୍ରିୟତା ହାସଲ କରିଥିବା ରଶ୍ମି ପରିଜାଙ୍କ ଉପରେ ବିଜେପି କର୍ମୀଙ୍କ ଦ୍ୱାରା ମାରାଣତଙ୍କ ଆକ୍ରମଣର ନିନ୍ଦା କରିବା ସହିତ ଦୁର୍ବୃର୍ତ୍ତ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଥିଲେ । ଶ୍ରୀମତୀ ରଶ୍ମି ପରିଜା ଏବେ ଜଗତସିଂହପୁର ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

## ଟେନସନରେ ନୀତିଶ କୁମାର: ନୀତିଶଙ୍କ ଭୋଟ୍ ବ୍ୟାଙ୍କ ଚୋରି କରିନେଲେ ତେଜସ୍ୱୀ



ନୂଆଦିଲ୍ଲୀ,୨୧/୧୦ : ବିହାରରେ ଏବେ ନିର୍ବାଚନ ଋତୁ । ଭୋଟ୍ ପଡ଼ିବାକୁ ଆଉ ମାତ୍ର କିଛି ଦିନ ବାକି ଥିବାବେଳେ, ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଟେନସନ୍ ଏବେ ମୁଣ୍ଡ ଉପରେ । କାହିଁକି ନା ନୀତିଶଙ୍କ ସବୁଠୁ ବଡ଼ ଭୋଟ୍ ବ୍ୟାଙ୍କକୁ ଚୋରି କରିନେବାକୁ ଉଦ୍ୟମ କରିଛନ୍ତି ଆରଜେଡି ନେତା ତେଜସ୍ୱୀ ଯାଦବ । ଯାହାକି ନିର୍ବାଚନରେ ନୀତିଶଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିପାରେ । ଖାଲି ସେତିକି ନୁହେଁ, ନୀତିଶଙ୍କ ରାଜନୀତିର ସମୀକରଣକୁ ମଧ ଦୋହଲାଇ ଦେଇପାରେ । ବିହାରରେ ନୀତିଶ କୁମାରଙ୍କ ସବୁଠୁ ବଡ଼ ବିଶ୍ୱସ୍ତ ଭୋଟ୍ ବ୍ୟାଙ୍କ୍ ହେଉଛନ୍ତି ମହିଳା ଭୋଟର । ମହିଳା ଭୋଟରଙ୍କୁ ହାତ କରି ନୀତିଶ ଏହା ପୂର୍ବରୁ ଅନେକ ନିର୍ବାଚନ ଜିତିସାରିଛନ୍ତି । ହେଲେ ଏଥର କିନ୍ତୁ ଏହି ମହିଳା ଭୋଟ୍ ବ୍ୟାଙ୍କ୍ ଉପରେ ତେଜସ୍ୱୀ ଯାଦବ ସବୁଠୁ ଅଧିକ ଫୋକସ୍ କରିବା ସହିତ, ନୀତିଶଙ୍କୁ କେମିତି ଚକମା ଦେବେ, ସେନେଇ କଷିଛନ୍ତି ରାଜନୀତିର ଗଣିତ । ଏଥର ବିହାର ବିଧାନସଭା ନିର୍ବାଚନ ପାଇଁ ଆରଜେଡି ୧୪୩ ଆସନରେ ନିଜର ପ୍ରାର୍ଥୀ ଦେଇଛି । ଯାହା ଭିତରୁ ସବୁ ପାର୍ଟିଙ୍କ ଅପେକ୍ଷା ଆରଜେଡି ଅଧିକ ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିଛି । ୧୪୩ ଆସନ ଭିତରୁ ୨୪ ଟି ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିଛି ଆରଜେଡି । ଅନ୍ୟମାନଙ୍କ ଭିତରେ ବିଜେପି ଆଉ ଜେଡିୟୁ କେବଳ ୧୩ ଜଣ ଲେଖାଏଁ ମହିଳା ପ୍ରାର୍ଥୀଙ୍କୁ ଟିକେଟ୍ ଦେଇଥିବାବେଳେ, ଆରଜେଡି ସବୁଠୁ ଅଧିକ ମହିଳାଙ୍କୁ ପ୍ରାର୍ଥୀ କରିଛି । ଯାହାଫଳରେ ଅଧିକରୁ ଅଧିକ ମହିଳା ଆରଜେଡି ସପକ୍ଷରେ ଭୋଟ୍ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ନଜର ପକାନ୍ତୁ ଆରଜେଡିର ଟିକେଟ୍ ବଣ୍ଟା ପଛରେ ଥିବା ସାମାଜିକ ସମୀକରଣ ଉପରେ । ନୀତିଶ କୁମାରଙ୍କୁ ନିର୍ବାଚନରେ ସବୁଠୁ ଅଧିକ ମହିଳା ଭୋଟ୍ ଦେଇଥାନ୍ତି । ହେଲେ ଏଥର କିନ୍ତୁ ଏହି ମହିଳା ଭୋଟ୍ ବ୍ୟାଙ୍କ ଉପରେ ନଜର ପକାଇଛନ୍ତି ତେଜସ୍ୱୀ ଯାଦବ । ଯେତେବେଳେ ଏନଡିଏରେ ଥିବା ବିଜେପି ଏବଂ ଜେଡିୟୁ ମାତ୍ର ୧୩ ଜଣ ଲେଖାଏଁ ମହିଳା ପ୍ରାର୍ଥୀ ଦେଇଛନ୍ତି, ସେତେବେଳେ ଏକାକି ଆରଜେଡି ଦେଇଛି ୨୪ ମହିଳା ପ୍ରାର୍ଥୀ । ଯାହାକି ଏଥର ମହିଳା ଭୋଟରଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇପାରେ । ଜାଣିରଖିବା ଉଚିତ ଯେ, ଦେଶର ରାଜନୀତି ଏବେ କଡ଼ ଲେଉଟାଉଛି ।

## ଜାପାନକୁ ମିଳିଲା ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ: ମୋଦୀ ଜଣାଇଲେ ଶୁଭେଚ୍ଛା



ନୂଆଦିଲ୍ଲୀ,୨୧/୧୦ : ଜାପାନକୁ ମିଳିଲା ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ । ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇଛନ୍ତି ସାନାଏ ତାକାଇଚି । ସେ ପ୍ରଧାନମନ୍ତ୍ରୀ ହେବା ପରେ ତାଙ୍କ ନିକଟକୁ ଛୁଟିଛି ଶୁଭେଚ୍ଛାର ଶୁଅ । ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସାନାଏ ତାକାଇଚିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ସେ କହିଛନ୍ତି ଯେ ସେ ଦୁଇ ଦେଶ ମଧ୍ୟରେ ରଣନୈତିକ ସହଭାଗୀତାକୁ ସୁଦୃଢ଼ କରିବା ଏବଂ ଏକାଠି କାମ କରିବାକୁ ଅପେକ୍ଷା କରିଛନ୍ତି । ତାକାଇଚି ଶିଗେରୁ ଇଶିବାଙ୍କ ଉତ୍ତରାଧିକାରୀ ହେବେ । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଢ'ରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି, 'ସାନାଏ ତାକାଇଚି, ଜାପାନର ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଥିବାରୁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଭାରତ-ଜାପାନ ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱ ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ମୁଁ ଆପଣଙ୍କ ସହିତ ଘନିଷ୍ଠ ଭାବରେ କାମ କରିବାକୁ ଅପେକ୍ଷା କରିଛି । ଆହୁରି ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ପାଇଁ ଆମ ଦେଶ ମଧ୍ୟରେ ସମ୍ପର୍କକୁ ଗଭୀର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।' ୟୁଏଇ ରାଷ୍ଟ୍ରପତି ଶୁଭେଚ୍ଛା ଜଣାଇଛନ୍ତି ।

▶▶ପୃଷ୍ଠା ୭

## ବିଜେପି ଜନ ସୁରାଜ ପ୍ରାର୍ଥୀଙ୍କୁ ଧମକ ଦେଉଥିବା ଅଭିଯୋଗ ଆଣିଲେ ପ୍ରଶାନ୍ତ କିଶୋର



ନୂଆଦିଲ୍ଲୀ,୨୧/୧୦ : ବିହାର ବିଧାନସଭା ନିର୍ବାଚନର ଉଭୟ ପର୍ଯ୍ୟାୟ ପାଇଁ ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟ ପାଇଁ ନାମାଙ୍କନ ପ୍ରତ୍ୟାହାର କରିବାର ଶେଷ ତାରିଖ ଅକ୍ଟୋବର ୨୩ ରହିଛି । ଏହି ସମୟରେ, ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର(ପିକେ)ମଙ୍ଗଳବାର ପାଟନାରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ସମ୍ମିଳନୀ ସମୟରେ ସେ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି । ପିକେ କହିଛନ୍ତି, ବିଜେପି ଜନ ସୁରାଜକୁ ସବୁଠାରୁ ଅଧିକ ଭୟ କରୁଛି । ପ୍ରଶାନ୍ତ କିଶୋର କହିଛନ୍ତି, ଆମର ପ୍ରାର୍ଥୀମାନଙ୍କୁ ଭୟଭୀତ କରାଯାଉଛି ଏବଂ ହଇରାଣ କରାଯାଉଛି ।

▶▶ପୃଷ୍ଠା ୭

# ପୂର୍ବ ଶତ୍ରୁତାକୁ ନେଇ ଦମ୍ପତିଙ୍କୁ ରାସ୍ତାରେ ବାନ୍ଧି ନିସ୍ଥୁକ ପିଟିଲେ କିଛି ଲୋକ: ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି

ବାଲିଆପାଳ , ୨୧/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଗୁନାପୁର ଛକରେ ରବିବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଏକ ଦମ୍ପତିଙ୍କୁ କିଛି ଲୋକ ଦଉଡ଼ିରେ ବାନ୍ଧି ପିଟା ମାରା କରୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି । କିଛି ଲୋକ ସେମାନଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ଭିଡ଼ିଓ ଉତ୍ତୋଳନ କରୁଥିବାର ମଧ ଦେଖିବାକୁ ମିଳିଛି । ତେବେ ଉଭୟ ଗୋଷ୍ଠୀ ଗୁନାପୁର ଗ୍ରାମର ଦୁଇ ପରିବାରର ବୋଲି ଜଣା ଯାଇଛି । ଉଭୟ ପକ୍ଷରୁ ଏନେଇ ଥାନାରେ ଭିନ୍ନ ଭିନ୍ନ ଦୁଇଟି ଲିଖିତ ଅଭିଯୋଗ ହୋଇଥିବାର ସୂଚନା ମିଳିଛି । ପୁଷ୍ପାରାଣୀ ଜେନା ଓ ଜୟନ୍ତ ଜେନା ଉଭୟ ସ୍ୱାମୀ ସ୍ତ୍ରୀ ନିଜ ଗାଁ ଗୁନାପୁର ଛକକୁ ମାର୍କେଟିଂ କରିବାକୁ ଆସିଥିବା ବେଳେ ସେହି ଗ୍ରାମର ମିଟୁ ପାତ୍ର , ଦେବା ପାତ୍ର, ପାକୁଆ ପାତ୍ର , ବଣ୍ଟି ପାତ୍ର ଯୋଜନ ଭାବରେ ସେମାନଙ୍କୁ ଆକ୍ରମଣ କରି ଦଉଡ଼ିରେ ବାନ୍ଧି ପକାଇ ପିଟା ମାରା କରିବା ସହିତ ପୁଷ୍ପା ରାଣୀକୁ ଦୁର୍ବ୍ୟବହାର କରିଥିବା ନେଇ ପୁଷ୍ପା ରାଣୀ ଜେନା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଅନ୍ୟ ପକ୍ଷ ରୁ ମଧ ଏନେଇ ଅଭିଯୋଗ ହୋଇଥିବାର ଜଣାଯାଇଛି ।

# ‘ଆମ ବସ୍‌ଷ୍ଟାଣ୍ଡ’ର ସ୍ଥିତି ଦୟନୀୟ : କାମରେ ଆସୁନି ମାର୍କେଟ୍ କମ୍ପ୍ଲେକ୍ସ

ଖଣ୍ଡପଡ଼ା, ୨୧/୧୦ (ନି.ପ୍ର): ଆଜକୁ ୨୦ ମାସ ପୂର୍ବେ ବହୁ ଆଡ଼ମ୍ବର ସହକାରେ ‘ଆମ ବସ୍‌ଷ୍ଟାଣ୍ଡ’ ଉଦ୍‌ଘାଟିତ ହୋଇଥିଲା । ସମ୍ପ୍ରତି ଏହାର ସ୍ଥିତି ବଦଳି ଯାଇଛି । ବସ୍‌ଷ୍ଟାଣ୍ଡର ଅନେକ ସ୍ଥାନରୁ ରଙ୍ଗ ଛାଡ଼ିଯାଇଥିବା ବେଳେ କାନ୍ଥରେ ଫାଟ ସୃଷ୍ଟି ହେଉଛି । କେବଳ ଏହାନୁହେଁ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ମାର୍କେଟ୍ କମ୍ପ୍ଲେକ୍ସ ଏଯାଏଁ ବ୍ୟବହାର ହୋଇପାରିନାହିଁ । ରାଜ୍ୟ ପୁଲିସ ହାଉସିଂ ବୋର୍ଡ୍ ଦ୍ୱାରା ପ୍ରାୟ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ବସ୍‌ଷ୍ଟାଣ୍ଡ୍‌ଟି ୨୦୨୪ ଫେବ୍ରୁଆରି ୧୫ରେ ଉଦ୍‌ଘାଟିତ ହୋଇଥିଲା । ପରିସର ମଧ୍ୟରେ ଅତ୍ୟାଧୁନିକ ଆଲୋକ ବ୍ୟବସ୍ଥା ସାଙ୍ଗକୁ ଯାତ୍ରୀ ବିଶ୍ରାମଗାର, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଚାଳକ ବିଶ୍ରାମ ଗୃହ, ବସ୍ ମରାମତି ସ୍ଥାନ, ବସ୍ ଟର୍ମିନାଲ ଓ କାଫେ ଆଦିର ବ୍ୟବସ୍ଥା ରହିଥିଲା । ପ୍ରାୟ ୨୦ ମାସ ପରେ ଏବେ ବସ୍‌ଷ୍ଟାଣ୍ଡଟି ଦୟନୀୟ ହୋଇପଡ଼ିଛି । ଏକାଧିକ ସ୍ଥାନରୁ ରଙ୍ଗ ଛାଡ଼ି ଯାଇଥିବା ବେଳେ ଅନେକ ସ୍ଥାନରେ କାନ୍ଥ ଓ ଛାତରେ ଫାଟ ଦେଖାଗଲାଣି । ବସ୍‌ଷ୍ଟାଣ୍ଡ ପ୍ରବେଶପଥରେ ଓ ପରିସର ମଧ୍ୟରେ ଥିବା ଦୋକାନ ଗୃହ ତଥା କାଫେଗୁଡ଼ିକ ଉଦ୍‌ଘାଟନ ପରଠାରୁ ବ୍ୟବହାର ହୋଇନାହିଁ । ସହର ଠାରୁ ଦୂରରେ ଉମାଦେବୀ ସାହି ନିକଟରେ ଏହାକୁ ସ୍ଥାପନ କରାଯାଇଛି, ଏଣୁ ଯାତାୟତର ସୁଗମତା ଦୃଷ୍ଟିରୁ ଏଠାକୁ ଆସିବାକୁ ଯାତ୍ରୀମାନେ ଇଚ୍ଛାପ୍ରକାଶ କରୁନାହାନ୍ତି । ଲକ୍ଷ୍ମୀ ବସ୍ ବ୍ୟତୀତ ଅନ୍ୟ ଘରୋଇ ବସ୍ ଏଠାକୁ ଆସୁନାହିଁ । ଅପରପକ୍ଷରେ, ଉଦ୍‌ଘାଟନ ସମୟରେ ଘରୋଇ ମୋଟର ମାଲିକ ସଂଘକୁ ଡକାଯାଇନଥିବାରୁ ସେସମୟରେ ମଧ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବସଷ୍ଟାଣ୍ଡରୁ କିଛି ନିର୍ଦ୍ଦିଷ୍ଟ ରୁଟ୍‌ରେ ଲକ୍ଷ୍ମୀ ବସ ଚଳାଚଳ ପାଇଁ ଦାବି ହେଉଥିଲେ ମଧ ଏନେଇ ପଦକ୍ଷେପ ନିଆଯାଇନାହିଁ । ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ତଥା ନିମ୍ନମାନର କାମ ଯୋଗୁଁ କିଛି ମାସ ମଧ୍ୟରେ ଏହା ଭୂତକୋଠି ପାଲଟିବ ବୋଲି ସ୍ଥାନୀୟ ବାସିନ୍ଦା ମତ ଦେଇଛନ୍ତି ।

## ୮୮ ବର୍ଷରେ ପହଂଚିଲା ଗୁଲନଗର କାଳୀପୂଜା

କେନ୍ଦ୍ରାପଡ଼ା, ୨୧/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନସ୍ଥ ଗୁଲନଗର ପଂଚାୟତର ଗୁଲନଗର ଗ୍ରାମରେ ଦୀର୍ଘ ୮୮ବର୍ଷ ହେବ ମା’ ଦକ୍ଷିଣ କାଳୀଙ୍କର ମୂର୍ତ୍ତୀ ପୂଜାପାଇ ଆସୁଛନ୍ତି । ପ୍ରବାଦ ଅଛି ୧୯୩୭ ମସିହାରେ ଯେତେବେଳେ ଏହି ଅଂଚଳରେ ମହାମାରୀ ହଇଜା ବ୍ୟାପିଲା ଲୋକମାନେ ଭୟଭିତ ହୋଇପଡିଥିଲେ । ଏହାର ପ୍ରତିକାର ପାଇଁ ଗୁଲନଗର ଗ୍ରାମର କାଳୀ ସାଧକ କହ୍ନାଇ ଚରଣ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ସୁଦର୍ଶନ ଚକ୍ରବର୍ତ୍ତି, କୃତିବାସ ସାହୁ, ଇଶ୍ୱର ପୃଷ୍ଟି, ନିତ୍ୟାନନ୍ଦ ମହାରଣା, ପୂର୍ଣ୍ଣ ଚନ୍ଦ୍ର କର, ଜଳଧର କର, ଓ ଗ୍ରାମବାସୀଙ୍କ ସହଯୋଗରେ କାଳୀପୂଜା ବିଧିବଦ୍ଧ ଭାବେ ଆରମ୍ଭ କରିଥିଲେ । ପ୍ରତି ବର୍ଷ ଇଚ୍ଛାପୁରର ଗୋପିମିସ୍ତ୍ରୀ ଏହି ମୂର୍ତ୍ତୀ କରିଆସୁଥିଲେ । ବର୍ତ୍ତମାନ ତାଙ୍କର ମୃତ୍ୟୁପରେ ତାଙ୍କ ପୁତ୍ର ଏହି ମୂର୍ତ୍ତୀ କରୁଛନ୍ତି । ୧୯୯୫ ମସିହାରେ କାହ୍ନାଇ ଚରଣ ଚକ୍ରବର୍ତ୍ତୀଙ୍କର ଦେହାନ୍ତ ପରେ ବର୍ତ୍ତମାନ ତାଙ୍କ ପୁତ୍ର ଭଗବତୀ ଚରଣ ଚକ୍ରବର୍ତ୍ତୀ ସେହି କାଳୀପୂଜା କରିଆସୁଛନ୍ତି । ଅମାବାସ୍ୟା ଠାରୁ ୫ଦିନ ଧରି ଏହି ପୂଜା ଅନୁଷ୍ଠିତ ହେଉଛି । ସନ୍ତୋଷ ଚକ୍ରବର୍ତ୍ତି, ଜୟନ୍ତ ଚକ୍ରବର୍ତ୍ତି, ମନମଥ ଚକ୍ରବର୍ତ୍ତି ଓ ଗ୍ରାମବାସୀମାନେ କାଳୀ ପୂଜାରେ ସହାୟତା କରିଥାନ୍ତି ।

# ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ କାଲାମଙ୍କ ଜୟନ୍ତୀ ଓ ଅଧ୍ୟାପକ ପ୍ରଶାନ୍ତ ବେହେରାଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଉଦଳା, ୨୧/୧୦ (ନି.ପ୍ର): ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ବୈଜ୍ଞାନିକ ମିଶାଇଲ ମ୍ୟାନ ଏ.ପି.ଜେ. ଅବଦୁଲ କଲାମଙ୍କର ଜୟନ୍ତୀ ଓ ଉତର ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ୰ ପ୍ରଶାନ୍ତ ବେହେରାଙ୍କର ସପ୍ତମ ଶ୍ରାଦ୍ଧ ବାର୍ଷିକୀ କାର୍ଯ୍ୟକ୍ରମ ଉଦଳାସ୍ଥ ସନ୍ଧାନଗୃହ କକ୍ଷରେ ପ୍ରଶାନ୍ତ ସ୍ମୃତି ପରିଷଦ ଉଦଳା ଧ୍ୱନି ପ୍ରତିଧ୍ୱନି ପାଠକ ମଂଚ ଉଦଳା, ଉଦଳା ସାହିତ୍ୟ ସଂସଦ ଉଦଳା ଓ ସଂସ୍କାର ସାହିତ୍ୟ ପରିଷଦ ଚାନ୍ଦବାଲିର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭକ୍ତିଜ୍ଞାନ ସଂଚାର ସେବା ସମିତିର ସମ୍ପାଦକ ରବିକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. ଦିଲୀପ କୁମାର ଦୀକ୍ଷିତ, ଉଦ୍‌ଘାଟିକା ଭାବରେ ଉଦଳା ଏନ୍.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ମୁଖ୍ୟ ବକ୍ତା ଭାବରେ ଚେତନା ସାହିତ୍ୟ ସଂସଦ ଖନ୍ତାପଡ଼ାର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାରସ୍ୱତ ସାଧକ କିଶୋର ଚନ୍ଦ୍ର ଦାସବାବୁ, ସଂସ୍କାର ସାହିତ୍ୟ ପରିଷଦ ଚାନ୍ଦବାଲିର ଉପଦେଷ୍ଟା ତାରାପଦ ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁସାହିତ୍ୟିକ ଭୋଳାନାଥ ସାହୁ ଓ କବୟିତ୍ରୀ ଗୀତାଂଜଳି ପାଣିଗ୍ରାହୀ



ଯଶସ୍ୱୀ ପୂର୍ବତନ ରାଷ୍ଟ୍ରପତି ଅବଦୁଲ କାଲାମ ଓ ଉତର ଓଡ଼ିଶା ସାହିତ୍ୟ ଜଗତର ସର୍ବ ପରିଚିତ ସାରସ୍ୱତ ସାଧକ ଅଧ୍ୟାପକ ପ୍ରଶାନ୍ତ ବେହେରାଙ୍କର ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖି ସେମାନଙ୍କ ଆଦର୍ଶରେ ବର୍ତ୍ତମାନର ଯୁବପିଢ଼ୀ ମାନଙ୍କୁ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସମ୍ପାଦକ ତଥା ସମ୍ପର୍କ ପତ୍ରିକାର ସମ୍ପାଦକ ଡ଼. କୁମାର ଗୋପାଲ ମଂଚ ଆହ୍ୱାନ ସହ ଅତିଥି ମାନଙ୍କର ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉଦ୍‌ଘାଟିକା ମଂଚାସୀନ ଅତିଥି ମାନଙ୍କ ସହ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସାହିତ୍ୟ ସାଧକ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରଜତ କୁମାର ପଣ୍ଡା ବେଦପାଠ କରିଥିଲେ । ସଭା ପ୍ରାରମ୍ଭରେ ସଂସ୍କାର ସାହିତ୍ୟ ପରିଷଦର ନବ ଜନ୍ମିତ ପୁସ୍ତକ ‘ସମ୍ପର୍କ’ର ଉନ୍ମୋଚନ ଓ ଲୋକାର୍ପଣ ହୋଇଥିଲା । ସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରୁ ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକ, ଅଧ୍ୟାପକ ଅମରେନ୍ଦ୍ର ମହାପାତ୍ର, ସୁସାହିତ୍ୟିକ ବାସୁଦେବ ନାପିତ, ଯୁବବକ୍ତା ସୌମ୍ୟ ତ୍ରିପାଠୀ ବୈଜ୍ଞାନିକ ଅବଦୁଲ କାଲାମ ଓ ସାହିତ୍ୟ ସେତୁ ୰ପ୍ରଶାନ୍ତ ବେହେରାଙ୍କର ସଫଳତାର ରହସ୍ୟ ସମ୍ପର୍କରେ ଅନେକ ଅଜଣା କଥା ବୟାନ କରିଥିଲେ । ୰ ବେହେରାଙ୍କର ପିତା ଧୂରୀଣ ଶିକ୍ଷକ ଓ ଶିଶୁ ସାହିତ୍ୟିକ ଶ୍ରୀକାନ୍ତ ପ୍ରସାଦ ବେହେରା, ଅନୁଜ ଇଂ ସୁଶାନ୍ତ କୁମାର ବେହେରାଙ୍କର ସାହିତ୍ୟାନୁରାଗ ଓ ସ୍ମୃତି ସୁରକ୍ଷାରେ ସେମାନଙ୍କର ନିଷ୍ଠା ସମ୍ପର୍କରେ ଭୂୟସୀ ପ୍ରଶଂସା କରିଥିଲେ । ଶେଷ ଭାଗରେ କବୟିତ୍ରୀ ନମିତା ରାଉତ ଓ ମାଳତୀ ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କବିତା ପାଠୋତ୍ସବରେ ଯେଉଁମାନେ କବିତା ପାଠ କରିଥିଲେ ସେମାନଙ୍କ ମଧ୍ୟରେ ରେମୁଣାସ୍ଥ ବିଶିଷ୍ଟ ବ୍ୟଂଗକବି ପ୍ରଭାକର ସାହୁ, କବୟିତ୍ରୀ ପ୍ରମିଳା ଜେନାଙ୍କ ସହ ବହୁ କବି କବୟିତ୍ରୀ ତାଙ୍କ ସ୍ୱରଚିତ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମ ମଧ୍ୟାନ୍ତରରେ ପ୍ରଶାନ୍ତର ସ୍ମୃତି ପରିଷଦ ଉଦଳା ଦ୍ୱାରା ଉପଖଣ୍ଡରେ ଗତ ଦଶମଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସଂସ୍କୃତି ବିଶ୍ୱାଳଙ୍କୁ ଏ.ପି.ଜେ ଅବଦୁଲ କାଲାମ ସ୍ମୃତି ସମ୍ମାନ ଓ ସୁନା ହାଁସଦାଙ୍କୁ ସମାଜ ସଂସ୍କାର ପାଇଁ ପ୍ରଶାନ୍ତ ବେହେରା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ସଂସ୍କାର ସାହିତ୍ୟ ପରିଷଦ ଚାନ୍ଦବାଲି ତରଫରୁ ସମାଜ ସଂସ୍କାର ଓ ପ୍ରକୃତି ପ୍ରେମୀ ତଳିଆସ୍ଥିତ ନୁଦଡ଼ିହାର ମହିମା ଧର୍ମର ବିଶିଷ୍ଟ ସାଧକ ଛୁଆ ବାବାଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଏମ୍.ସରେ ଡ଼ାକ୍ତରୀ ଅଧ୍ୟୟନ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବାଲେଶ୍ୱରର ମେଧାବୀ ଛାତ୍ର ଶ୍ରୀମାନ ସଞ୍ଜିବ ପାଣିଗ୍ରାହୀଙ୍କୁ ମଧ ଯଥାରୀତି ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ଯେଉଁ ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହାୟତା କରିଥିଲେ । ସେମାନଙ୍କ ମଧ୍ୟରେ ଭକ୍ତିଜ୍ଞାନ ସଂଚାର ସମିତିର ଅଧ୍ୟକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ ବରିଷ୍ଠ ଶିକ୍ଷାବିତ ପ୍ରତାପ ପଣ୍ଡା, ଶତୃଘ୍ନ ସାମଲ, ସଂଗଠକ ମନୋରଂଜନ ମଲ୍ଲିକ ସୁଶିକ୍ଷକ ସନ୍ତୋଷ କୁମାର ସାହୁ, ସ୍ମୃତିମୟୀ ଦାସ, ସନାତନ ରାଉତ, ବରିଷ୍ଠ ସାମ୍ବାଦିକ ସର୍ବେଶ୍ୱର ମହାପାତ୍ର, ଯୁବ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, କରୁଣାକର ଦାସ, ଆଶିଷ କୁମାର ମଲ୍ଲିକ ପ୍ରମୁଖ ଥିଲେ । ସର୍ବୋପରି ଶ୍ରୀକାନ୍ତ ବେହେରାଙ୍କ ଧର୍ମପତ୍ନୀ ନୟନା ବେହେରା, ୰ ପ୍ରଶାନ୍ତ ବେହେରାଙ୍କ ପତ୍ନୀ ଅବନ୍ତୀ ବେହେରା, ଜାହ୍ନବୀ ପୁଚ୍ଛି ଓ ଅନ୍ୟମାନେ କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଉପସ୍ଥିତ ରହି ସମସ୍ତ କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ । ସର୍ବଶେଷରେ ପ୍ରଶାନ୍ତ ବେହେରା ସ୍ମୃତି ପରିଷଦର ସମ୍ପାଦକ ଇଂ ସୁଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୀପାବଳିରେ ପ୍ରଦୂଷଣ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ



ବସ୍ତା , ୨୧/୧୦ (ନି.ପ୍ର): ସମଗ୍ର ଦେଶରେ ଦୀପାବଳି ବହୁ ଆଡ଼ମ୍ବରରେ ପାଳିତ ହେଉଛି । କିନ୍ତୁ ଭିନ୍ନ ଢ଼ଙ୍ଗରେ ଦୀପାବଳି କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର୍ଯ୍ୟ ସେବା ସଂଘ । ପବିତ୍ର ଦୀପାବଳି ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ନିଜେ ହସିବା ଓ ଅନ୍ୟକୁ ହସାଇବା’ ମାଧ୍ୟମ ର ନିଧିପଣ୍ଡା ସ୍ଥିତ ଆକିନିଆ ଆବାସିକ ବିଦ୍ୟାଳୟ ରେ ସଫେଇ କାର୍ଯ୍ୟକ୍ରମ ସହ ପ୍ରଦୂଷଣ ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ସଂକ୍ରାନ୍ତୀୟ ସଚେତନତା ସୃଷ୍ଟି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଅଛି । ଏହା ସହ ସେଠାକାର କୁନି କୁନି ପିଲା ମାନଙ୍କ ସହ ବୃକ୍ଷ ରୋପଣ ଓ ଦୀପ ଜଳାଇ ସମାଜକୁ ବାୟୁ ପ୍ରଦୂଷଣ ଏକ ସାମାଜିକ ଅପରାଧ ବୋଲି ବାର୍ତ୍ତା ଦେଇଥିଲେ । ପରେ ପିଲାମାନଙ୍କୁ ଫଳମୂଳ, କେକ ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା । ଏତାଦୃଶ କାର୍ଯ୍ୟ ପାଇଁ ଅଞ୍ଚଳବାସୀ ସଙ୍ଗଠନ ର ଉନ୍ନତି କାମନା କରିଛନ୍ତି । ସମସ୍ତ କାର୍ଯ୍ୟକ୍ରମ ଆର୍ଯ୍ୟ ସେବା ସଂଘ ର କର୍ମକର୍ତ୍ତାଙ୍କ ପୂର୍ଣ୍ଣ ସାହାଯ୍ୟ ଓ ସହଯୋଗ ରେ ସଫଳ ହୋଇଅଛି ବୋଲି ସଭାପତି ଗଣେଶ କୁମାର ପାଢ଼ୀ କହିଥିଲେ । ସୂଚନା ଥାଉ କି ଏହି କାର୍ଯ୍ୟକ୍ରମ ଦୀର୍ଘ ତିନି ଦିନ ଧରି ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ପାଳନ ହେବ ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା



ବାଲିଆପାଳ , ୨୧/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତ ଅଧିନରେ ଥିବା ନୟାବାଲି ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ସହକାରୀ ଶିକ୍ଷୟିତ୍ରୀ ପ୍ରଣତି ପରିଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସଞ୍ଜିପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ର ସଭାପତି ସରୋଜ ଦାସ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କର ତିରିଶି ବର୍ଷର ଶିକ୍ଷକତା ବିଷୟରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ସାମଲ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଜିଲା ସଂଗଠନର ସଂପାଦକ, ଜିଲ୍ଲା ବିଏଡ୍ ସଂଗଠନର ସଂପାଦକ, ବ୍ଲକ ସଭାପତି ପ୍ରଦୀପ୍ତ କୁମାର ପାତ୍ରଙ୍କ, ସିଆରସିସି ନିରଞ୍ଜନ ଘଡାଇ, ପୂର୍ବତନ ସିଆରସିସି ଅତୁଲ କୁମାର ସାହୁ, ଶିକ୍ଷୟିତ୍ରୀ ସଂନ୍ଧ୍ୟାରାଣୀ ପଟ୍ଟାୟତ, ତୃପ୍ତିରଣୀ ବିଶ୍ୱାଳ, ଶିକ୍ଷକ ନିଳକଣ୍ଠ ସାହୁ ପ୍ରମୁଖ ଯୋଗଦେଇଥିଲେ । ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ପ୍ରମାଣିକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବିବେକ ଭାରତୀ ଆଶ୍ରମକୁ ତୁଳସୀ ମିଶ୍ରଙ୍କ ଦାନ



ବାଲେଶ୍ୱର, ୨୧/୧୦ (ନି.ପ୍ର): ବାଲେଶ୍ୱର ସହରର ଗୋପାଳ ଗାଁ ନିବାସୀ ଅନ୍ୟତମ ସୁନାମଧନ୍ୟ ବିଶିଷ୍ଟ ସମାଜସେବୀ ଅବସର ପ୍ରାପ୍ତ ଷ୍ଟେଟ ବ୍ୟାଙ୍କ ଅଧିକାରୀ ତୁଳସୀ ରଞ୍ଜନ ମିଶ୍ର ମୁକ୍ତ ହସ୍ତରେ ଏକ ଲକ୍ଷ ଟଙ୍କା ଚେକ ମାଧ୍ୟମରେ ଦାନ କରିଛନ୍ତି । ଖଇରା ବ୍ଲକ୍ ଅନ୍ତର୍ଗତ ଡଗରପଡା ସ୍ଥିତ ବିବେକ ଭାରତୀ ସେବାଶ୍ରମର ଛାତ୍ର ମାନଙ୍କ ଯୋଗାସନ କକ୍ଷ ନିର୍ମାଣ ପାଇଁ ଶ୍ରୀ ମିଶ୍ର ଉକ୍ତ ଅର୍ଥ ରାଶି ଆଶ୍ରମ ର ସମ୍ପାଦକ ସ୍ୱାମୀ ଗଣେଶା ନନ୍ଦ ପୁରୀ ଙ୍କୁ ପ୍ରଦାନ କରିଛନ୍ତି । ଆଶ୍ରମ ର ଅନ୍ତେବାସୀ ଙ୍କୁ ଶିକ୍ଷା ସହିତ ଯୋଗଶିକ୍ଷା ର ଆବଶ୍ୟକତା ଉପରେ ଶ୍ରୀ ମିଶ୍ର ଗୁରୁତ୍ୱ ଆରୋପ କରିଥିଲେ । ଆଶ୍ରମ ର ଛୋଟ ଛୋଟ ପିଲାଙ୍କର ଯୋଗ ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବ ବୋଲି ଶ୍ରୀ ମିଶ୍ର ଆଶା ପ୍ରକାଶ କରିଥିଲେ । ଏହି ଚେକ ପ୍ରଦାନ କାର୍ଯକ୍ରମ ରେ ଦିବାକର ମହାପାତ୍ର, ବୀରେନ କର, ଗୋପାଳ ଚନ୍ଦ୍ର ନାୟକ, ଗୋପବନ୍ଧୁ ଗିରି, ଗଙ୍ଗାଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ କ୍ରିକେଟ : ଯାଆଁଳା କ୍ରିକେଟ କ୍ଲବ ବିଜୟୀ

ଖୋର୍ଦ୍ଧା , ୨୧/୧୦ (ନି.ପ୍ର): ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆ ଠାରେ ଅନୁଷ୍ଠିତ ପ୍ରଥମ ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କ୍ରିକେଟ ଟୁର୍ନାମେଣ୍ଟ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଦ୍ୱିତୀୟ ଦିବସ ଖେଳର ପ୍ରଥମ ମ୍ୟାଚ ଯାଆଁଳା ଏବଂ ମୁକୁନ୍ଦ ପ୍ରସାଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ରେ ଜିତି ମୁକୁନ୍ଦ ପ୍ରାସାଦ ଦଳ ବୋଲିଂ ନିଷ୍ପତି ନେଇଥିଲେ । ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭର ରେ ୫ ୱିକେଟ ହରାଇ ୨୧୯ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅଭିଷେକ ପଟନାୟକ ୮୫ ରନ ଓ ବୀର ଅଭିମନ୍ୟୁ ୫୬ ସଂଗ୍ରହ କରିଥିଲେ । ମୁକୁନ୍ଦ ପ୍ରାସାଦ ଦଳର ପଙ୍କଜ ୩ଟି ୱିକେଟ ଅକ୍ତିଆର କରିଥିଲେ । ଜବାବରେ ମୁକୁନ୍ଦପ୍ରସାଦ ଦଳ ୧୬ ଓଭର ରୁ ୯ ୱିକେଟ ହରାଇ ୧୬୦ ରନ ରେ ସୀମିତ ରହିଥିଲା । ଏହି ମ୍ୟାଚ କୁ ଯାଆଁଳା ଦଳ ଦଳ ୫୯ ରନ ରେ ଜିତି ନେଇଥିଲା । ଏହି ମ୍ୟାଚ ର ଶ୍ରେଷ୍ଠ ଖେଳାଳି ଭାବେ ବୀର ଅଭିମନ୍ୟୁ ଙ୍କୁ ଅଲ ରାଉଣ୍ଡର ପ୍ରଦର୍ଶନ ପାଇଁ ଅତିଥି ଶଶିକାନ୍ତ ଦାସ (ଟୂବୁଲି ) ଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା । ଦ୍ୱିତୀୟ ମ୍ୟାଚ ରେ ତମାଣ୍ଡୋ ଓ ପାନବରଜ ପରସ୍ପର କୁ ଭେଟିଥିଲେ । ବର୍ଷା ବାଧପ୍ରାପ୍ତ ଅଧା ମ୍ୟାଚ ଆଗାମୀ ୨୨ ତାରିଖକୁ ଘୁଞ୍ଚିଲା । ତୁଷାରକାନ୍ତ ସୁନ୍ଦରାୟ, ସୁଜିତ ପରିଡା, ଅସିତ ପରିଡା, ପ୍ରକାଶ ସାହୁ, ଓମ ଅର୍ପିତ ମହାପାତ୍ର ଖେଳକୁ ପରିଚାଳନା କରିଥିବାବେଳେ କୈଳାସ ପରିଡା ଓ ମହାଦୀପ ଶ୍ରୀ ମହାପ୍ରସାଦ ରଥ ଖେଳକୁ ସଂଯୋଜନା କରିଥିଲେ । ୨୦/ ୧୦/୨୫ ତାରିଖ ସୋମବାର ଦିନ ପ୍ରଥମ ମ୍ୟାଚ ପଳାସପୁର ବନାମ କଲ୍ୟାଣପୁର ଓ ଦ୍ୱିତୀୟ ମ୍ୟାଚ ମେଣ୍ଢାଶାଳ ବନାମ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହେବବୋଲି ମ୍ୟାଚ ରେଫରି ସଂକେତ ଦାସ ଓ ଆଶୁତୋଷ ପାଣିଗ୍ରାହୀ ଜଣାଇଛନ୍ତି ।




# ମା’ ଦକ୍ଷିଣ କାଳୀଙ୍କ ପୀଠ ନିକଟରେ ଅଘଟଣ : ବିଦ୍ୟୁତ ଆଘାତରେ ଦୁଇ ମୃତ

ସାକ୍ଷୀଗୋପାଳ, ୨୧/୧୦ (ନି.ପ୍ର): ପୁରୀଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁରସ୍ଥିତ ପ୍ରସିଦ୍ଧ ବାମାବର୍ତ୍ତୀ ବାଙ୍ଗୀୟ ତନ୍ତ୍ରପୀଠ ମା ଦକ୍ଷିଣ କାଳୀଙ୍କ ପୂଜା ସମୟରେ ବିଦ୍ୟୁତ୍ ଆଘାତରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ମୃତକମାନଙ୍କର ପରିଚୟ ମିଳିପାରି ନାହିଁ । ସୂଚନା ଅନୁସାରେ ଗତକାଲି ରାତି ପ୍ରାୟ ୧୨ଟାରେ ମଞ୍ଚ ପାର୍ଶ୍ୱରେ ଜଣେ ପୁରୁଷ ଓ ଜଣେ ମହିଳା ବ୍ୟକ୍ତି ବୋଧହୁଏ ଅସାବଧାନତା ବଶତଃ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ । ସୂଚନା ପାଇ ଉପସ୍ଥିତ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ରର ଆଗ୍ନିକଭମାନେ ଓ ଭକ୍ତମାନେ ଉଭୟ ଆହତଙ୍କୁ ଚିକିତ୍ସା ନିମନ୍ତେ ବୀରଗୋବିନ୍ଦପୁର ଗ୍ରାମରେ କାଳୀପୂଜା ନିମନ୍ତେ ଖୋଲିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଦୀପସ୍ମିତା ରାୟ ପ୍ରାଥମିକ ଚିକିତ୍ସା ପରେ ଆହତ ଦ୍ୱୟଙ୍କୁ ଅଧିକ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେକ୍ଷ ସାକ୍ଷୀଗୋପାଳ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ସତ୍ୟବାଦୀ ପୁଲିସ ଶବ ଦ୍ୱୟ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲେକ୍ଷ ଫୋରେନସିକ ଟିମ ଉଭୟ ମୃତକଙ୍କ ଫଟୋ, ଆଙ୍ଗୁଠି ଛାପ ଓ ଡିଏନ୍‌ଏ ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରିଛନ୍ତି । ସତ୍ୟବାଦୀ ଥାନାରେ ୨୬/୨୦୨୫ ନମ୍ବରରେ ଏକ ମୋକଦ୍ଦମା ରୁଜୁ ହୋଇଅଛି । ମୃତକ ଦ୍ୱୟଙ୍କ ପରିଚୟ ଜଣା ନ ପଡ଼ିଥିବା ଦୃଷ୍ଟିରୁ ଚିହ୍ନଟ ନିମନ୍ତେ ସତ୍ୟବାଦୀ ପୁଲିସ ତରଫରୁ ଉଭୟ ମୃତକଙ୍କ ଫଟୋ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରସାର କରାଯିବ ବୋଲି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସୂଚନା ପ୍ରଦାନ କରିଛନ୍ତି ।

# ଅରୁଣ କୁମାର ମହାନ୍ତିଙ୍କ ଏକାଦଶାହରେ ସ୍ମୃତି ଚାରଣ ସଭା

ଉଦଳା, ୨୧/୧୦ (ନି.ପ୍ର): ଦୈନିକ ଖବର କାଗଜ ‘ସମାଜ’ର ଉଦଳା ପ୍ରତିନିଧି ଅରୁଣ କୁମାର ମହାନ୍ତି (ଲିଲୁ)ଙ୍କ ଏକାଦଶାହ ଚଳିତ ଅକ୍ଟୋବର ୧୯ ତାରିଖ ରବିବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ତାଙ୍କର ପରିବାର ପକ୍ଷରୁ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା । ଏଥିରେ ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉଦଳା ଓକିଲ ସଂଘର ସଭାପତି ଲମ୍ବୋଦର ବେହେରା ଓ ସମ୍ପାଦକ ବସନ୍ତ କୁମାର ପରିଡ଼ା, ମୟୂରଭଂଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓଡା, ବରିଷ୍ଠ ନାଗରିକ ଯଜ୍ଞନାରାୟଣ ମହାନ୍ତି ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ସ୍ୱର୍ଗତଃ ଅରୁଣ କୁମାର ମହାନ୍ତି (ଲିଲୁ) ସାମ୍ବାଦିକତା ସହ ଓକିଲାତି କରି କିପରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ପୁର୍ବତନ ଉପାଧ୍ୟକ୍ଷ ପ୍ରତାପ ସାହୁ, ଶିକ୍ଷକ ସମରଜିତ ମହାପାତ୍ର, ଅଲେଖ ପାଠି, ରମାକାନ୍ତ ମହାନ୍ତ, ଚିତ୍ରଶିଳ୍ପୀ ରାଜାରାମ ବେହେରା, ପୁର୍ବତନ ବିଧାୟକ ଶ୍ରୀନାଥ ସୋରେନ, ସାମ୍ବାଦିକ ହିମାଦ୍ରୀ ଶେଖର ପାଲ ଆନନ୍ଦ ଦାସ, ସନ୍ତୋଷ ବାଛିନି, ସୁଶାନ୍ତ ମିଶ୍ର, ତପନ ମହାନ୍ତି, ଜଗବନ୍ଧୁ ପ୍ରଧାନ, କୃଷ୍ଣ ଚୈତନ୍ୟ ସଦୁଆଳ, ମାନସ ପାଣି, ଡ଼. କୁମାର ଗୋପାଳଙ୍କ ସହିତ ପରିବାରର ସଦସ୍ୟ, ସହପାଠୀ ଓ ଦୈନିକ ‘ସମାଜ’ର ବାଲେଶ୍ୱର ସଂସ୍କରଣ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ଅରୁଣ କୁମାର ମହାନ୍ତିଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶୁଭଦୀପ ମହାନ୍ତି , ପ୍ରାଚ୍ୟ ସୁମନ ମହାନ୍ତି, ସୁବ୍ରତ କୁମାର ମହାନ୍ତି, ଆଶିଷ ମଲିକ, ବିଶ୍ୱଜିତ ନାୟକ, ସୁଶାନ୍ତ ପଟ୍ଟନାୟକ, ରବିନ ମହାନ୍ତି, ମନୋଜ ସାହୁ ପ୍ରମୁଖ ସହଯୋଗ କରିଥିଲେ ।




ବ୍ୟସ୍ତବହୁଳ ଜୀବନରେ, ଚାପ, ଥକ୍କାପଣ ଏବଂ ଶାରୀରିକ ଯନ୍ତ୍ରଣା ଭଳି ସମସ୍ୟା କିଛିବର୍ଷ ହେବ ଅତ୍ୟନ୍ତ ସାଧାରଣ ହୋଇଗଲାଣି । ଲୋକମାନେ ପ୍ରତ୍ୟେକ ଛୋଟଛୋଟ ଶାରୀରିକ ସମସ୍ୟା ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରୁଛନ୍ତି । ଏହା ଠିକ । କାରଣ ଆଜିକାଲି ଶରୀରରେ ଯେଉଁଳି ଭାବେ ରୋଗ ଦେଖା ଦେଉଛି ପ୍ରଥମରୁ ସଚେତନ ହୋଇଯିବା ଉଚିତ ।

ଏହି କ୍ରମରେ ଦେଖିବାକୁ ଗଲେ ଶରୀରରେ ଏପରି କିଛି ସମସ୍ୟା ଅଛି ଯାହାକୁ ଘରୋଇ ଉପଚାର ଦ୍ୱାରା ବି ଠିକ କରାଯାଇପାରେ । ଏପରି ଏକ ପଦ୍ଧତି ହେଉଛି ଲୁଣ ପାଣିରେ ସ୍ନାନ କରିବା । ଲୁଣ ପାଣିରେ ସ୍ନାନ କରିବା ଦ୍ୱାରା ଏହାର ଲାଭ ଏବଂ ଏହା କରିବାର ଠିକ୍ ଉପାୟ କ'ଣ ରହିଛି ଆସନ୍ତୁ ଜାଣିବା ।

ସ୍ନାନ ପାଇଁ ସମୁଦ୍ର ଲୁଣକୁ ଅପଣାଇବା ଭଲ । ସମୁଦ୍ରରେ ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ପୋଟାସିୟମ୍ ଏବଂ ଜିଙ୍କ୍ ଭଳି ଅଧିକ ଖଣିଜ ପଦାର୍ଥ ରହିଥାଏ । ଏହି ଖଣିଜ ପଦାର୍ଥଗୁଡ଼ିକ ଆମର ଚର୍ମ, ମାଂସପେଶୀ ଏବଂ ଗଣ୍ଠି ପାଇଁ ବହୁତ ଲାଭଦାୟକ ।

ଲୁଣ ପାଣିରେ ଗାଧୋଇବା ଦ୍ୱାରା ଚର୍ମକୁ ଅନେକ ଲାଭ ମିଳିଥାଏ । ଏହା ମୃତ ଚର୍ମ କୋଷଗୁଡ଼ିକୁ ଦୂର କରେ ଏବଂ ନୂତନ କୋଷ ଗଠନରେ, ଚର୍ମକୁ ହାଇଡ୍ରେଟେଡ୍ ଏବଂ ନରମ ରଖିବାରେ ସାହାଯ୍ୟ କରେ ।

ଅନେକ ସମୟ ଧରି କାମ କରିବା ପରେ କ୍ଲାନ୍ତ ଲାଗିଥାଏ । ମାଂସପେଶୀରେ ଯନ୍ତ୍ରଣା ହୋଇଥାଏ । ଏସବୁ ଯନ୍ତ୍ରଣା ନିବାରକ ପାଇଁ ଲୁଣ ପାଣିରେ ଗାଧୋଇବା ରାମବାଣ ସାବ୍ୟସ୍ତ ହୋଇଥାଏ । ଏହା ରକ୍ତ ସଞ୍ଚାଳନ ବୃଦ୍ଧି କରେ, ମାଂସପେଶୀ ଯନ୍ତ୍ରଣା କମ କରେ ଏବଂ କ୍ଲାନ୍ତ ପାଦକୁ ଆରାମ ଦିଏ ।ଉଷୁମ ପାଣିରେ ଲୁଣ ମିଶାଇ ଗାଧୋଇବା ଦ୍ୱାରା ଏହା ଚାପକୁ କମ କରେ ଏବଂ ରାତିରେ ନିଦ ଭଲ ହୋଇଥାଏ । ଶୋଇବା ପୂର୍ବରୁ ଲୁଣ ସ୍ନାନ ବିଶେଷ ଭାବରେ ଲାଭଦାୟକ ସାବ୍ୟସ୍ତ ହୋଇଛି ।

ଲୁଣ ପାଣି ସ୍ନାନର ଠିକ୍ ଉପାୟ କ'ଣ ?

ପାଣିରେ ପ୍ରାୟ ୨ କପ୍ ସମୁଦ୍ର ଲୁଣ ମିଶାନ୍ତୁ ଏବଂ ଏହାକୁ ଉଷୁମ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ପାଣି ଉଷୁମ ହୋଇଗଲେ ଏବଂ ଲୁଣ ସମ୍ପୂର୍ଣ୍ଣ ଭାବରେ ଦ୍ରବୀଭୂତ ହୋଇଗଲେ ୧୫-୨୦ ମିନିଟ୍ ପାଇଁ ପାଣିରେ ଆରାମରେ ବସନ୍ତୁ ।

ଶେଷରେ ଖାଲି ପାଣିରେ ଆପଣଙ୍କ ଶରୀରକୁ ଧୋଇ ଦିଅନ୍ତୁ ଏବଂ ଗାଧୋଇବା ପରେ ପ୍ରଚୁର ପରିମାଣରେ ମଇଶ୍ଚରାଇଜର ଲଗାନ୍ତୁ ।ଏହି ପଦ୍ଧତିର ତୁରନ୍ତ ଫଳାଫଳ ମିଳିଥାଏ । ତଥାପି, ଯଦି ଆପଣଙ୍କର ଚର୍ମରେ କୌଣସି କ୍ଷତ ବା ସଂକ୍ରମଣ ଅଛି, କିମ୍ବା ଯଦି ଆପଣଙ୍କର ଲୁଣ ପ୍ରତି ଆଲର୍ଜି ଅଛି, ତେବେ ଲୁଣ ସ୍ନାନରୁ ଦୂରେଇ ରୁହନ୍ତୁ ।

# ଯୁବକମାନଙ୍କ ପାଖରେ ଏହି ୫ ଗୁଣ ଥିଲେ ଝିଅମାନେ ହୋଇଥାନ୍ତି ପ୍ରଭାବିତ



ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି । ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ ।

ପ୍ରାୟ ପୁଅମାନେ ସେମାନଙ୍କର ଗର୍ଲଫ୍ରେଣ୍ଡମାନଙ୍କୁ ପ୍ରଭାବିତ କରିବା ପାଇଁ କିଛି ନା କିଛି କରନ୍ତି । ଅନେକ ସମୟରେ କିନ୍ତୁ ଦେଖାଯାଏ ଅନେକ ଯୁବକ ଝିଅମାନଙ୍କୁ ପ୍ରଭାବିତ କରିପାରନ୍ତି ନାହିଁ । କିନ୍ତୁ ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି ।

ତେବେ ଏହିସବୁ ଯୁବକମାନଙ୍କ ପାଖରେ ଏମିତି କିଛି ଗୁଣ ଥାଏ ଯାହା ପ୍ରତି ଝିଅମାନେ ଚୁମ୍ବକ ଭଳି ଆକର୍ଷିତ ହୁଅନ୍ତି ।

ତେବେ ଏହା ପଛରେ କିଛି ମୁଖ୍ୟ କାରଣ ରହିଛି । ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ ଏବଂ ସେମାନଙ୍କ ବନ୍ଧୁ କରିବାକୁ ଚାହିଁବେ । ଆସନ୍ତୁ ଏହି ୫ଟି ଗୁଣ ବିଷୟରେ ଜାଣିବା ।

ଯୁବକଙ୍କ ୫ ଗୁଣ:

ଝିଅମାନଙ୍କୁ ପ୍ରଭାବିତ କରିବା ପାଇଁ ସର୍ବପ୍ରଥମେ ଯୁବକମାନେ ସେମାନଙ୍କ ଶରୀର ପ୍ରତି ଧ୍ୟାନ ଦେବା ଉଚିତ । ଯେଉଁମାନଙ୍କର ଫିଟ୍ ଶରୀର ଥାଏ ସେମାନେ ପ୍ରାୟତଃ ଖୁବ ଆକର୍ଷଣୀୟ ଦେଖାଯାଆନ୍ତି ।

ଯେଉଁ ଯୁବକମାନେ ଏକ ଲକ୍ଷ୍ୟ ରଖିଥାନ୍ତି ଏବଂ ସେ ଲକ୍ଷ୍ୟ ପ୍ରତି ସମ୍ପୂର୍ଣ୍ଣ ସଚ୍ଚୋଟ ରୁହନ୍ତି, ପ୍ରାୟ ଝିଅମାନେ ସେମାନଙ୍କୁ ଅଧିକ ପସନ୍ଦ କରନ୍ତି ।

କଥାବାର୍ତ୍ତାର ଶୈଳୀ, କଥାବାର୍ତ୍ତାରେ ଭଦ୍ରତା ଏବଂ ସାମ୍ନା ଲୋକଙ୍କୁ ସମ୍ମାନ ଦେଇ ନିଜର ମତ ପ୍ରକାଶ କରିବା ଭଳି ଗୁଣକୁ ଝିଅମାନେ ଖୁବ ଭଲ ପାଆନ୍ତି ।

ସଫା-ସୁତୁରା ଖାଇବା ଏକ ଭଲ ଅଭ୍ୟାସ । ଏହା ନିଜ ଶରୀର ପ୍ରତି ଏକ ସଚେତନତା ଦର୍ଶାଏ । ଏହି ସତର୍କତା ଜଣଙ୍କୁ ଏକ ଆକର୍ଷଣୀୟ ମଣିଷ କରିଥାଏ ଏବଂ ଚେହେରାରେ ଚମକ ଆଣିଥାଏ । ଏହି କାରଣରୁ ଜଣେ ସୁନ୍ଦର ଦେଖାଯାଆନ୍ତି ଏବଂ ଲୋକମାନେ ଆକର୍ଷିତ ହୁଅନ୍ତି ।

ଦେଖାଯାଏ ଯେ କ୍ରୀଡା ପ୍ରତି ଆଗ୍ରହୀ ଯୁବକମାନେ କ୍ରୀଡ଼ାରେ ବହୁତ ଭଲ ପ୍ରଦର୍ଶନ କରନ୍ତି । ଏହା ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ କରେ ଏବଂ ଝିଅମାନେ ସେମାନଙ୍କ ପ୍ରତି ଅଧିକ ଆଗ୍ରହ ଦେଖାନ୍ତି ।

# ଚାପଗ୍ରସ୍ତ ଜୀବନ ବିପଦର କାରଣ



ଆଜିକାଲି କାହାକୁ ସମୟ ମିଳୁନି ନିଜ କାମରୁ । ଅଫିସ ଚାପ ସହ ବିଭିନ୍ନ ଟେନସନ । ଭିନ୍ନ ଭିନ୍ନ କାରଣ ନେଇ ଆଜିର ଜୀବନଶୈଳୀ ଅତ୍ୟନ୍ତ ଜଟିଳ ହୋଇଛି, ଯେଉଁଥିପାଇଁ ଲୋକ ଚାପଗ୍ରସ୍ତ ରହୁଛନ୍ତି । କିନ୍ତୁ ଛୋଟ କାରଣ ଭାବରେ ବିଚାର କରି ଟେନସନକୁ ଅଣଦେଖା କରନ୍ତୁ ନାହିଁ । ଏପରି କରିବା ଦ୍ୱାରା ଆପଣଙ୍କର ସମସ୍ୟା ଆହୁରି ବଢ଼ିବ । ଟେନସନ ଦୂର କରିବାର ଅର୍ଥ ନୁହେଁ ଯେ ଆପଣ ପ୍ରତିଯୋଗିତାର ଦୌଡ଼କୁ ଛାଡ଼ିଦିଅନ୍ତି । କିନ୍ତୁ କିଛି ଜୀବନଶୈଳୀରେ ପରିବର୍ତ୍ତନ ସହିତ, ଆପଣ ଆପଣଙ୍କ ଚାପକୁ ହ୍ରାସ କରି ଖୁସି ଏବଂ ଟେନସନ ମୁକ୍ତ ଜୀବନ ବିତାଇବାରେ ସହାଯ୍ୟ କରିବ । ଅନ୍ୟଥା ଷ୍ଟ୍ରେସ୍ ଭିତରେ ମୂଲ୍ୟବାନ ଜୀବନ ଛନ୍ଦି ହୋଇପଡ଼ିବ , ଆପଣ ଅସ୍ତବ୍ୟସ୍ତ ଭଳି ଅନୁଭବ କରିବେ । କାରଣ ଟେନସନ୍ ଶରୀର ପାଇଁ ସ୍ଲୋ ପଏଜନ୍ ଭଳି କାମ କରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି ।

ନିଜର ଯତ୍ନ ନିଅନ୍ତୁ : ନିଶା ସେବନ ଯେପରି ମଦ୍ୟପାନ, ନିଦ୍ରା ଜନିତ ଔଷଧ ନେବାରୁ ନିଜକୁ ଦୂରେଇ ରଖନ୍ତୁ । ବରଂ ସନ୍ତୁଳିତ ଆହାର ଗ୍ରହଣ କରିବା ସହ ୬ରୁ ୭ ଘଣ୍ଟା ଶୋଇବାକୁ ସମୟ ଦିଅନ୍ତୁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନିୟମିତ ବ୍ୟାୟାମ କରନ୍ତୁ ।

ଆତ୍ମବିଶ୍ୱାସକୁ ଆଧାର କରନ୍ତୁ : ଦୁର୍ଶ୍ଚିନ୍ତାରୁ ଦୂରେଇ ରହିବାକୁ ତଥା ମାଂସପେଶୀଗୁଡ଼ିକୁ ଆରାମ ଦେବାକୁ ଧ୍ୟାନ, ଯୋଗ , ପ୍ରାଣାୟାମ କରିବା ସହ ପ୍ରାକୃତିକ ପରିବେଶରେ ସମୟ ବିତାନ୍ତୁ । ସଠିକ୍ ବାଟ ବତାଉଥିବା ଜଣେ ବା କିଛି ସାଙ୍ଗଙ୍କ ସହ କଥାବାର୍ତ୍ତା ହୋଇ ସମୟ କାଟନ୍ତୁ । କିନ୍ତୁ ସବୁବେଳେ ଜଣେ ଭଲ ସାଙ୍ଗକୁ ବାଛିବା ବି ଗୁରୁତ୍ୱପୂର୍ଣ୍ଣ ।

ବ୍ରେକ୍ ନିଅନ୍ତୁ : ଲଗାତାର କାମ କରିବା ଅପେକ୍ଷା କାମ ମଝିରେ କିଛି ସମୟର ବ୍ରେକ୍ ନେବାକୁ ଭୁଲନ୍ତୁ ନାହିଁ । କାରଣ ଏପରି କଲେ ଆପଣଙ୍କ ମସ୍ତିଷ୍କକୁ ଆରାମ ମିଳିବା ସହ ତାର ରଚନାତ୍ମକ କ୍ଷମତା ବଢ଼ିଥାଏ ବୋଲି ବିଶେଷଜ୍ଞମାନେ କୁହନ୍ତି ।

ସାମାଜିକ ବ୍ୟବସ୍ଥାରେ ରୁହନ୍ତୁ : ଏହା କହିବାର ଅର୍ଥ ଆଜିକାର ବ୍ୟସ୍ତ ବହୁଳ ଜୀବନଶୈଳୀ ଅନେକ ସମୟରେ ଦୁର୍ଶ୍ଚିନ୍ତାକୁ ବରଣ କରୁଛି । କାମ ବ୍ୟସ୍ତତା ଯୋଗୁଁ କାହା ସହିତ ମିଳିମିଶା କରିବା ସାକ୍ଷାତ କରିବାକୁ ସମୟ ରହୁନି । କେବଳ କାମର ଚାପ ମସ୍ତିଷ୍କକୁ ଚାପଗ୍ରସ୍ତ କରୁଛି , ଅନେକ ସମୟରେ କାମର ଚାପ ହେଉ କି ବ୍ୟକ୍ତିଗତ କିଛି ସମସ୍ୟା ମଣିଷକୁ ଏଭଳି ଚାପଗ୍ରସ୍ତ କରେ ଯେ କିଛି ଜଣ ଆତ୍ମହତ୍ୟାର ବାଟ ବାଛିବା ଦେଖିବାକୁ ମିଳୁଛି । କିନ୍ତୁ ସମାଜିକ ବ୍ୟବସ୍ଥା ଭିତରେ ରହିଲେ ଅର୍ଥାତ୍ ଲୋକଙ୍କ ସହ ମିଳାମିଶା ଓ କଥାବାର୍ତ୍ତାରେ ଆପଣଙ୍କୁ ହୁଏତ ଏସବୁରୁ ମୁକୁଳିବାର ବାଟ ମିଳିଯିବ । ଏହା ବ୍ୟତୀତ କାହା ସହ ଟିକେ କଥାବାର୍ତ୍ତା ହୋଇଗଲେ ମନ ଅନେକ ମାତ୍ରାରେ ହାଲକା ହୋଇଯାଏ ।

ସାମାନ୍ୟ ଦିନଚର୍ଯ୍ୟା ପାଳନ କରନ୍ତୁ : ଜୀବନକୁ ଜଟିଳ କରନ୍ତୁ ନାହିଁ । ସବୁବେଳେ ଏକ ସାମାନ୍ୟ ଜୀବନଚର୍ଯ୍ୟାକୁ ପାଳନ କରିବାକୁ ଚେଷ୍ଟା କରନ୍ତୁ ।ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ ଏବଂ ରାତିରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଶୋଇବାକୁ ଚେଷ୍ଟା କରନ୍ତୁ । ଏହାସହ ଠିକ ସମୟରେ ନିଜର ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ । ଖାଲି ଏତିକି ନୁହେଁ ଆଉ ଏକ ଭଲ ଟିପ୍ସ ହେଉଛି କିଛି ସାମାଜିକ ହିତକର କାମରେ ନିଜକୁ ନିୟୋଜିତ ରଖନ୍ତୁ । ଯେମିତି ଗରୀବଙ୍କୁ ଖାଇବାକୁ ଦେବା, ବୁଲା ପଶୁଙ୍କ ସେବା କରିବା , ଗଛ ରୋପଣ କରିବା ଏଭଳି କାମ କରିବା ଦ୍ୱାରା ମନରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ ।

ଅଙ୍ଗୁରରେ ଏଭଳି ତତ୍ତ୍ୱ ରହିଛି ଯାହା କ୍ୟାନ୍ସର ଆଶଙ୍କାକୁ କେତେକାଂଶରେ ଦୂର କରିପାରେ । ଏଭଳି ମତବ୍ୟକ୍ତ କରିଛନ୍ତି ଇଂଲଣ୍ଡର କ୍ୟାନ୍ସର ବିଶେଷଜ୍ଞମାନେ । ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟରେ 'କ୍ୟାନ୍ସର ଏବଂ ଅଙ୍ଗୁର' ବିଷୟକୁ ନେଇ ଏକ ସର୍ଭେ




କରାଯାଇଥିଲା । ଏହି ସର୍ଭେ ସମୟରେ ଏହାର ପରିସରଭୁକ୍ତ କ୍ୟାନ୍ସର ଆକ୍ରାନ୍ତ କେତେକ ବ୍ୟକ୍ତିଙ୍କୁ ନିୟମିତ ଅଙ୍ଗୁର ଖାଇବାକୁ ପରାମର୍ଶ ଦିଆଯାଇଥିଲା । ଅପରପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏହାର ପ୍ରଭାବ କ୍ୟାନ୍ସର ଉପରେ କିପରି ରହୁଛି ତାହାକୁ ବିଶେଷଜ୍ଞମାନେ ତର୍ଜମା କରି ଏକଥା ଜାଣିପାରିଛନ୍ତି । ଏଥିରେ ରେସ୍‌ଭେରାଟ୍ରୋଲ୍ ନାମକ ଏକ ତତ୍ତ୍ୱ ରହିଛି ଯାହା କ୍ୟାନ୍ସର ଆଶଙ୍କାକୁ କେତେକ ମାତ୍ରାରେ କମାଇଦିଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । କେବଳ ସେତିକି ନୁହେଁ, ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟର ମାତ୍ରା ଅଧିକ ରହିଛି । ଏଥିରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ାଇଥାଏ ।

# ଚିନି ଖାଇବା କମାଇବେ କିପରି ?

ଅଧିକ ଚିନି ଖାଇଲେ ଟାଇପ୍-୨ ମଧୁମେହ, ହୃଦ୍‌ରୋଗ, ମେଦବହୁଳତା ଓ ନିର୍ଦ୍ଦିଷ୍ଟ ପ୍ରକାରର କର୍କଟ ପରି ରୋଗ ହେବାର ଆଶଙ୍କା ବଢ଼ିଥାଏ । ମିଠା ଲାଗୁଥିବା ଖାଦ୍ୟଗୁଡ଼ିକରେ ମଧ୍ୟ ବିଭିନ୍ନ ପ୍ରକାର ଭିଟାମିନ୍, ଖଣିଜ ଓ ତନ୍ତୁର ଅଭାବ ଥାଏ । ଅଧିକ ଚିନିମିଶ୍ରିତ ଖାଦ୍ୟ ଖାଇବା ଦ୍ୱାରା ଆମ ଖାଦ୍ୟସାରରେ ସନ୍ତୁଳନ ନ ରହି ନାନା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ । ତେଣୁ ସେଭଳି ଖାଦ୍ୟର ପରିମାଣ କିପରି କମାଇହେବ, ସେ ସମ୍ପର୍କରେ ଆଲୋଚନା କରିବା ।କୌଣସି କିଣା ଖାଦ୍ୟରେ କେତେ ପରିମାଣର ଚିନି ମିଶିଛି, ତାହା ଜାଣିବା ପାଇଁ ପ୍ୟାକେଟ୍ ଉପରେ ଦର୍ଶାଯାଇଥିବା ବିଭିନ୍ନ ଖାଦ୍ୟସାର ପରିମାଣ ବାବଦରେ ଜାଣନ୍ତୁ । ପ୍ୟାକେଟ୍ ଖାଦ୍ୟ ବା ପ୍ରକ୍ରିୟାକୃତ ଖାଦ୍ୟରେ ସାଧାରଣତଃ ଅଧିକ ପରିମାଣର ଚିନି ମିଶିଥାଏ । ତେଣୁ ପ୍ରକ୍ରିୟାକୃତ ଖାଦ୍ୟ ବଦଳରେ ଫଳମୂଳ, ପନିପରିବା ପରିପୂର୍ଣ୍ଣ ଖାଦ୍ୟ ଖାଇବା ଦରକାର ।

ପରିଷ୍କୃତ ଧଳା ଚିନି ବଦଳରେ ମହୁ, ମ୍ୟାପଲ୍ ସିରପ୍ କି ଷ୍ଟିଭିଆ ପରି ପ୍ରାକୃତିକ ମଧୁକାରୀ ଗ୍ରହଣ କରିବା ଉଚିତ । ଭୋଜନରେ ଅଧିକ ପରିମାଣର ପୁଷ୍ଟିସାର ଓ ସ୍ୱାସ୍ଥ୍ୟପ୍ରଦ ସ୍ନେହସାର ସାମିଲ କଲେ ଚିନି ପ୍ରତି କ୍ଷୁଧା ଓ ଦୁର୍ବଳତା କମିଥାଏ ।

ଶୋଷ ମେଣ୍ଟାଇବା ଲାଗି ସୋଡ଼ାପାଣି, ଶକ୍ତିବର୍ଦ୍ଧକ ପାନୀୟ ବା ଫଳରସ ପିଇବା ବଦଳରେ ପ୍ରଚୁର ପରିମାଣର ସାଦା ପାଣି ପିଇବା ଉଚିତ ।

ସମୟ ଅଭାବରୁ ସୁବିଧାରେ ଉପଲବ୍ଧ ମିଠାଳିଆ ସ୍ନାକ୍ସ ଉପରେ ନିର୍ଭର ନକରି ଯଥେଷ୍ଟ ଆଗରୁ ଭୋଜନର ଯୋଜନା କରି ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରସ୍ତୁତ କରିବା ଶ୍ରେୟସ୍କର ।

ପାଟିକୁ ଅରୁଚି ଲାଗୁଥିଲେ କୌଣସି ମିଠା କି ଚକୋଲେଟ୍ ଗ୍ରହଣ ନକରି ତଟକା ଫଳ ଗ୍ରହଣ କରନ୍ତୁ । ବିଭିନ୍ନ ଫଳରେ ପ୍ରାକୃତିକ ଶର୍କରା ସହ ପ୍ରଚୁର ତନ୍ତୁ ଓ ଅନ୍ୟାନ୍ୟ ପୋଷକ ରହିଛି ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଉପକାରୀ ।

ନିୟମିତ ବ୍ୟାୟାମ ମଧ୍ୟ ଚିନି ବା ଶର୍କରା ପ୍ରତି ଦୁର୍ବଳତା କମାଇଦେଇଥାଏ । ବ୍ୟାୟାମ ମଧ୍ୟ ଆମ ରକ୍ତଶର୍କରା ସ୍ତରକୁ ନିୟନ୍ତ୍ରଣ କରେ ।

ଉପରୋକ୍ତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେଲେ ଆମେ ନିଜ ଖାଦ୍ୟରେ ଶର୍କରା ପରିମାଣକୁ ଯଥେଷ୍ଟ କମାଇପାରିବା ଏବଂ ବିଭିନ୍ନ ରୋଗର ଆଶଙ୍କାକୁ ମଧ୍ୟ ଦୂରେଇ ଦେଇପାରିବା ।

# ଏକମାସ ପର୍ଯ୍ୟନ୍ତ ଆଳୁ ନ ଖାଆନ୍ତି, ତେବେ କ'ଣ ହେବ ? ଆସନ୍ତୁ ଜାଣିବା...



**ପରିବାର ରାଜା ଆଳୁ । ଅଧିକାଂଶ ପନିପରିବା ସହିତ ମିଶାଇ ଆଳୁକୁ ରୋଷେଇ କରାଯାଏ । ସବୁ ଭାରତୀୟଙ୍କ ପ୍ରିୟ ଖାଦ୍ୟ ଆଳୁ । ପ୍ରତିଘରେ ଏହାକୁ ପ୍ରଚୁର ପରିମାଣରେ ଖିଆଯାଏ । କିନ୍ତୁ ଯଦି ଏକମାସ ପର୍ଯ୍ୟନ୍ତ ଆଳୁ ନ ଖାଆନ୍ତି, ତେବେ କ'ଣ ହେବ ? ଆସନ୍ତୁ ଜାଣିବା...**

ମାସକ ପାଇଁ ଯଦି ଆଳୁ ଖାଇବା ଛାଡି ଦିଅନ୍ତି ତେବେ ଓଜନ ନିୟନ୍ତ୍ରଣ ହୋଇପାରିବ । କାରଣ ଅଧିକାଂଶ ଆଳୁ ତେଲରେ ରନ୍ଧା



ଯାଇଥାଏ ଏବଂ ଏହି କାରଣରୁ କ୍ୟାଲୋରୀ ବଢିଯାଇଥାଏ । କିଛି ଲୋକ ଆଳୁ ଖାଇବା ପରେ ପେଟରେ ଗ୍ୟାସ୍ ଏବଂ ଏସିଡିଟି ପରି ସମସ୍ୟା ଦେଖାଯାଇଥାଏ । ଯଦି ଏସିଡିଟି ସମସ୍ୟା ରହିଛି ତେବେ ଆଳୁ ଖାଆନ୍ତୁନି । ଆଳୁ ଖାଇବା ବନ୍ଦ କରିବା ଫଳରେ ହାଇ ବ୍ଲଡ୍ ସୁଗର କଣ୍ଟ୍ରୋଲ୍ କରିହେବ । ଏଥିପାଇଁ ମଧୁମେହ ରୋଗୀଙ୍କୁ ଆଳୁ ନ ଖାଇବାକୁ ପରାମର୍ଶ ଦିଆଯାଇଥାଏ । ଯଦି ସଂପୂର୍ଣ୍ଣ ଭାବେ ଆଳୁ ନଖାଆନ୍ତି, ତେବେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୋଇପାରେ । ତେବେ ଆଳୁ ବଦଳରେ ଆପଣ ଅନ୍ୟ ଖାଦ୍ୟ ଖାଇପାରିବେ । ଆଳୁ ମଧ୍ୟ ପୁଷ୍ଟିକର ଖାଦ୍ୟରେ ଭରପୂର । କିନ୍ତୁ ଏହାକୁ ସୀମିତ ପରିମାଣରେ ଏବଂ ଅଳ୍ପ ତେଲରେ ଖାଇବା ଉଚିତ୍ ।




ସାଧାରଣତଃ, ଜଣେ ବ୍ୟକ୍ତି ଗୋଟିଏ କିଡନୀ ସହିତ ବଞ୍ଚି ରହିପାରିବେ । ତଥାପି, କିଛି ସମସ୍ୟା ଦେଖାଦେଇପାରେ । ସମୟ ସହିତ, ଗୋଟିଏ କିଡନୀ ଚାପ ବୃଦ୍ଧି ପାଇବା ଆରମ୍ଭ କରିପାରେ । ଉଚ୍ଚ ରକ୍ତଚାପ, ମଧୁମେହ, କିମ୍ବା ଦୀର୍ଘକାଳୀନ କିଡନୀ ରୋଗ ବୃକକ କାର୍ଯ୍ୟକୁ ପ୍ରଭାବିତ କରିପାରେ । ଏହା ବ୍ୟତୀତ, ହାଲୁକା ପ୍ରୋଟିନୁରିଆ ଭଳି ପରିସ୍ଥିତି ମଧ୍ୟ ଦେଖାଦେଇପାରେ । ତଥାପି, ଏହି




ବିପଦଗୁଡ଼ିକୁ ଏଡାଇବା ପାଇଁ ନିୟମିତ ଯାଞ୍ଚ ଏବଂ ଏକ ସୁସ୍ଥ ଜୀବନଶୈଳୀ ଜରୁରୀ ।

ଗୋଟିଏ କିଡନୀ ସହିତ ଏକ ସୁସ୍ଥ ଜୀବନଯାପନ କରିବାକୁ ହେଲେ ପ୍ରଚୁର ପାଣି ପିଇବାକୁ ପଡେ । କାରଣ ବୃକକ ସଠିକ କାର୍ଯ୍ୟ ପାଇଁ ହାଇଡ୍ରେଟେଡ ରହିବା ଅତ୍ୟନ୍ତ ଜରୁରୀ । ଏହା ସହିତ, ପ୍ରତିଦିନ ଏକ ସନ୍ତୁଳିତ ଖାଦ୍ୟ ଖାଅ, ଫଳ, ପନିପରିବା, ଶସ୍ୟ ଏବଂ ପ୍ରୋଟିନ ଯୁକ୍ତ ଖାଦ୍ୟକୁ ପ୍ରାଥମିକତା ଦିଆଯିବା ଉଚିତ୍ । ଏହାବ୍ୟତୀତ, ନିୟମିତ ବ୍ୟାୟାମ କର, ଧୂମପାନ କରିବା ପରିହାର କର ଏବଂ ଡାକ୍ତରଙ୍କଠାରୁ ନିୟମିତ ଯାଞ୍ଚ କରାଇ ନେବା ଉଚିତ୍ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ଦୁର୍ନୀତି ଖୋଜିବାକୁ ଦରକାର କି ଦାମୀ ଗାଡ଼ି ?

ଯେଉଁ ବାଡ଼ ଫସଲକୁ ଜଗିବା କଥା, ସେହି ବାଡ଼ ହିଁ ଯଦି ଫସଲ ଖାଇବା ଆରମ୍ଭ କରେ, ତେବେ କୃଷକର ଭାଗ୍ୟ କ'ଣ ହେବ, ତାହା ସହଜରେ ଅନୁମେୟ। ଭାରତୀୟ ଗଣତନ୍ତ୍ରରେ ଦୁର୍ନୀତିରୂପକ ଶସ୍ୟ କ୍ଷୟକାରୀ ପୋକକୁ ନିପାତ କରିବା ପାଇଁ ଯେଉଁ ସଂସ୍ଥାକୁ 'ଜଗୁଆଳି' ଭାବେ ନିଯୁକ୍ତ କରାଯାଇଥିଲା, ଆଜି ସେହି ଲୋକପାଳ ସଂସ୍ଥା ନିଜର କାର୍ଯ୍ୟଶୈଳୀ ପାଇଁ ନୁହେଁ, ବରଂ ନିଜର ବିଳାସପୂର୍ଣ୍ଣ ଆକାଂକ୍ଷା ପାଇଁ ଚର୍ଚ୍ଚାର ପରିସରକୁ ଆସିଛି । ଦେଶର ଦୁର୍ନୀତି ବିରୋଧୀ ପ୍ରହରୀ ଭାବେ ପରିଚିତ ଲୋକପାଳ କାର୍ଯ୍ୟାଳୟ ପକ୍ଷରୁ ସାତଟି ଦାମୀ **BMW** ଲକ୍ଝୁରି କାର୍ କିଣିବା ପାଇଁ ଟେଣ୍ଡର ଆହ୍ୱାନ କରାଯିବା ଘଟଣା କେବଳ ଏକ ସରକାରୀ କ୍ରୟ ପ୍ରକ୍ରିୟା ନୁହେଁ, ବରଂ ଏହା ଏକ ଗଭୀର ନୈତିକ ସଙ୍କଟ ଏବଂ ଜନସାଧାରଣଙ୍କ ବିଶ୍ୱାସ ସହିତ ଏକ ନିଷ୍ଠୁର ଉପହାସ । ଯେତେବେଳେ ଦେଶର ସାଧାରଣ ନାଗରିକଟିଏ ନିଜର କଷ୍ଟ ଅର୍ଜିତ ଧନରୁ ଟିକସ ଦେଇ ରାଷ୍ଟ୍ର ନିର୍ମାଣରେ ଯୋଗଦାନ କରୁଛି, ସେତେବେଳେ ସେହି ଟିକସ ଅର୍ଥରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଗଠିତ ଏକ ସଂସ୍ଥାର ଏଭଳି ପାଞ୍ଚ କୋଟିରୁ ଅଧିକ ଟଙ୍କାର ବିଳାସପୂର୍ଣ୍ଣ ବ୍ୟୟବରାଦ ନିଶ୍ଚିତ ଭାବରେ ଅନେକ କଠୋର ପ୍ରଶ୍ନ ସୃଷ୍ଟି କରୁଛି ।

ଏହି ଘଟଣାର ବିଶ୍ଳେଷଣ କଲେ ଏହାର ଗମ୍ଭୀରତା ସ୍ପଷ୍ଟ ହୁଏ । ଲୋକପାଳ କାର୍ଯ୍ୟାଳୟ ପକ୍ଷରୁ ଅକ୍ଟୋବର ୧୬ ତାରିଖରେ ଜାରି କରାଯାଇଥିବା ଟେଣ୍ଡର ଅନୁଯାୟୀ, ସାତଟି **BMW 330Li** (ଲଙ୍ଗ୍ ହ୍ୱିଲ୍ ବେସ୍) ମଡେଲର କାର୍ କିଣାଯିବ । ପ୍ରତ୍ୟେକ କାରର ମୂଲ୍ୟ ୬୦ ଲକ୍ଷରୁ ଅଧିକ ଏବଂ ଅନ୍-ରୋଡ୍ ମୂଲ୍ୟ ପ୍ରାୟ ୭୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହି କାରଗୁଡ଼ିକ ସଂସ୍ଥାର ଅଧ୍ୟକ୍ଷ ଏବଂ ଛଅ ଜଣ ସଦସ୍ୟଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ । କେବଳ ସେତିକି ନୁହେଁ, ଟେଣ୍ଡରର ସର୍ତ୍ତାବଳୀରେ ଏକ ଅଦ୍ଭୁତ ବ୍ୟବସ୍ଥା ମଧ୍ୟ ରହିଛି । ଯେଉଁ ସଂସ୍ଥା ଏହି କାର୍ ଯୋଗାଇବ, ସେ ଲୋକପାଳଙ୍କ ଡ୍ରାଇଭରମାନଙ୍କୁ ସାତ ଦିନିଆ ବ୍ୟାପକ ତାଲିମ ପ୍ରଦାନ କରିବ ଏବଂ ଏହାର ସମସ୍ତ ଖର୍ଚ୍ଚ ମଧ୍ୟ ନିଜେ ବହନ କରିବ । ଏହା ଏକ ସାଧାରଣ କ୍ରୟ ପରି ଦେଖାଯାଉଥିଲେ ମଧ୍ୟ ଏହା ପଛରେ ଲୁଚି ରହିଥିବା ମାନସିକତା ଅତ୍ୟନ୍ତ ଚିନ୍ତାଜନକ । ଯେଉଁ ସଂସ୍ଥାର ମୂଳଦୁଆ ତ୍ୟାଗ, ସାଧୁତା ଏବଂ ସାଧାରଣ ଜୀବନଶୈଳୀର ଆଦର୍ଶ ଉପରେ ପର୍ଯ୍ୟବସିତ ହେବା କଥା, ତାହା ଆଜି କିପରି କର୍ପୋରେଟ୍ ଜଗତର ବିଳାସ ଏବଂ ଆଡମ୍ବରକୁ ଅନୁକରଣ କରିବାକୁ ବସିଛି, ତାହା ହିଁ ସବୁଠାରୁ ବଡ଼ ବିଡ଼ମ୍ବନା । ଏହି କାର୍ କିଣିବା ପଛରେ ପ୍ରଶାସନିକ ଦକ୍ଷତା ବୃଦ୍ଧି ଏବଂ ସୁରକ୍ଷାକୁ କାରଣ ଭାବେ ଦର୍ଶାଯାଇପାରେ, କିନ୍ତୁ ପ୍ରଶ୍ନ ଉଠୁଛି, କ'ଣ ସୁରକ୍ଷା ଏବଂ ଦକ୍ଷତା କେବଳ ୭୦ ଲକ୍ଷ ଟଙ୍କାର **BMW** କାରରେ ହିଁ ମିଳିପାରିବ ? ଭାରତରେ ନିର୍ମିତ ଅନେକ ସୁରକ୍ଷିତ ଏବଂ ସୁବିଧାଜନକ ଗାଡ଼ି କ'ଣ ଏହି ମାନଦଣ୍ଡକୁ ପୂରଣ କରିପାରିବ ନାହିଁ ?

ଏହି ଘଟଣାକୁ ଐତିହାସିକ ପୃଷ୍ଠଭୂମିରେ ଦେଖିଲେ ଏହାର ବ୍ୟଙ୍ଗାତ୍ମକ ଚିତ୍ର ଆହୁରି ସ୍ପଷ୍ଟ ହୋଇଯାଏ । ଲୋକପାଳର ଜନ୍ମ ଦେଶର ଏକ ସବୁଠାରୁ ବଡ଼ ଦୁର୍ନୀତି ବିରୋଧୀ ଆନ୍ଦୋଳନ, 'ଇଣ୍ଡିଆ ଏଗେନ୍‌ଷ୍ଟ କରପ୍ସନ'ରୁ ହୋଇଥିଲା । ଯେତେବେଳେ ହଜାର ହଜାର ସାଧାରଣ ଲୋକ ରାଜରାସ୍ତାକୁ ଓହ୍ଲାଇ ଦୁର୍ନୀତିମୁକ୍ତ ଭାରତର ସ୍ୱପ୍ନ ଦେଖୁଥିଲେ, ସେତେବେଳେ ସେମାନଙ୍କର କଳ୍ପନାରେ ଲୋକପାଳ ଏକ ଶକ୍ତିଶାଳୀ, ନିରପେକ୍ଷ ଏବଂ ସର୍ବୋପରି ଏକ ସାଧୁତାର ପ୍ରତୀକ ଥିଲା । କିନ୍ତୁ ଆଜି ସେହି ଆନ୍ଦୋଳନରୁ ଜନ୍ମ ନେଇଥିବା ଅନୁଷ୍ଠାନ ଯେତେବେଳେ ଜନତାର ଅର୍ଥରେ ନିଜ ପାଇଁ ବିଳାସର ସାମଗ୍ରୀ କିଣିବାକୁ ବାହାରିଛି, ଏହା ସେହି ଆନ୍ଦୋଳନର ଭାବନା ଏବଂ ଲକ୍ଷ ଲକ୍ଷ ଲୋକଙ୍କ ଆଶାକୁ କୁଠାରାଘାତ କରିଛି । ଏହା କେବଳ ଏକ ଆର୍ଥିକ ଅନିୟମିତତା ନୁହେଁ, ବରଂ ଏକ ବୈଚାରିକ ପତନର ସଙ୍କେତ । ସାମାଜିକ କର୍ମୀ ପ୍ରଶାନ୍ତ ଭୂଷଣଙ୍କ ଭଳି ବ୍ୟକ୍ତିମାନେ ଏହାକୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ ଲୋକପାଳ ଅନୁଷ୍ଠାନକୁ ଧୂଳିସାତ୍ କରିଦିଆଯାଇଛି ଏବଂ ଏହାର ସଦସ୍ୟମାନେ ଦୁର୍ନୀତି ପ୍ରତି ଧ୍ୟାନ ନ ଦେଇ ନିଜର ବିଳାସପୂର୍ଣ୍ଣ ଜୀବନରେ ମଗ୍ନ ଅଛନ୍ତି । କଂଗ୍ରେସ ଦଳ ମଧ୍ୟ ଏହାକୁ ଏକ ପ୍ରତାରଣା ବୋଲି କହିଛି, କାରଣ ଯେଉଁ ଆନ୍ଦୋଳନରୁ ଏହି ସଂସ୍ଥା ଜନ୍ମ ନେଲା, ତାହା ଆଜି ନିଜର ମୂଳ ଉଦ୍ଦେଶ୍ୟରୁ ସମ୍ପୂର୍ଣ୍ଣ ବିଚ୍ୟୁତ ହୋଇଛି। ଏପରିକି ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ ମଧ୍ୟ ଏହି ଟେଣ୍ଡରକୁ ବାତିଲ କରି 'ମେକ୍ ଇନ୍ ଇଣ୍ଡିଆ' ଇଲେକ୍ଟ୍ରିକ୍ ଗାଡ଼ି କିଣିବାକୁ ପରାମର୍ଶ ଦେଇଛନ୍ତି, ଯାହା ଏହି ନିଷ୍ପତ୍ତିର ଅଯୌକ୍ତିକତାକୁ ପ୍ରମାଣିତ କରୁଛି ।

ଏହି ପ୍ରସଙ୍ଗଟି କେବଳ ଲୋକପାଳ ମଧ୍ୟରେ ସୀମିତ ନୁହେଁ, ଏହା ଭାରତର ସାମଗ୍ରିକ ଶାସନ ବ୍ୟବସ୍ଥାରେ ବ୍ୟାପିଥିବା ଏକ ଗଭୀର ରୋଗର ପ୍ରତିଫଳନ । ଯେତେବେଳେ ଏକ ସାମ୍ବିଧାନିକ ପଦରେ ବସିଥିବା ବ୍ୟକ୍ତି ନିଜ ପାଇଁ ସାଧାରଣ ସୁବିଧା ପରିବର୍ତ୍ତେ ଅତ୍ୟଧିକ ବିଳାସର ସାମଗ୍ରୀକୁ ବାଛେ, ସେତେବେଳେ ସେ ସାଧାରଣ ଜନତାଙ୍କଠାରୁ ନିଜର ଦୂରତାକୁ ପ୍ରମାଣିତ କରେ । ଦୁର୍ନୀତିର ଅନୁସନ୍ଧାନ କରୁଥିବା ଏକ ସଂସ୍ଥା ପାଇଁ ନୈତିକ ସ୍ଥିତି ଏବଂ ସାଧୁତାର ପ୍ରଦର୍ଶନ ହିଁ ତା'ର ସବୁଠାରୁ ବଡ଼ ଅସ୍ତ୍ର । କିନ୍ତୁ ଯେତେବେଳେ ସେହି ସଂସ୍ଥା ନିଜେ ହିଁ ଜନତାର ଅର୍ଥର ଅପବ୍ୟବହାର କରିବାରେ ଲାଗିପଡ଼େ, ସେତେବେଳେ ତା'ର ନୈତିକ ଅଧିକାର କ୍ଷୁର୍ଣ୍ଣ ହୁଏ । ସେ କେଉଁ ମୁହଁରେ ଅନ୍ୟ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ପ୍ରଶ୍ନ କରିବ ? ଏହି ବିଳାସପୂର୍ଣ୍ଣ କାରଗୁଡ଼ିକ କେବଳ ଯାତାୟାତର ମାଧ୍ୟମ ହୋଇ ରହିବ ନାହିଁ, ବରଂ ଏହା ଲୋକପାଳର କ୍ଷୟଶୀଳ ନୈତିକତା ଏବଂ ଜନସାଧାରଣଙ୍କ ସହ ବଢୁଥିବା ଦୂରତାର ଏକ ଚଳମାନ ପ୍ରତୀକ ପାଲଟିଯିବ । 'ପ୍ରହରୀ ହିଁ ଯେତେବେଳେ ରାଜକୀୟ ଠାଣିରେ ଚଳିବାକୁ ପସନ୍ଦ କରେ, ସେତେବେଳେ ପ୍ରହରୀ ଉପରେ କିଏ ନଜର ରଖିବ ?' - ସୋସିଆଲ ମିଡିଆରେ ଜଣେ ସାଧାରଣ ନାଗରିକର ଏହି ପ୍ରଶ୍ନ ଆଜି ସମଗ୍ର ଦେଶର ମନରେ ଗୁଞ୍ଜରିତ ହେଉଛି ।

ଏହି ସମସ୍ୟାର ସମାଧାନ କେବଳ ଟେଣ୍ଡର ବାତିଲ କରିବାରେ ନାହିଁ, ବରଂ ଏକ ବ୍ୟାପକ ଆତ୍ମସମୀକ୍ଷାର ଆବଶ୍ୟକତା ରହିଛି । ଲୋକପାଳ ଭଳି ସଂସ୍ଥାଗୁଡ଼ିକୁ ବୁଝିବାକୁ ହେବ ଯେ ସେମାନଙ୍କର ପ୍ରକୃତ ଶକ୍ତି ଦାମୀ କାର୍, ବଡ଼ କାର୍ଯ୍ୟାଳୟ କିମ୍ବା ଅନ୍ୟାନ୍ୟ ସୁବିଧାରେ ନୁହେଁ, ବରଂ ସେମାନଙ୍କର ନିରପେକ୍ଷତା, ସାଧୁତା ଏବଂ ଜନସାଧାରଣଙ୍କ ପ୍ରତି ଥିବା ପ୍ରତିବଦ୍ଧତାରେ ନିହିତ । ଯେଉଁ ଦିନ ଏହି ସଂସ୍ଥାଗୁଡ଼ିକ ନିଜର ଆଚରଣରେ ସାଧାରଣତାର ଆଦର୍ଶକୁ ପ୍ରତିଫଳିତ କରିବେ, ସେହି ଦିନ ହିଁ ସେମାନେ ଜନତାର ପ୍ରକୃତ ବିଶ୍ୱାସଭାଜନ ହୋଇପାରିବେ ଏବଂ ଦୁର୍ନୀତି ବିରୋଧୀ ଲଢ଼େଇକୁ ଏକ ନୂତନ ଦିଗ ଦେଇପାରିବେ । ନଚେତ୍, ଏହି ବିଳାସପୂର୍ଣ୍ଣ ଗାଡ଼ିର କାଚ ତଳେ, ସାଧାରଣ ଲୋକଙ୍କ ଆଶା ଓ ବିଶ୍ୱାସର ପ୍ରତିଫଳନ କ'ଣ ସତରେ ଦେଖାଯିବ ? ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ, ଯାହାର ଉତ୍ତର ଲୋକପାଳ ସଂସ୍ଥା ଏବଂ ଦେଶର ଶାସନ ବ୍ୟବସ୍ଥାକୁ ଦେବାକୁ ପଡ଼ିବ ।

# ବିଶ୍ୱଗୁରୁ ପ୍ରଭୁ କିଏ କେମିତି ବୁଝେ


ଅଜୟ କୁମାର ବେହେରା


ବୈକୁଣ୍ଠ ଯେଉଁଠାରେ କୁଣ୍ଠା ନାହିଁ, କୁଣ୍ଠାର ଅର୍ଥ ନାସ୍ତି ନାହିଁ, ନାସ୍ତିବାଣୀ ନାହିଁ, ଅଦେୟ ଏପରି କିଛି ନାହିଁ, ହେଲେ ସଂସାରରେ ସମସ୍ତଙ୍କ ବିଚାର ଭାବନା, ଆବଶ୍ୟକ କୌଣସି କାଳରେ ଏକ ନୁହେଁ, ବୈକୁଣ୍ଠପତି ଅର୍ନ୍ତର୍ଯ୍ୟାମୀ ସମସ୍ତଙ୍କ ମନ କଥା ସେ ଜାଣନ୍ତି ସେ ଏକ ଲୋକ ଶିକ୍ଷା ଦେବା ପାଇଁ ଏକ ଅଭିନୟ ଲୀଳା ଲଗାଇଲେ, ଦେବତା ଆଉ ଅସୁର ଏମାନେ କେମିତି ଏକ ଈଶ୍ୱର ଯେ ସଂସାର ଚଳାଉଛନ୍ତି ଯାଦୃଶୀ ଭାବନାରେ ସେଯେ ଏକ ଈଶ୍ୱର, ଏହାର ଭିନ୍ନ ଭିନ୍ନ ରୂପ ମତରେ ନିଜ ଅଜ୍ଞତାରେ ଠାକୁରଙ୍କ ଉପରେ ଅଭିମାନ ମାନ କରିବା ସବୁବେଳେ ଚାଲିଛି କେହି ଜଣାଣରେ ଦରଖାସ୍ତ କରୁଛି ତ କିଏ ଭଜନରେ ଗୁଣଗାନ ମହିମା ଗାନ କରୁଛି, କିଏ ସ୍ଥିର ରୂପରୁ ଏକ ବାଛି ଧ୍ୟାନ କରୁଛି ଏପରି ଅନେକ ପ୍ରକାର ଠାକୁରଙ୍କୁ ଭାବନା ପ୍ରାର୍ଥନା ସେ ସବୁ ଦରଖାସ୍ତ ଗ୍ରହଣ କରନ୍ତି।

କିନ୍ତୁ କାହା ପାଇଁ କେତେ ସମୟରେ କାର୍ଯ୍ୟ ହାସଲ ହେବ ଏଇଟା କାର୍ଯ୍ୟଟିର ଭାବନା ଓ କିଛି ଭ୍ରମ ବିଳମ୍ବ କରାଏ, ଏଜନ୍ମ ବା ଆଗ ଜନ୍ମ ବହୁତ ଜନ୍ମ ଲାଗିପାରେ ପୁରି କେତେ ଦିନ ବା କିଛି ସମୟ ଲାଗେ ଅନେକ ସନ୍ତାନଟିଏ ଚାହାଁନ୍ତି ହେଲେ ଗର୍ଭଧାନରୁ ଗର୍ଭ ମୋକ୍ଷ ସମୟର ଯେପରି ଲାଗେ ସେପରି ସବୁ ବିଷୟରେ ସମୟ ଲାଗେ, ଜୀବର ଜନ୍ମରୁ ମରଣ ଯାଏ ସମୟ ସମସ୍ତଙ୍କ ଏକ ନୁହେଁ। ଏପରି ବ୍ୟବସ୍ଥାରେ ରାଜୋଗୁଣୀ ସମ୍ପନ୍ନମାନେ ପ୍ରଭୁଙ୍କୁ ନିଜର ସ୍ୱାର୍ଥ ପୁରାଣ ପାଇଁ ବ୍ୟବହାର କରିବା ପାଇଁ ଚାହାନ୍ତି। ପ୍ରଭୁଙ୍କର ଏପାଇଁ ଏଲିଲା ରଚନା, ନିମନ୍ତ୍ରଣ କରାଗଲା ଦେବତା ଗଣଙ୍କୁ ସାଥେ ସାଥେ ଅସୁର ଗଣଙ୍କୁ, ନିମନ୍ତ୍ରଣ ଏକ ଧାର୍ଯ୍ୟସ୍ଥାନ ସମୟ ପୁଣି ଏକ, ଉତ୍ତମ ଉତ୍ତମ ପାକ, ପାକଶାଳାରେ ପ୍ରଭୁଙ୍କର ବରାଦୀ ଭୋଜଦ୍ରବ୍ୟ, ଆଘ୍ରାଣରେ ସ୍ଥାନର ବାତାବରଣ ଫାଟି ପଡୁଛି, ସମୟ ଆସଲା ଦୁଇ ଆମନ୍ତ୍ରିତ ଗୋଷ୍ଠୀ ଆସିଲେ, ପରିବେଷଣକାରୀମାନେ ପ୍ରତ୍ୟେକଙ୍କୁ ଯଥାଯୋଗ୍ୟ ସମ୍ମାନ ସହ ଦୁଇ ଅଲଗା ଧାର୍ଯ୍ୟ ଭୋଜନ ସ୍ଥଳୀକୁ ନେଇ ବସାଇଲେ, ଏକ ପ୍ରକାର ଭୋଜ୍ୟ ଦ୍ରବ୍ୟ। ପ୍ରଭୁଙ୍କର ଆଦେଶ ସମସ୍ତେ ଭୋଜ୍ୟ ସ୍ଥଳୀରେ ଆସୀନ ପରେ ପ୍ରତ୍ୟେକ ଡାହାଣ ହାତରେ ଏକ ବଡ଼ା କହୁଣୀକୁ ଲଗାଇ ତଳ ଉପର ବନ୍ଧାଯିବ, କେହି ବାମହାତରେ ଭୋଜନ କରି ପାରିବେ ନାହିଁ, ଭୋଜନ ଆରମ୍ଭ ଓ ଶେଷ ଘଣ୍ଟି ବାଜିବ ଖାଇ ସାରିବା ପରେ ହାତମୁହାଁ ଦୋଇ ହାତରୁ ବତା ଖୋଲି ଅବିଳମ୍ବେ ପ୍ରଭୁଙ୍କୁ ଭେଟିବେ। ଠିକ ସେହିପରି ଆଦେଶ ଅକ୍ଷରେ ଅକ୍ଷରେ ପାଳନ ହେଲା।

ପ୍ରଭୁଙ୍କୁ ସାକ୍ଷାତକୁ ଅସୁରମାନେ ଯାଇ ଏକ ଅସନ୍ତୋଷ ବାର୍ତ୍ତା ଦେଲେ, କହିଲେ ଖୁବମୂଲ୍ୟବାନ ଦୁର୍ଲଭ ଭୋଜ୍ୟ ଦ୍ରବ୍ୟ ଘ୍ରାଣରେ ମନ ମୋହୁଥିଲା ମାତ୍ର ପ୍ରଭୁ ଆପଣ ଏତେ ମାୟାବୀ ଆମେ ହାତରେ ନଖାଇପାରି ଓଇଲିଆଇଲି ହୋଇ ଆଣ୍ଠେଇ ପଶୁ ପକ୍ଷୀ ପରିଖାଇଲୁ ଖାଦ୍ୟ ଗୁଡ଼ିକ ମିଶ୍ରଣ କରି ଗୋଳାଇ ଖାଇ ପାରିଲୁନାହିଁ। ଏ ଥିଲା ଭୋଜନକୁ ଡାକି ଅନମାନ ଦେବା ଆଳ। ପ୍ରଭୁ କହିଲେ ଟିକେ ବସ ନିଜେ ବୁଝି ପାରିବ, ସେମାନେ ବସିଲେ, ଦେବଗଣ ପ୍ରଭୁଙ୍କ ଜୟ ଜୟ କାର କରିକରି ଆସିଲେ ପୁରା ସାଷ୍ଟାଙ୍ଗ ଦଣ୍ଡବତ ପରେ ପ୍ରଭୁଙ୍କ ମୁଖରୁ କିଛି ଶୁଣିବା ପୂର୍ବରୁ କହିଲେ ପ୍ରଭୁ ଆପଣଙ୍କ ନାମ ଦୟାମୟ ଆପଣ ବିଶ୍ୱଗୁରୁ ଆମକୁ ନିମନ୍ତ୍ରଣ କରି ଏକ ବିଶେଷ ଆନନ୍ଦ ମାର୍ଗ ଶିକ୍ଷା ଦେଲେ, ଆଜେ ଜାଣିଲୁ, ଭଲ ଉଦ୍ଦେଶ୍ୟ ନିଷ୍ଠେ ପ୍ରଭୁ ରଖି ଏପରି ବତା ବାନ୍ଧିବା ଖଞ୍ଜି ଭୋଜି ଖାଇବାକୁ ପ୍ରଭାବିତ କରିଛନ୍ତି, ହାତରେ ବଙ୍କା ନହେଲେ ନିଜେ କେହି ନିଜ ହାତରେ ଖାଇ ନପାରନ୍ତି, ହେଲେ ପିଲା ଦିନେ ମାଆ ପିଲାଙ୍କୁ ଖାଇ ଦେବାକୁ ମନକୁ ଆସିଲା ଏକ ଭୋଜନ ପାତ୍ରରେ ଦୁଇ ଜଣ ପରସ୍ପର ସାମ୍ନା ସାମ୍ନି ବସି ମା'ପିଲାକୁ ଖୋଇଦେବାପରି ଖାଇବା କ୍ରିୟା ଅତି ଆନନ୍ଦ ଲାଗିଲା ଶିକ୍ଷା ବି ମିଳିଲା ପରସ୍ପରକୁ ସଂକଟରେ ସହାୟକ ହେଲେ ଜଟିଳ କାମ ସହଜ ହୋଇଯିବ। ପ୍ରଭୁ ଅସୁର ଗଣଙ୍କୁ କହିଲେ ଏବେ ଶୁଣିଲେତ, ସେତେବେଳେ ଅସୁରମାନେ ଏଇ କଥା ଭାବି ସୁଯୋଗ ହରା ହେଲେ ଭାବୁଥିଲେ, ଶେଷରେ ସମସ୍ତେ ବିଶ୍ୱଗୁରୁ ପ୍ରଣାମ ଦଣ୍ଡବତ ହୋଇ ଜୟ ଜୟ କର ବାହୁଡ଼ିଥିଲେ।


'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩


# ପ୍ରଦୂଷଣର ଭୟାବହତା ଓ ଜୀବନ


ନାରାୟଣ ଚନ୍ଦ୍ର ବିଶ୍ୱାଳ


ଦୀପାବଳି ଅବସରରେ ଦିଲ୍ଲୀ ଏନସିଆରରେ ସୀମିତ ସମୟ ସୀମା ମଧ୍ୟରେ ସବୁଜ ବାଣ ଫୁଟାଇବା ପାଇଁ ମାନ୍ୟବର ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ମାନ୍ୟବର ସୁପ୍ରିମକୋର୍ଟ ଏହା ସହ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡ଼ ଏ ନେଇ ଯାଞ୍ଚ କରିବା ଉପରେ ନିର୍ଦ୍ଦେଶ ଦେବା ସହ ଅକ୍ଟୋବର ୧୪ରୁ ୨୫ ପର୍ଯ୍ୟନ୍ତ ବାୟୁଗୁଣବତ୍ତା ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ କେବଳ ଦୀପାବଳି ନୁହେଁ ବର୍ଷ ତମାମ ଅନ୍ୟ ସମୟରେ ବାଣ ଫୁଟା ଓ ବାଣର ବ୍ୟବହାର ଉପରେ ମାନ୍ୟବର ସୁପ୍ରିମକୋର୍ଟ କଟକଣାକୁ କଠୋର କରିଥିଲେ। ଖଣ୍ଡପୀଠ କହିଥିଲେ ୨୦୨୧ରେ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ବିକ୍ରି ଓ ଫୁଟାଇବାକୁ ନିଷିଦ୍ଧ କରିବା ପାଇଁ ଯେଉଁ ନିର୍ଦ୍ଦେଶ ରହିଥିଲା ତାହା ଭାରତର ସବୁ ରାଜ୍ୟପାଇଁ ସମାନ ଆଇନ ଭାବେ ନିଷିଦ୍ଧ ରହିବ। ତେବେ ବର୍ତ୍ତମାନ ସମୟରେ କେବଳ ସବୁଜ ବାଣ ବିକ୍ରିକୁ ଅନୁମତି ମିଳିବ ବୋଲି ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ପରିବେଶବିତଙ୍କ ଭିତରେ ସ୍ୱାଭାବିକ ଭାବେ ଆନନ୍ଦ ପ୍ରକାଶ ପାଇଛି। ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳରେ କିଛିଦିନ ତଳେ ସଂପ୍ରତି ପ୍ରଦୂଷଣର ମାତ୍ରା ସାଙ୍ଗାତିକ ଚିନ୍ତାଜନକ ସ୍ଥିତିରେ ପହଞ୍ଚିବା ପରେ ଏହାର ପ୍ରତିକାର ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଯାଇଥିଲା। ଏବେ ଶୀତକାଳୀନ କୁହୁଡ଼ି ସହ ପ୍ରଦୂଷଣ ଏକ ପ୍ରକାର ସାଙ୍ଘାତିକ ପରିବେଶ ସୃଷ୍ଟି କରିଛି। ଦିଲ୍ଲୀ, ପଞ୍ଜାବ, ହରିଆନା ତିନୋଟି ରାଜ୍ୟ ଏହି ପ୍ରଦୂଷଣର ସାଂଘାତିକ ଭାବେ ଶିକାର ହେଉଛନ୍ତି। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରଦୂଷଣର ସ୍ଥିତି ଉଦ୍‌ବେଗଜନକ ଭାବେ ରହିଥିବାରୁ ଜାତୀୟ ମାନବାଧିକାର କମିଶନ ନିଜଆଡୁ ଏ କ୍ଷେତ୍ରରେ ହସ୍ତକ୍ଷେପ କରିଛନ୍ତି। ଉପରୋକ୍ତ ରାଜ୍ୟ ସରକାରମାନେ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନଥିବାରୁ ଓ ଏହା ଲୋକଙ୍କ ଜୀବନ ଧାରଣାର ଅଧିକାରକୁ ଉଲ୍ଲଂଘନ କରୁଥିବାରୁ କମିଶନ ନିଜ ଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବ୍ୟବସ୍ଥା, ସଂସ୍ଥାମାନେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ତତ୍ପରତାର ସହ କାର୍ଯ୍ୟକରି ଲୋକଙ୍କୁ ବଡ଼ଧରଣର ସ୍ୱାସ୍ଥ୍ୟ ସଙ୍କଟରୁ ରକ୍ଷା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଓ ତତ୍କାଳ ପଦକ୍ଷେପ ନିଅନ୍ତୁ। କେବଳ ଏହି ବର୍ଷ ନୁହେଁ ପ୍ରତିବର୍ଷ ଘନ କୁହୁଡି ଓ ବିଷାକ୍ତ ବାୟୁ ଲୋକମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦର କାରଣ ପାଲଟିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ତତ୍କାଳ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକ ମାନଙ୍କୁ ସ୍ୱଚ୍ଛ ବାତାବରଣର ହକ ଦେବାର ଦାୟିତ୍ୱ ସମ୍ପର୍କରେ ଟ୍ରିବ୍ୟୁନାଲ ସରକାରଙ୍କୁ ସୂଚୀତ କରିଛନ୍ତି। ସରକାର ଲୋକଙ୍କ ଠାରୁ ବଞ୍ଚିବାର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି କହିଛନ୍ତି। କେନ୍ଦ୍ରୀୟ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ଼ର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି। ଯେଉଁ ପିଏମ୍‌ସ୍ତର କେବଳ ୧୦୦ ହେବା ଆବଶ୍ୟକ ହୋଇଥିବାବେଳେ ତାହା ଗତ ସପ୍ତାହରେ ୯୮୬ ଥିଲା। ସେହିପରି ପିଏମ୍ ୨.୫ର ସ୍ତର ୬୦ ବଦଳରେ ୪୨୦ ହୋଇଯାଉଛି ବୋଲି ଟ୍ରିବ୍ୟୁନାଲ ଦର୍ଶାଇଥିଲେ। ସେହିପରି ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି। ଗତ ସପ୍ତାହରେ ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ଼ କରାଯାଇଥିଲା। ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ନିକଟରେ ପ୍ରକାଶ ପାଇଛି ସ୍ୱାସ୍ଥ୍ୟଭିତ୍ତିକ ପତ୍ରିକା ଲାନ୍‌ସେଟ କମିଶନ ଅଫ୍ ହେଲଥ ଆଣ୍ଡ ପଲ୍ୟୁସନ୍ ରିପୋର୍ଟ। ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି। ୨୦୨୨ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୧୦.୬ ମିଲିଅନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତର ଏହି ସଂଖ୍ୟାରେ ଅଂଶ ହେଉଛି ୪.୮୧ ମିଲିଅନ୍। ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶୀ ମାରାତ୍ମକ। ଏଥିରେ ସେହି ବର୍ଷ ସମଗ୍ର ବିଶ୍ୱର ମୃତ୍ୟୁ ସଂଖ୍ୟା ଥିଲା ୭.୫ ମିଲିଅନ୍ ଏବଂ ଏଥିରେ ଭାରତର ଅଂଶ ଥିଲା ପ୍ରାୟ ୩୨ ପ୍ରତିଶତ ଅର୍ଥାତ୍ ୨.୪ ମିଲିଅନ୍।

ବାଣ ପ୍ରସ୍ତୁତିରେ କେତେ ବିଷାକ୍ତ ଓ ଭୟାନକ ଜୈବ ପଦାର୍ଥ ତଥା କ୍ଷତିକାରକ ପ୍ରସ୍ତୁତି ପଦାର୍ଥ ରହିଛି ତାହା ଯେ କେହି ଜାଣିଲେ ଆଶ୍ଚର୍ଯ୍ୟ ଚକିତ ହେବ। ବାଣ ତିଆରିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ ବ୍ୟବହାର ହେଉଛି। ବାଣ ପୋଡାରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ ଯାହାକି କାର୍ବନ ଡାଇଅକ୍ସାଇଡ଼, ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ। ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ। ରକ୍ତଚାପର ଏହି ଆକସ୍ମିକ ବଢ଼ିଯିବା ମାତ୍ରା ଜଣକୁ ଅସ୍ୱାଭାବିକ ଓ ଏକ ପ୍ରକାର ବିଚଳିତ କରିପକାଏ। କେତେକ କ୍ଷେତ୍ରରେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ। କୌଣସି ଗୋଟିଏ ସ୍ଥାନରେ ବାୟୁ ସୁସ୍ଥକର ନୁହେଁ। ସବୁଠି ବାୟୁ ପ୍ରଦୂଷଣ ସ୍ତର ମଧ୍ୟମ ଧରଣର ଥିବା କୁହାଯାଉଛି। ହାର୍ଟ ଓ ଲଙ୍ଗସ ରୋଗୀ, ପିଲା ଓ ବୟସ୍କଙ୍କ ପାଇଁ ଏଭଳି ପରିବେଶ ଭଲ ନୁହେଁ। ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଦ୍ୱାରା ଓଡ଼ିଶାର ସାତଟି ପ୍ରଦୂଷଣଯୁକ୍ତ ସହର ଭିତରୁ ଭୁବନେଶ୍ୱରକୁ ଚିହ୍ନଟ କରିଛନ୍ତି। କେବଳ ଦ୍ୱୈତନଗରୀ କଟକ-ଭୁବନେଶ୍ୱର ନୁହେଁ ରାଜ୍ୟର ପ୍ରମୁଖ ବଡ଼ ବଡ଼ ସହର ଓ ଶିଳ୍ପାଞ୍ଚଳ କ୍ଷେତ୍ରରେ ଗାଡ଼ିମୋଟର ଧୂଆଁ, ରାସ୍ତା ଖୋଳାତଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି। ସେହିପରି ଟ୍ରାଫିକ ସମସ୍ୟା ଦେଖାଦେଉଥିବା ଗହଳିପୂର୍ଣ୍ଣ ଅଞ୍ଚଳରେ ବାୟୁ ପ୍ରଦୂଷଣ ବଢୁଥିବା ସହ କେତେକ ସ୍ଥାନରେ ଘର ପ୍ରସ୍ତୁତି ପାଇଁ ବାଲି ଓ ଘରୋଇ ସାମଗ୍ରୀ ଜମା ହେବା ସହ କେତେକ ସ୍ଥାନରେ ରାସ୍ତାକାମ ଚାଲୁ ରହୁଥିବାରୁ ପରବର୍ତ୍ତୀ ସମୟରେ ଏହା ଉପରେ ପାଣି ସିଞ୍ଚନ କରାଯାଇ ରାସ୍ତା ଧୂଳିକୁ ନିୟନ୍ତ୍ରିତ କରାଯାଉନାହିଁ। ଦୀପାବଳିରେ ମନଇଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ିବ। ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିବ। ଆଜମା ରୋଗୀଙ୍କ ସମସ୍ୟା ବଢ଼ିବ। ବାରୁଦ ଗନ୍ଧ ଓ ଧୂଆଁ ଯୋଗୁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ। ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ। ଗାଇଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ। ସମସ୍ତେ ସବୁଜ ଦୀପାବଳି ପାଳିବାକୁ ହେବ। ଦୀପାବଳିର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ବ୍ରେନ ଷ୍ଟ୍ରୋକର କାରଣ ହୋଇପାରେ। ବିଷାକ୍ତ ଗ୍ୟାସ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ। ଗର୍ଭ ନଷ୍ଟ ହୋଇପାରେ। ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ। ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା।

ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ ପ୍ରଦୂଷଣ କେବଳ ଯେ ପରିବେଶଜନିତ ପ୍ରସଙ୍ଗ ତାହା ନୁହେଁ। ଏହା ମନୁଷ୍ୟର ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ପ୍ରଣାଳୀ ଉପରେ ପ୍ରଭାବ ପକାଇଥାଏ। ଏହା ମଧ୍ୟରେ ଦେଶର ଅର୍ଥନୀତି ଏବଂ ସାମାଜିକ କ୍ଷେତ୍ର ମଧ୍ୟ ଅନ୍ତର୍ଭୁକ୍ତ। ପ୍ରଦୂଷଣ କାରଣରୁ ଭାରତ ଭଳି ନିମ୍ନ ମଧ୍ୟମ ଆୟକାରୀ ବର୍ଗର ରାଷ୍ଟ୍ରଗୁଡ଼ିକରେ ଉତ୍ପାଦନଗତ କ୍ଷତି ଦେଶର ଜିଡ଼ିପିର ୦.୩୨ ପ୍ରତିଶତରୁ ୦୪ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ରିପୋର୍ଟ ଅନୁସାରେ ଅଧିକାଂଶ ପ୍ରଦୂଷଣଜନିତ ମୃତ୍ୟୁ, ଅର୍ଥାତ୍ ୯୨ ପ୍ରତିଶତ ମୃତ୍ୟୁ, ଏହି ବର୍ଗର ଦେଶମାନଙ୍କରେ ହୋଇଥାଏ। ସ୍ୱାସ୍ଥ୍ୟଜନିତ ଜଟିଳ ସମସ୍ୟାମାନ ସୃଷ୍ଟି କରୁଥିବା ଯୋଗୁଁ ଏହା ମଧ୍ୟ ଲୋକମାନଙ୍କର ବ୍ୟୟଭାରକୁ ଯଥେଷ୍ଟ ବଢ଼ାଇ ଦେଇଥାଏ ଯାହା ପରୋକ୍ଷରେ ସେମାନଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲି ଦେଇଥାଏ। ଏହା ଯଦି ହୃଦୟ ବା ହାର୍ଟ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କ ଭଳି ଶରୀରର ଅଙ୍ଗଗୁଡ଼ିକୁ ପ୍ରଭାବିତ କରେ, ତାହାଲେ ଛୋଟ ପିଲା ହୋଇଥିଲେ ସେମାନଙ୍କର ଅବବୋଧ/ସଜ୍ଞାନାତ୍ମକ ସାମର୍ଥ୍ୟ ଏବଂ ବୟସ୍କ ହୋଇଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇବାର ସମ୍ଭାବନା ବଢ଼ିଯାଇଥାଏ। ମୋଟାମୋଟି ରିପୋର୍ଟରେ ପ୍ରାଣୀ ସମାଜ ଉପରେ ଅନିୟନ୍ତ୍ରିତ ପ୍ରଦୂଷଣର ଭୟାବହ ପରିଣତିକୁ ଦର୍ଶାଯାଇଛି। ତେଣୁ ଅର୍ଥନୀତିକ ଅଭିବୃଦ୍ଧି ନାଁରେ ମାନବ ସମାଜର ସ୍ୱାସ୍ଥ୍ୟ ଓ ମଙ୍ଗଳ ଉପରେ ଅତ୍ୟନ୍ତ ହାନିକାରକ ପ୍ରଭାବ ପକାଉଥିବା ପ୍ରଦୂଷଣକୁ ଅଣଦେଖା କରିବା ଉଚିତ ନୁହେଁ। ପ୍ରଦୂଷଣ ପ୍ରତିରୋଧ କରିବା କିପରି ବର୍ତ୍ତମାନ ସମୟରେ କେବଳ ଅତ୍ୟାବଶ୍ୟକ ନୁହେଁ, ଅପରିହାର୍ଯ୍ୟ ଏବଂ ଜାତୀୟ କାର୍ଯ୍ୟକ୍ରମରେ ଏହା କିପରି ପ୍ରାଥମିକତା ପାଇବା ଉଚିତ ତାର ସଙ୍କେତ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏହି ରିପୋର୍ଟରୁ ମିଳେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ। ଏହା ସହିତ ପ୍ରତ୍ୟେକ ସ୍ତରରେ ସରକାରମାନେ ଏଥିପାଇଁ ହାସଲ କରିହେବା ଭଳି ଲକ୍ଷ୍ୟ ଧାର୍ଯ୍ୟ କରି ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଓ ଉତ୍ତରଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ପ୍ରଦୂଷଣ ପ୍ରତିରୋଧ ନିମନ୍ତେ ରହିଥିବା ଆଇନକାନୁନଗୁଡ଼ିକର ଘରୋଇ ଉଦ୍ୟୋଗ କ୍ଷେତ୍ର ତଥା ସହରାଞ୍ଚଳଗୁଡ଼ିକରେ କଡ଼ାକଡ଼ି କାର୍ଯ୍ୟାନ୍ୱୟନ ଏ ଦିଗରେ ବିଶେଷ ସହାୟକ ହୋଇପାରିବ। ବିଶ୍ୱ ପାଇଁ ସଂପ୍ରତି ଦୁଇଟି ପ୍ରମୁଖ ବିପଦ ଦେଖାଦେଇଛି। ତାହାହେଲା ସନ୍ତ୍ରାସବାଦ ଓ ବିଶ୍ୱତାପାୟନ ସହ ପରିବେଶ ପ୍ରଦୂଷଣ। ଆମକୁ ଯଦି ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶୁଦ୍ଧ ବାତାବରଣବିଶିଷ୍ଟ ଭବିଷ୍ୟତ ସୃଷ୍ଟି କରିବାରେ ଅଛି ତାହେଲେ ଏହି ଉଭୟ ସମସ୍ୟାକୁ ପ୍ରାଥମିକତା ଦେଇ ଏହାକୁ ସମୂଳେ ବିଲୋପ କରିବାର ଆବଶ୍ୟକତା ରହିଛି। ସମାଜର ସବୁ ଲୋକ ଯଦି ଏକାଠି ହୋଇ କାର୍ଯ୍ୟ କରନ୍ତି ତାହାଲେ ପ୍ରଦୂଷଣର ମାତ୍ରା ହ୍ରାସ ହେବା ସହିତ ମାନବ ସମାଜର ମଙ୍ଗଳ ହୋଇପାରିବ ଏବଂ ଅର୍ଥନୀତିକ ଅଭିବୃଦ୍ଧି ହାସଲ ହେବା ଅସମ୍ଭବ ହେବନାହିଁ।

ସମ୍ପ୍ରତି ପୃଥିବୀ ଏକ 'ନୂଆ ବାସ୍ତବିକତା' ସହ ଯୁଝୁଛି। ଏହି ବାସ୍ତବିକତା ଅତ୍ୟନ୍ତ ଭୟଙ୍କର ରୂପ ନେଉଛି।ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିନାଶଲୀଳାର ଅୟମାରମ୍ଭ ହୋଇସାରିଛି। ଏହି ବିନାଶଲୀଳା ଏହାର ଆଦ୍ୟ ବିନ୍ଦୁରେ ଉପନୀତ ହୋଇଛି। ଅତଳ ସମୁଦ୍ର ଗର୍ଭରେ ବାସ କରୁଥିବା ସୂକ୍ଷ୍ମ ଜୀବଗୁଡ଼ିକର ମୃତ୍ୟୁ ହେଉଛି। କାଳକ୍ରମେ ସେଗୁଡ଼ିକ ନିଶ୍ଚିନ୍ନ ହୋଇଯିବା ଆଶଙ୍କା ଉପୁଜିଛି। ବିଶ୍ୱବ୍ୟାପୀ ୧୬୦ ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ ଏକ ଐତିହାସିକ ରିପୋର୍ଟରୁ ଏହି ଭୟାନକ ଚିତ୍ର ମିଳିଛି। ରିପୋର୍ଟ ଦର୍ଶାଇଛି ମାନବ ଦିନକୁ ଦିନ ଅଧିକ ଜୀବାଶ୍ମ ଇନ୍ଧନ ଜାଳିବାରେ ଲାଗିଛି। ଏହାର ମାତ୍ରା ବଢ଼ିବାରୁ ତାପମାତ୍ରା ବୃଦ୍ଧି ପାଉଛି। ଏହାଯୋଗୁଁ ସାଙ୍ଘାତିକ ଗ୍ରୀଷ୍ମ ପ୍ରବାହ, ଅସ୍ୱାଭାବିକ ବନ୍ୟା, ମରୁଡ଼ି ଓ ବନାଗ୍ନି ଭଳି ଘଟଣା ଦେଖିବାକୁ ମିଳିଲାଣି। କ୍ରମେ ଏହା ସ୍ୱାଭାବିକ ଘଟଣା ହେବାରେ ଲାଗିଛି। ତେବେ ଦିଗବଳୟରେ ଏହାର ପ୍ରଭାବ ଆହୁରି ଅଧିକ ରହିଛି। ଏମିତି କି ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଶ୍ୱର ମହତ୍ତ୍ୱପୂର୍ଣ୍ଣ ପ୍ରଣାଳୀ ବି ବିପଦମୁଖୀ। ଆମାଜାନ ବର୍ଷାଜଙ୍ଗଲ ଠାରୁ ପୋଲାର ବରଫ ବାଦର ପର୍ଯ୍ୟନ୍ତ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ବିଶ୍ୱବ୍ୟାପୀ ଏହା ଭୟଙ୍କର ବିନାଶଲୀଳାର ସଙ୍କେତ ଦେଉଛି। ପ୍ରଦୂଷଣ କଥା ନେଇ ଆମ୍ଭେମାନେ ଯେ ଜାଣିନାହୁଁ ତାହା ନୁହେଁ। ଦିଲ୍ଲୀର ଭୟାନକ ପ୍ରଦୂଷଣ ଅଳ୍ପ ବହୁତେ ଆମ୍ଭେମାନେ ସାମ୍ନା କରୁଛୁ ଏବଂ ଆଗକୁ ଜଳବାୟୁ ପରିବର୍ତ୍ତନର କାରଣ ମଧ୍ୟ ପରିବେଶକୁ ଆହୁରି ସଙ୍ଗୀନ କରିପାରେ। ଏ କ୍ଷେତ୍ରରେ ବ୍ୟାପକ ବୃକ୍ଷରୋପଣ ଓ ଗଛ କଟା ଉପରେ ଲଗାମ ରଖିବା ସହ ପରିବେଶକୁ ନେଇ ଆମ୍ଭମାନଙ୍କ ଭିତରେ ଗଭୀର ଓ ଆନ୍ତରିକ ସଚେତନତା ଜରୁରୀ।


ବାକଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,
ମୋ : ୯୪୩୮୨୭୬୭୬୦


## କବିତା କୋଣାର୍କ

### ସିଏ ନନ୍ଦିନୀ ବିଶ୍ୱବନ୍ଦିନୀ


ନୀଳମଣି ଚାନ୍ଦ




ସମାଜଟି ହେଲେ କୁସୁମ ତରୁଟି
ପୁତ୍ର କନ୍ୟା ପୁଷ୍ପ ଦୁଇ
ପ୍ରସ୍ଫୁଟିତ ହୋଇ ଝଲସାଉଥାନ୍ତି
ଚିତ୍ତକୁ ଯାଆନ୍ତି ଛୁଇଁ।

ରଙ୍ଗ,ମହକରେ ଦୁହେଁ ତ ସମାନ
ଜମା ବାରି ହୁଏ ନାହିଁ
ହେଲେ ଫରକର ଗାରଟି ସମାଜ
ଟାଣେ କିଆଁ ତାଙ୍କ ପାଇଁ।

ପୁତ୍ରଟିକୁ ଭାବୁ ସେ ଉଚ୍ଚକୋଟୀର
ଶୀର୍ଷରେ ତାହାର ସ୍ଥାନ
ବଡ଼ ହୋଇ ସିଏ ରଖିବ ଦିନେରେ
କୁଳ ବଂଶ ଯଶମାନ।

କନ୍ୟାକୁ କେ ଭାବେ ଅବଳା, ଦୁର୍ବଳା
ସତେ ପରାଶ୍ରୟୀ ଲତା
ହେଲେ ଭୁଲିଯାଉ ସୀତା, ମୀରା, ଗାର୍ଗୀ
ଆପୋଲା, ବଚ୍ଛେନ୍ଦ୍ରୀ କଥା।

ଏବେ କନ୍ୟା ଗୃହ ଚାରିକାନ୍ଥ ମଧ୍ୟେ
ହୋଇନାହିଁ ବନ୍ଦୀ ଆଉ
ସ୍ଲୋଗାନ୍ 'ନନ୍ଦିନୀ, ବିଶ୍ୱବନ୍ଦିନୀ'
ଚଉଦିଗେ ଶୁଭୁ ଥାଉ ।


ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


### ଈଶ୍ୱର


ଡ. ଦୀପକ କୁମାର ମିଶ୍ର


ଖୋଜିଲି ଅନେକ
ଘରଦ୍ୱାର, ରାସ୍ତାକଡ଼, ପାହାଡ଼ରେ
ଝଡ଼ଝଞ୍ଜା, ଅଗନାଅଗନି ବନସ୍ତରେ
ଗୀତା, ଗୀର୍ଜା, ଗମ୍ବୁଜରେ
ନାରୀ, ନଈ, ନକ୍ଷତ୍ରରେ
ହେଲେ ପାଇଲିନି ଲେସ୍ ମାତ୍ର ଟେର୍।
ଯୋଗଦେଲି ବାକ୍ ବିତଣ୍ଡା,
ତର୍କ ବିତର୍କରେ
ଅଧେ କହିଲେ ଈଶ୍ୱର ସାକାର
ଅନେକ କହିଲେ ଅଣାକର
ଗୁମମାରି ପଣ୍ଡିତ ବୋଲାଉଥିବା
ଜନୈକ ବ୍ୟକ୍ତି ଜଣକ କହିଲେ
ଈଶ୍ୱର କାଳେ ସଚରାଚର ସର୍ବବ୍ୟାପି
ହେତୁବାଦୀ, ହିତବାଦୀ, ଅହିତବାଦୀ
ଆଦିଙ୍କୁ ଶୁଣିଲି ମନକାନ ଦେଇ
ଶେଷରେ ଭାବିଲି
ମୁଁ ବି ଖୋଦ୍ ନିଜେ ଜଣେ ଈଶ୍ୱର ।
ଫେରିଲି ଘରକୁ
ଭସେଇଦେଲି କାନ୍ଥରେ
କିଳାମାରି ଟଙ୍ଗା ହେଇଥିବା
କାଗଜ ଈଶ୍ୱରଙ୍କୁ
ଉଝେଇଦେଲି ବହୁଦିନୁ
ବନ୍ଦୀ ଭୋଗୁଥିବା
ପଥର ଦିଅଁଙ୍କୁ
ଚକାମାଡ଼ି ବସି ଆକାଶକୁ
ଅନେଇ କହିଲି
ଏଇଟା ଈଶ୍ୱରହୀନ ପୃଥିବୀ....
ଏଠି ମଣିଷ ହିଁ ଈଶ୍ୱର.....
ଆଉ ମାନବବାଦ ଶ୍ରେଷ୍ଠତମ ଧର୍ମ ।


+ଭୁବନେଶ୍ୱର
୮୨୮୦୨୧୧୦୦୦

# ସ୍ୱାର୍ଥାନ୍ଧ ଭୋଟର, ଭ୍ରଷ୍ଟ ପ୍ରତିନିଧି

## ଡ଼. ମନୋଜ କୁମାର ମହାନ୍ତି

ନିକଟରେ ୭୯ତମ ସ୍ୱାଧୀନତା ଦିବସ କାଶ୍ମୀରରୁ କନ୍ୟାକୁମାରୀ, ଅଟକରୁ କଟକ ପର୍ଯ୍ୟନ୍ତ ସ୍ୱାଧୀନତାର ମହାପର୍ବରେ ଦେଶର ସମସ୍ତ ନାଗରିକ ସାମିଲ୍ ହୋଇ ତ୍ରିରଙ୍ଗା ପତାକାତଳେ ଭାରତୀୟ ଏକତାକୁ ବଜାଇ ରଖିବା ସହ ଅଖଣ୍ଡ ଭାରତର ପରିକଳ୍ପନାର ନେଉଥିବା ଶପଥ ଅତ୍ୟନ୍ତ ହୃଦୟସ୍ପର୍ଶୀ । ଜାତୀୟତାବୋଧର ମନୋଭାବରେ, ସୁମଧୁର ସ୍ୱରରେ, ଜାତୀୟ ସଙ୍ଗୀତ ସହ ନେତାମନ୍ତ୍ରୀ, ଉଦ୍ୟୋଗପତି, ଉଚ୍ଚପଦସ୍ଥ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀବୃନ୍ଦ, ଦେଶର ମହିମା ମଣ୍ଡନ ସହ ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ବଜାଇ ରଖିବାପାଇଁ ଅନେକ ଭାଷଣ, ଉପଦେଶର ଲହରୀ ଛୁଟାନ୍ତି । ଯେଉଁ ପତାକା ତଳେ ସଭିଁଏ ରୁଣ୍ଡିଭୂତ ହୋଇ ଧର୍ମ,ଜାତି,ବର୍ଣ୍ଣ ଓ ଲିଙ୍ଗର ବିବିଧତାକୁ ଭୁଲି ଜାତୀୟତାବାଦର ମନ୍ତ୍ରରେ ଓ ମହସୋତ୍ରରେ ନିଜକୁ ଦିକ୍ଷୀତ କରିବାପାଇଁ ଆହ୍ୱାନ ଓ ପ୍ରେରଣା ଦେଇଥାନ୍ତି, ସତରେ କ'ଣ ସେମାନେ ନିଜ କାର୍ଯ୍ୟକ୍ଷେତ୍ରରେ ଆପଣାଇ ଥାଆନ୍ତିକି ? ଯଦି ଏହା ସତ୍ୟ ତେବେ କାହିଁକି ସେମାନେ ସମୟକ୍ରମେ ସେମାନଙ୍କର ପରିଭାଷା ବଦଲାନ୍ତି ? ସମସ୍ତେ ସମସ୍ତଙ୍କ ଲକ୍ଷ୍ୟରେ ବ୍ୟସ୍ତ । ସାଧାରଣ ଜନତାଙ୍କୁ ଅସ୍ତ୍ରକରି ନିର୍ବାଚନ ରଣାଙ୍ଗନାରେ ଉତ୍ତୀର୍ଣ୍ଣ ହୋଇ ମିଠାମିଠା କଥା କହି ରାଜନୀତିର ନୂତନ ସମୀକରଣରେ ଲଗିପଡ଼ିଥିବା ରାଜନେତାଙ୍କ ଭାବମୂର୍ତ୍ତି କାହାକୁ ଅଛପା ? ରାଜନୀତି ପୂର୍ବରୁ ଅନେକ ପ୍ରତିଶ୍ରୁତି ଓ ଆଶ୍ୱାସନା, ମଦମାଂସ ସହ ହାତଖର୍ଚ୍ଚ ଦ୍ୱାରା ଭୋଟରଙ୍କୁ ହାତେଇବାର ସମସ୍ତ ପ୍ରୟାସ ସେମାନଙ୍କୁ ଜଣା । ଜନତାଙ୍କ ମାନସିକତାକୁ ନେତାମନ୍ତ୍ରୀ ଓ ଦଳୀୟ କର୍ମୀମାନେ ବହୁତ୍ ଭଲଭାବରେ ବୁଝି ସାରିଛନ୍ତି ।

ନେତା ନିର୍ବାଚନ ପରେ ସରକାର ଗଠନ,ପରେପରେ ମନ୍ତ୍ରୀମଣ୍ଡଳ ସହ ପଦ ଓ ଦାୟିତ୍ୱ ଗ୍ରହଣ । କେବେ ପଦକୁ ନେଇ ଟଣାଓଟରା, ତ କେବେ ଛକାପଞ୍ଝା । ଦେଶର ପରିସ୍ଥିତ ଯାହା ହେଉନା କାହିଁକି ନିଜର ଆସନ ଅଳଙ୍କୃତ ସେମାନଙ୍କର ପ୍ରମୁଖ ଲକ୍ଷ୍ୟ । ରାଜନୀତିରେ କେହି ନିଜର ନୁହେଁ କି କେହି ପର ନୁହେଁ । ଆସନ ପାଇଁ ସ୍ୱାଭିମାନକୁ ଭି ବଳିଦେବାକୁ କେହି ପଛାଇନାହିଁ । ଉଭୟ ଅର୍ଥନୀତି ଓ ବିକାଶ ସହ ଖେଳଖେଳିବା ସେମାନଙ୍କର ଚିରାଚରିତ ପ୍ରକୃତି । ପ୍ରଗତି ନାମରେ ଦରଦାମ ବୃଦ୍ଧି ସହ ସାମାଜିକ ବିଷମତା ଦେଖିବାକୁ ମିଳେ । ଧର୍ମାଧର୍ମ ମଧ୍ୟରେ ଲଢେଇ, ଜାତିବର୍ଣ୍ଣକୁ ନେଇ ସଂରକ୍ଷଣର ପଶାଗୋଟି ଗଡେଇବାରେ ଏମାନେ ଧୁରନ୍ଧର । ଶପଥ ସମାରୋହରେ ସାଧାରଣ ଜନତାଙ୍କ ଜୀବନରେ ପରିବର୍ତ୍ତନ ସହ ସୁରକ୍ଷା ପାଇଁ ସର୍ବ ସମ୍ମୁଖରେ ଈଶ୍ୱରଙ୍କ ନାମରେ ଶପଥ ନିଅନ୍ତି ତାହା କେତଦୂର କାର୍ଯ୍ୟରେ ଦେଖାନ୍ତି ସେକଥା ବିଗତ ୭୯ ବର୍ଷ ହେବ ଦେଶ ଦେଖିଆସୁଛି । ସମସ୍ତେ ଗାନ୍ଧୀ କି ଗୋପବନ୍ଧୁ ନୁହନ୍ତି । ଦେଶରେ ସ୍ୱରାଜ୍ୟ ପଥରେ ଥିବା ଖାଲଢିପକୁ ଆଉ କେହି ନିଜ ହାଡ଼ମାଂସରେ ଭରିବାକୁ ଚାହୁଁନାହିଁ । ମଧୁବାବୁଙ୍କ ଭଳି ସ୍ୱାଭିମାନୀ ନେତାଟିଏ ଦେଖିବାକୁ ମିଳୁନାହିଁ । ଯେଉଁ ବ୍ୟକ୍ତି ଉତ୍କଳ ଟ୍ୟାନେରୀରୁ ଉତ୍ପାଦିତ ହେଉଥିବା ଜୋତା ସମୂହର ଆଂଶିକ ଖରାପକୁ ଦେଖି ସମ୍ପୂର୍ଣ୍ଣଜୋତାକୁ ନିଆଁ ଲଗେଇଦେଲେ । ଯେଉଁ ଗୋପବନ୍ଧୁ ବନ୍ୟାବତ୍ୟା ସମୟରେ ନିଜ ପୁଅକୁ ରୋଗଶଯ୍ୟାରେ ଛାଡ଼ି ଚୁଡ଼ାଚାଉଳ ବାଣ୍ଟିବାପାଇଁ ବାହାରି ଯାଇଥିଲେ । ଯେଉଁଠି ଭାରତର ସାଧାରଣ ଜନତାଙ୍କ ଦେହ ଲୁଚେଇବାକୁ ବସ୍ତ୍ରର ଅଭାବକୁ ଦେଖି ଗାନ୍ଧୀ ନିଜକୁ ଅର୍ଦ୍ଧନଗ୍ନ କପଡା ପିନ୍ଧିବାକୁ ନିଜର ବ୍ରତ ଭାବେ ଗ୍ରହଣ କରିନେଲେ । ସେହି ଦେଶର ନେତୃତ୍ୱ ନେଉଥିବା ନେତୃବୃନ୍ଦ, ପ୍ରଶାସକ, ବିଚାରବିଭାଗ,ଗଣମାଧ୍ୟମରେ କର୍ମରତ ବ୍ୟକ୍ତିମାନଙ୍କର ବ୍ୟକ୍ତିତ୍ୱକୁ ପରିଖିବା ବଡ କଷ୍ଟ ବ୍ୟାପାର । ସେମାନଙ୍କର ଶଠତା, ଅନୈତିକ କାର୍ଯ୍ୟକଳାପ ଓ ହୀନମନ୍ୟତାର ଝଲକ୍ ଦେଖିବାକୁ ପାଉଛୁ । ଏହି ପରିପ୍ରେକ୍ଷୀରେ ଧାରା ୭୫ର ସଂଶୋଧନ ନିଶ୍ଚିତଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ରାଜନୀତି ଓ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା, ସୁସ୍ଥତା ଓ ନିରପେକ୍ଷତାର ଦୀର୍ଘଦିନରୁ ଆବଶ୍ୟକତା ଥିଲା । ଗଣତନ୍ତ୍ରକୁ ସୁଦୃଢ଼ ତଥା ଦୋଷମୁକ୍ତ କରିବାପାଇଁ ଏହି ବିଧେୟକୁ ସାମ୍ବିଧାନିକ ମର୍ଯ୍ୟାଦାର ସହ ଆଗତ ଦ୍ୱାରା ଦାଗୀ ନେତାଙ୍କୁ ଶାସନରୁ ଓ ଆସନରୁ ଦୂରେଇ ରଖିବାର ସର୍ବ ଶ୍ରେଷ୍ଠ ମାଧ୍ୟମ । ଜେଲରେ ରହି ନେତାମନ୍ତ୍ରୀ ଶାସନକାର୍ଯ୍ୟ ତୁଲେଇବେ ନାହିଁ । କୌଣସି ଗୁରୁତର ଅପରାଧିକ ମାମଲାରେ ଜଣେ ଯଦି ତିରିଶ ଦିନ ଜେଲରେ ରହନ୍ତି ଓ ପାଞ୍ଚ ବର୍ଷରୁ ଅଧିକ ଜେଲରେ ଦଣ୍ଡ ଦଣ୍ଡିତ ହୋଇଥାନ୍ତି ତେବେ ସଂପୃକ୍ତ ନେତାମନ୍ତ୍ରୀଙ୍କୁ ୩୧ଦିନରେ ନିଜ ପଦରୁ ହଟାଇ ଦିଆଯିବ । ଭାରତର ବିଭିନ୍ନ ରାଜ୍ୟରେ ନେତା ମନ୍ତ୍ରୀମାନଙ୍କ ନାମରେ ଏକାଧିକ ଗୁରୁତର ଅପରାଧିକ ମାମଲାର ଅଭିଯୋଗ ଦେଖିବାକୁ ମିଳେ । ଏହାସତ୍ତ୍ୱେ ସେମାନେ ଗଣତନ୍ତ୍ରର ଉଭୟ ରାଜ୍ୟ ଓ କେନ୍ଦ୍ରରେ ନିଜର କାୟା ବିସ୍ତାର କରିଚାଲିଛନ୍ତି । ଜେଲରେ ମାସମାସ ବର୍ଷବର୍ଷ କଟେଇ ମଧ୍ୟ ପୁନଶ୍ଚ ଶାସନ ଗାଦିରେ ନିଜକୁ ଅଧିଷ୍ଠିତ କରୁଛନ୍ତି । ମୁଖ୍ୟତଃ ଦୁର୍ନୀତି, ହତ୍ୟାଭିଯୋଗ, ଯୌନ କେଲେଙ୍କାରି, ଦେଶ ବିରୋଧୀ ମନ୍ତବ୍ୟ ତଥା ଅର୍ଥ ହେରଫେର ଅଭିଯୋଗରେ ଲିପ୍ତଥାଇ ମଧ୍ୟ ନିର୍ଦ୍ଦୋନ୍ଦରେ ସେମାନଙ୍କର ରାଜନୈତିକ କାର୍ଯ୍ୟକଳାପକୁ ସମାପନ କରିବାରେ ବ୍ୟସ୍ତ । ଭାରତ ରାଜନୀତିରେ ଭିନ୍ନଭିନ୍ନ ରାଜନୈତିକ ଦଳର ସଂଖ୍ୟାଧିକ ଦାଗୀନେତା ଦେଖିବାକୁ ମିଳିବେ । ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ପ୍ରମୁଖ କରୁଣାନିଧିଙ୍କ ୨ଜି ସ୍କାମ, ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁପ୍ରସଦ ୯୫୦ କୋଟିର ଗୋଖାଦ୍ୟ ଦୁର୍ନୀତି, ତାମିଲନାଡୁର ମୁଖ୍ୟମନ୍ତ୍ରୀ ଜୟଲଳିତା କୋଇଲା ଦୁର୍ନୀତି, ସୁରେଶ କାଲମାଡ଼ି କମନ୍-ୱେଲଥ ଗେମ୍-ସ୍କାମ୍, ୟୁପିର ଦଳିତ ମୁଖ୍ୟମନ୍ତ୍ରୀ ମାୟାବତୀ ନିଜ ପ୍ରତିମୂର୍ତ୍ତି ସ୍ଥାପନ ସହ ଅନ୍ୟାନ୍ୟ ଦୁର୍ନୀତିରେ ଲିପ୍ତ, ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁକୋଡା ୪୦୦୦କୋଟିର ଖଣି ଦୁର୍ନୀତି, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ବୋଫର୍ଶ ସ୍କ୍ୟାମ,କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ. ୟେଦ୍ଦୁରୁପାପା ଲୁହାପଥର ବେଆଇନଭାବେ ରପ୍ତାନୀ, ଦିଲ୍ଲୀର ପୂର୍ବତନ ଆମ ଆଦମୀ ଦଳର ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଓ ଦଳୀୟ ବରିଷ୍ଠନେତା ମଦମାମଲାରେ ଅଭିଯୁକ୍ତ । ଏହି ବିଧେୟ ସମସ୍ତଙ୍କ କ୍ଷେତ୍ରରେ ପର ?ୟୁଜ୍ୟ । ଉଭୟ ଶାସକ ଓ ଅନ୍ୟାନ୍ୟ ବିରୋଧି ଦଳ ପାଇଁ ମଧ୍ୟ । ଏହାକୁ ସ୍ୱାଗତ କରିବା ଜରୁରୀ । ବିରୋଧୀ ଦଳ ପକ୍ଷରୁ ଏହାକୁ ବିରୋଧ କରାଯାଉଛି । ବିରୋଧୀ ଦଳର କାମ ସବୁଠି ଆଙ୍ଗୁଠି ପୁରେଇବା । କଶ୍ମୀରର ୩୭୦ଧାରା ଉଚ୍ଛେଦ ଠାରୁ ଆରମ୍ଭ କରି ଦେଶର ସୁରକ୍ଷା ଓ ପ୍ରଗତି ପାଇଁ ଲୋକସଭାରେ ଉପସ୍ଥାପନ କରାଯାଉଥିବା ସମସ୍ତ ସଂଶୋଧନକୁ ବିରୋଧ କରିବା ସହ ଏହା ଅସାମ୍ବିଧାନିକ ବୋଲି କେତେଥର ଛାତି ଫଟେଇ ଚିତ୍କାର କଲାଣି ତାର ହିସାବ ନାହିଁ । ଯେଉଁମାନେ ଅପରାଧୀ ବା ଦୁର୍ନୀତିଗ୍ରସ୍ତ ସେମାନେ ନିଶ୍ଚିତଭାବେ ଡରିବେ । ଅପରାଧିକ କାର୍ଯ୍ୟକଳାପରେ ଜଡିତ ନେତାମନ୍ତ୍ରୀ ଓ ସେମାନଙ୍କ ଦଳ ଏହାର ବିରୋଧ କରିବେନି କେମିତି । କାରଣ ଭାରତୀୟ ଗଣତନ୍ତ୍ର ଓ ସମ୍ବିଧାନର ଥିବା ନ୍ୟାୟିକ ବ୍ୟବସ୍ଥାକୁ ନେଇ ଖେଳଖେଳିବା ଆମ ନେତାମନ୍ତ୍ରୀଙ୍କର ବାମହାତର କଥା । ନ୍ୟାୟପାଳିକାର ବ୍ୟବସ୍ଥା ଅନୁଯାୟୀ ଜାମିନ ଆବେଦନ ଏବଂ ନିଜ ଅଭିଯୋଗକୁ ତାରିଖ ପରେ ତାରିଖ ଘୁଞ୍ଚେଇ ଘୁଞ୍ଚେଇ ଶେଷରେ ନେତା ମନ୍ତ୍ରୀଙ୍କର ମୃତ୍ୟୁ ହୋଇଯାଏ ହେଲେ ତାର ଫଳାଫଳ ଆସେନାହିଁ । ଭାରତର ନ୍ୟାୟିକ ବ୍ୟବସ୍ଥା ପୋଥିବାଇଗଣ ସଦୃଶ । ଭାରତୀୟ ସମ୍ବିଧାନ ଅନୁସାରେ ଯେପର୍ଯ୍ୟନ୍ତ ଜଣେ ନେତା କିମ୍ବା ମନ୍ତ୍ରୀ ଅଦାଲତ ଦ୍ୱାରା ଦଣ୍ଡିତ ବା ଦୋଷୀ ସାବ୍ୟସ୍ତ ନ ହୋଇଛି ସେ ପର୍ଯ୍ୟନ୍ତ ସେ ନିର୍ଦ୍ଦୋଷ ଏବଂ ନିର୍ଦ୍ଦୋଷ ନେତାମନ୍ତ୍ରୀ ରାଜନୀତିରେ ଅଂଶଗ୍ରହଣ ସହ ଶାସନ କାର୍ଯ୍ୟ ତୁଲେଇପାରିବେ । ଯାହର ଦୁରୁପଯୋଗ ନେତାମନ୍ତ୍ରୀ ବିଗତ ଦିନରୁ କରିଚାଲିଛନ୍ତି । କିନ୍ତୁ ଏହା ନେତାମନ୍ତ୍ରୀଙ୍କ ପାଇଁ ଉପଯୁକ୍ତ ସମୟ ନିଜକୁ ସୁଧାରିବାରେ । ଯଦି ରାଜନୀତିକୁ ନିଜର କର୍ମକ୍ଷେତ୍ର ଓ ଦାୟିତ୍ୱ ଭାବେ ଗ୍ରହଣ କରୁଛେ ତେବେ ଦୁର୍ନୀତି ଓ ଅନ୍ୟାନ୍ୟ ଗୁରୁତର ଅପରାଧିକ କାର୍ଯ୍ୟରୁ ନିଜକୁ ନିବୃତ୍ତ ରଖବାକୁ ଯତ୍ନବାନ ହୁଅନ୍ତୁ । ଖାଲି ସେତିକି ନୁହେଁ ପ୍ରତ୍ୟେକ ଶାସକ ଦଳ ନିଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭ୍ରଷ୍ଟ ତଥା ଦାଗୀମାନଙ୍କୁ ରାଜନୀତିରେ ନିମନ୍ତ୍ରଣ ଦିଅନ୍ତୁ ନାହିଁ । ଆରମ୍ଭରୁ ସରକାର ସୁନିଶ୍ଚିତ କରନ୍ତୁ ଯେ ଏହି ବ୍ୟକ୍ତି କୌଣସି ଅପରାଧ ସହ ଜଡ଼ିତ ନୁହେଁ । ଏହା ସହ ସାଧାରଣ ଭୋଟର ମଧ୍ୟ ସଚେତନ ହୁଅନ୍ତୁ;ଯେଉଁ ନେତାକୁ ସେମାନେ ନିର୍ବାଚିତ କରୁଛନ୍ତି ସେ ଗୁରୁତର ଅପରାଧ ସହ ଜଡିତ ନୁହେଁତ ? ସ୍ୱାର୍ଥାନ୍ଧ ଜନସାଧାରଣ କାହିଁକି ବାରମ୍ବାର ଜଣେ ଭ୍ରଷ୍ଟ ତଥା ଦାଗି ନେତାକୁ ସେମାନଙ୍କର ପ୍ରତିନିଧି ଭାବେ ନିର୍ବାଚିତ କରୁଛନ୍ତି ?

ବିଭାଗୀୟ ମୁଖ୍ୟ, ଦର୍ଶନ ବିଭାଗ, ବି. ଏନ. ଏମ. ଏ ମହାବିଦ୍ୟାଳୟ, ଭଦ୍ରକ,
ମୋ: ୮୮୯୫୩୪୧୦୩୩

# ଆସରାନିର କିମ୍ବଦନ୍ତୀ



## ସୌଭାଗ୍ୟ ରଞ୍ଜନ ମହାନ୍ତି

ଭାରତୀୟ ସିନେମାର ଏକ ହାସ୍ୟ ପ୍ରତିଭା ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ଅନେକ ପ୍ରତିଭାଶାଳୀ ଅଭିନେତାଙ୍କ ଦ୍ୱାରା ଆଶୀର୍ବାଦ ପାଇଛି, କିନ୍ତୁ ଅଳ୍ପ କେତେକ ଲୋକ ଅମର ଛାପ ଛାଡିଛନ୍ତି ଗୋବର୍ଦ୍ଧନ ଆସରାନିଙ୍କ ପରି, ଯାହାକୁ ସ୍ନେହରେ ଆସରାନ କୁହାଯାଏ । ପାଂଚ ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କ କ୍ୟାରିଅର ସହିତ ଆସରାନୀଙ୍କ ନାମ ବଲିଉଡ୍ ଇତିହାସରେ ଜଣେ ହାସ୍ୟ ପ୍ରତିଭା, ବହୁମୁଖୀ ଅଭିନେତା ଏବଂ ନିର୍ଦ୍ଦେଶକ ଭାବରେ ଲିପିବଦ୍ଧ ହୋଇଛି । ସିନେମା ଜଗତରେ ଆସରାନୀଙ୍କ ଯାତ୍ରା ପୁଣେର ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆରେ ତାଙ୍କର ତାଲିମ ସହିତ ଆରମ୍ଭ ହୋଇଥିଲା, ଯେଉଁଠାରେ ସେ ତାଙ୍କର ଅଭିନୟ ଦକ୍ଷତାକୁ ନିପୁଣ କରିଥିଲେ ଏବଂ ଏହି କଳା ପ୍ରତି ଏକ ଆଗ୍ରହ ବିକଶିତ କରିଥିଲେ । ତାଙ୍କର ପ୍ରାରମ୍ଭିକ ଦିନଗୁଡିକ ସଂଘର୍ଷ ଦ୍ୱାରା ଚିହ୍ନିତ ହୋଇଥିଲା, କିନ୍ତୁ ତାଙ୍କର ଦୃଢ ପ୍ରତିଭା ଶେଷରେ ବଲିଉଡରେ ତାଙ୍କର ସଫଳତା ପାଇଁ ପଥ ପ୍ରଶସ୍ତ କରିଥିଲା । ଆସରାନୀଙ୍କ ସବୁଠାରୁ ପ୍ରତୀକାତ୍ମକ ଭୂମିକା ମଧ୍ୟରୁ ଗୋଟିଏ ଥିଲା କଲ୍ଟ କ୍ଲାସିକ୍ 'ଶୋଲେ' (୧୯୭୫)ରେ ଜେଲରଙ୍କ ଭୂମିକା । ହାସ୍ୟପୂର୍ଣ୍ଣକିନ୍ତୁକଠୋର ଚରିତ୍ରର ତାଙ୍କ ଚିତ୍ରଣ ଭାରତୀୟ ସିନେମାରେ ଏକ ପ୍ରତୀକାତ୍ମକ ପ୍ରଦର୍ଶନ ପାଲଟିଛି, ତାଙ୍କ ପ୍ରସିଦ୍ଧ ଧାଡି "ଅମ୍ ଆଙ୍ଗରେଜୋନ୍ କେ ଜମାନେ କେ ଜେଲର୍ ହେଁ' ଆଜି ମଧ୍ୟ ପ୍ରଶଂସକମାନଙ୍କ ଦ୍ୱାରା ଉଦ୍ଧୃତ ହେଉଛି । ଏହି ଭୂମିକାଟି କେବଳ ତାଙ୍କର ନିଖୁଣ ହାସ୍ୟରସ ସମୟକୁ ପ୍ରଦର୍ଶନ କରିନଥିଲା ବରଂ ବଲିଉଡରେ ଜଣେ ଚର୍ଚ୍ଚିତ କଳାକାର ଭାବରେ ତାଙ୍କ ସ୍ଥିତିକୁ ମଧ୍ୟ ସୁଦୃଢ଼ କରିଥିଲା । ହୃଷୀକେଶ ମୁଖାର୍ଜୀ, ଗୁଲଜାର ଏବଂ ମନମୋହନ ଦେଶାଇ ପରି ପ୍ରସିଦ୍ଧ ନିର୍ଦ୍ଦେଶକଙ୍କ ସହ ଆସରାନିଙ୍କ ସହଯୋଗ ତାଙ୍କର କିଛି ସ୍ମରଣୀୟ ଅଭିନୟ ସୃଷ୍ଟି କରିଥିଲା । 'ଚୁପକେ ଚୁପକେ'(୧୯୭୫), 'ଗୋଲ ମାଲ' (୧୯୭୯) ଏବଂ 'ବାୱାରଚି' (୧୯୭୨) ପରି ଚଳିଚ୍ଚିତ୍ରଗୁଡିକ ଜଣେ ଅଭିନେତା ଭାବରେ ତାଙ୍କର ବହୁମୁଖୀ ପ୍ରଦର୍ଶନ ଏବଂ ତାଙ୍କ ଚରିତ୍ରଗୁଡିକରେ ହାସ୍ୟରସ ଏବଂ ଉଷ୍ମତା ଆଣିବାର କ୍ଷମତାକୁ ପ୍ରଦର୍ଶନ କରିଥିଲା । ତାଙ୍କର ଅଭିନୟ କେବଳ ହାସ୍ୟରସ ପର୍ଯ୍ୟନ୍ତ ସୀମିତ ନଥିଲା, ସେ ଚରିତ୍ର ଭୂମିକା ଏବଂ ସହାୟକ ଅଭିନୟରେ ମଧ୍ୟ ଉତକୃଷ୍ଟ ହୋଇଥିଲେ, ଯାହା ତାଙ୍କୁ ଏକ ଘରେ ଘରେ ପରିଚିତ କରାଇଥିଲା । ଭାରତୀୟ ସିନେମା ଉପରେ ଆସରାନିଙ୍କ ପ୍ରଭାବ ତାଙ୍କ ପରଦା ଉପରେ ଅଭିନୟ ବ୍ୟତୀତ ବିସ୍ତାରିତ । ସେ ଜନି ଲିଭର ଏବଂ ଜାଭେଦ ଜାଫରି ଭଳି ହାସ୍ୟ ଅଭିନେତାଙ୍କ ସମେତ ପିଢି ପିଢିର ଅଭିନେତାମାନଙ୍କୁ ପ୍ରେରଣା ଦେଇଛନ୍ତି, ଯେଉଁମାନେ ନିଜ କ୍ୟାରିଅର ପାଇଁ ପ୍ରେରଣାର ଉତ୍ସ ଭାବରେ ଆସରାନିଙ୍କୁ ଶ୍ରେୟ ଦେଇଛନ୍ତି । ତାଙ୍କର ଐତିହ୍ୟ ଅଭିନେତାମାନଙ୍କର ନୂତନ ପିଢିକୁ ପ୍ରଭାବିତ କରି ଚାଲିଛି, ଏବଂ ଭାରତୀୟ ସିନେମାରେ ତାଙ୍କର ଅବଦନ ଅତୁଳନୀୟ ରହିଛି । ତାଙ୍କ ଚମତ୍କାର କ୍ୟାରିଅର ସମୟରେ ଆସରାନି ଅନେକ ପ୍ରଶଂସା ପାଇଛନ୍ତି ଯେଉଁଥିରେ 'ଆଜ କି ତାଜା ଖବର' (୧୯୭୩) ଏବଂ 'ବାଲିକା ବଧୂ' (୧୯୭୭)ରେ ତାଙ୍କ ଅଭିନୟ ପାଇଁ ଶ୍ରେଷ୍ଠ ହାସ୍ୟ ଅଭିନେତା ପାଇଁ ଦୁଇଟି ଫିଲ୍ମଫେୟାର ପୁରସ୍କାର ଅନ୍ତର୍ଭୁକ୍ତ । ତାଙ୍କ କଳା ପ୍ରତି ତାଙ୍କର ସମର୍ପଣ ଏବଂ ଅଭୀନୟ ପ୍ରତି ତାଙ୍କର ଆଗ୍ରହ ତାଙ୍କୁ ସିନେପ୍ରେମୀ ଏବଂ ଶିଳ୍ପ ସମକକ୍ଷଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ୨୦୨୫ ଦୀପାବଳୀରେ ଆସରାନିଙ୍କ ମୃତ୍ୟୁ ଭାରତୀୟ ସିନେମାରେ ଏକ ଯୁଗର ଅନ୍ତ ଘଟାଇଥିଲା । କିନ୍ତୁ ତାଙ୍କର ଐତିହ୍ୟ ତାଙ୍କ କାର୍ଯ୍ୟ ମାଧ୍ୟମରେ ବଂଚି ରହିଛି । ତାଙ୍କ ଚଳଚ୍ଚିତ୍ରଗୁଡିକ ଦର୍ଶକଙ୍କୁ ମନୋରଞ୍ଜନ କରିଆସୁଛି ଏବଂ ତାଙ୍କ ପ୍ରଭାବ ଅନେକ ସମସାମୟିକ ଅଭିନେତାଙ୍କ କାର୍ଯ୍ୟରେ ଦେଖାଯାଇପାରେ । ଭାରତୀୟ ସିନେମାରେ ଅସରାନିଙ୍କ ଅବଦାନ ପ୍ରତିଭା, ସମର୍ପଣ ଏବଂ ଆଗ୍ରହର ଶକ୍ତିର ପ୍ରମାଣ ଏବଂ ତାଙ୍କର କିମ୍ବଦନ୍ତୀ ଆଗାମୀ ପିଢିକୁ ପ୍ରେରଣା ଦେଇଚାଲିବ । ଆସରାନି ଜଣେ ସିନ୍ଧୀ ଉପନାମ ଏବଂ ଆସରାନିଙ୍କ ପରିବାର ଇତିହାସ ଭାରତ ବିଭାଜନ ସମୟରୁ ଆରମ୍ଭ ହୋଇଛି ଯେତେବେଳେ ସିନ୍ଧୀ ହିନ୍ଦୁମାନେ ଭାରତ ଏବଂ ଯୁକ୍ତରାଷ୍ଟ୍ର ଏବଂ ଯୁକ୍ତରାଜ୍ୟ ଭଳି ଅନ୍ୟାନ୍ୟ ଦେଶକୁ ପ୍ରବାସ କରିଥିଲେ । ଆସରାନି ଉପନାମଟି ପୂର୍ବପୁରୁଷ ଆସ୍ରୋମାଲଙ୍କ ନାମରୁ ଅସିଛି ଏବଂ ସିନ୍ଧୀ ଭାଷାରେ ଏହାର ଅର୍ଥ 'ଆଶା' । ଆସରାନି ପରିବାର ସଦସ୍ୟ :ଗୋବର୍ଦ୍ଧନ ଆସରାନି (ଅଭିନେତା) - ମଞ୍ଜୁ ଆସରାନି(ବିବାହ ପରେ ପରିବାର ଉପରେ ଧ୍ୟାନ ଦେଉଥିବା ଜଣେ ଅଭିନେତ୍ରୀ)ଙ୍କୁ ବିବାହ କରିଥିଲେ । ପୁଅ- ନବୀନ ଆସରାନି (ଅହମଦମାଦର ଜଣେ ଦନ୍ତ ଚିକିତ୍ସକ) । ଅପୂର୍ବ ଆସରାନି (ଚଳଚ୍ଚିତ୍ର ନିର୍ମାତା) । ପିତାମାତା : ମନୋହର ଆସରାନି (ପିତା, ୨୦୨୩ରେ ମୃତ୍ୟୁବରଣ କରିଥିଲେ) । ଏବଂ ମେନକା ଆସରାନି (ମାତା, ଜଣେ ଭାରତନାଟ୍ୟମ ନୃତ୍ୟଶିଳ୍ପୀ) । ଭାଇ : ରିଖିଲ ଆସରାନି (ବ୍ୟବସାୟୀ), ସାଥୀ : କଦମ୍ବୁର ନୀରଜ(ସମ୍ପାଦକ, ୨୦୨୩ରେ ସମ୍ପର୍କ ଆରମ୍ଭ ହୋଇଥିଲା) । ଆସରାନି ପରିବାର ପୃଷ୍ଠଭୂମି : ଆସରାନି ପରିବାର, ବିଶେଷକରି ଗୋବର୍ଦ୍ଧନ ଆସରାନି, ରାଜସ୍ଥାନର ଜୟପୁରରେ ମୂଳ ରହନ୍ତି, ଯେଉଁଠାରେ ସେ ଏକ ମଧ୍ୟବିତ ଶ୍ରେଣୀର ସିନ୍ଧୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଏକ ଛୋଟ ବ୍ୟବସାୟ ଚଳାଉଥିଲେ ଏବଂ ତାଙ୍କ ମାଆ ଜଣେ ଗୃହିଣୀ ଥିଲେ । ଅଭିନୟ ଏବଂ ସଙ୍ଗୀତ ପ୍ରତି ଆସରାନୀଙ୍କ ଆଗ୍ରହ ତାଙ୍କୁ ମନୋରଂଜନ ଶିଳ୍ପରେ କ୍ୟାରିଅର କରିବାକୁ ପ୍ରେରଣା ଦେଇଥିଲା ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ: ୭୯୭୮୬୬୬୪୦୩

# ଓଡ଼ିଶାରେ ଜାତି ରାଜନୀତି



## ଅଧ୍ୟାପକ ଗୋପବନ୍ଧୁ

କୁହାଯାଉଛି ଓଡ଼ିଶାରେ ଜାତି ରାଜନୀତି ନାହିଁ । ଅନେକ ରାଜ୍ୟରେ ଜାତିଭିତ୍ତିକ ରାଜନୀତି ସ୍ପଷ୍ଟଭାବେ ବାରି ହେଉଥିବା ବେଳେ ଓଡିଶାରେ ତାହା ଏଯାଏଁ କାୟା ବିସ୍ତାର କରିପାରି ନାହିଁ । ଏହା ସ୍ୱାଗତଯୋଗ୍ୟ ବିଷୟ ନିଶ୍ଚୟ । ଜାତିକୁ ନେଇ ରାଜନୀତି କରିବା ଆଦୌ ଉଚିତ୍ ନୁହେଁ । ସୁସ୍ଥ ଗଣତନ୍ତ୍ର ପାଇଁ ଉଭୟ ଜାତି ଓ ଧର୍ମଭିତ୍ତିକ ରାଜନୀତିର ଆବଶ୍ୟକତା ନାହିଁ । ଏହି ଦୃଷ୍ଟିରୁ ଆମେ ଉଲ୍ଲସିତ ହେବା ଉଚିତ୍ ଯେ ଓଡ଼ିଶାକୁ ଏଯାଏଁ ଜାତିଭିତ୍ତିକ ରାଜନୀତି ଛୁଇଁପାରି ନାହିଁ । ତେଣୁକରି ରାଜ୍ୟରେ କୌଣସି ଜାତିଭିତ୍ତିକ ରାଜନୈତିକ ଦଳ ବିସ୍ତାରୀତ ହୋଇନାହିଁ । ଆଗକୁ ସମାନ ପ୍ରକ୍ରିୟା ବଳବୋତ୍ତର ରହିବ ବୋଲି କୁହାଯାଇ ପାରିବ ନାହିଁ । କାରଣ ସାମାଜିକ ସ୍ତରରେ ଜାତି ସଚେତନତା ବଢୁଛି । ବିଶେଷକରି ବିଭିନ୍ନ ଜାତି ରାଜନୀତି, ଚାକିରୀ ଓ ଶିକ୍ଷା କ୍ଷେତ୍ରରେ କେତେ ସ୍ଥାନ ପାଇବାକୁ ସକ୍ଷମ ହୋଇଛନ୍ତି ତାହାର ତର୍ଯ୍ୟମା କରିବା ଆରମ୍ଭ କରିଛନ୍ତି । ଏହା ତାଙ୍କୁ ରାଜନୈତିକଭାବେ ସଚେତନ ହେବାକୁ ବାଧ୍ୟ କରୁଛି । ଫଳରେ ଜାତି ଦୃଷ୍ଟିରୁ ଥିବା ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀ କ୍ରମେ ସଂଗଠିତ ହେଉଛନ୍ତି । ଏହା ନିଶ୍ଚିତଭାବେ ଜାତି ରାଜନୀତିକୁ ପ୍ରୋତ୍ସାହିତ କରିବ ।

ଯେତେବେଳେ ଏକ ବା ଏକାଧିକ ଜାତି ସଂଗଠିତ ହୋଇ ରାଜନୀତି କରିବାର ଦେଖାଯାଏ, ସେତେବେଳେ ତାହାକୁ ଜାତି ଆଧାରିତ ରାଜନୀତି ବୋଲି କୁହଯାଏ । ଏହି ପ୍ରକାର ରାଜନୀତି ଉତ୍ତରପ୍ରଦେଶ, ବିହାର ସମେତ ଅନେକ ରାଜ୍ୟରେ ପରିଲକ୍ଷିତ ହେଉଛି । ଏହି ସମସ୍ତ ରାଜ୍ୟରେ ବିଭିନ୍ନ ଜାତିଗୋଷ୍ଠୀ ସଂଗଠିତ ହୋଇ ରାଜନୀତିକୁ ଅକ୍ତିୟାର କରିବାକୁ ଚେଷ୍ଟା କରୁଛନ୍ତି । କେତେକ କ୍ଷେତ୍ରରେ ଏକକ ଜାତିର ଆଧିପତ୍ୟରେ ରାଜନୀତି ବି ଚାଲିଛି । ଏ ଦିଗରେ ସଫଳତା ମଧ୍ୟ ମିଳୁଛି । ଏହା ସମସ୍ତଙ୍କୁ ଜ୍ଞାତ ଯେ ଉତ୍ତରପ୍ରଦେଶରେ ଯାଦବମାନେ ସମାଜବାଦୀ ପାର୍ଟିର ମେରୁଦଣ୍ଡ । ଅନ୍ୟାନ୍ୟ ଓବିସିମାନେ ମଧ୍ୟ କିଛି ମାତ୍ରାରେ ଏହି ଦଳକୁ ସମର୍ଥନ କରନ୍ତି । ଏହି ଦଳ ସେଠାରେ ରାଜନୈତିକ ଶକ୍ତିଭାବେ ଉଭା ହୋଇଛି । ସେଠାରେ ଅନୁସୂଚୀତ ଜାତିମାନେ ମଧ୍ୟ ସଂଗଠିତ ହୋଇ ବହୁଜନ ସମାଜ ପାର୍ଟି ନାମରେ ରାଜନୈତିକ ଶକ୍ତି ଭାବେ ଆବିର୍ଭୁତ ହୋଇଛନ୍ତି । ଏବେ ଆଜାଦ ସମାଜ ପାର୍ଟି ନାମରେ ଅନ୍ୟ ଏକ ଦଳ ଦଳିତ, ପଛୁଆବର୍ଗ ଓ ସଂଖ୍ୟାଲଘୁମାନଙ୍କୁ ନେଇ କାୟା ବିସ୍ତାର କରୁଛି । ବିହାରରେ ଓବିସିମାନେ ରାଜନୈତିକ ଭାବେ ଦୁଇଭାଗରେ ବିଭକ୍ତ । ଗୋଟିଏ ହେଉଛି କୁର୍ମି ନେତୃତ୍ୱାଧୀନ ଜନତା ଦଳ ଇଉନାଇଟେଡ଼ ଓ ଅନ୍ୟଟି ହେଉଛି ଯାଦବ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ଦଳ । ସେଠାରେ ଏସସି ବର୍ଗକୁ ନେଇ ଲୋକଜନଶକ୍ତି ପାର୍ଟି ମଧ୍ୟ ରହିଛି । ସେହିପରି ତାମିଲନାଡୁରେ ଓବିସି ନେତୃତ୍ୱାଧୀନ ଡିଏମକେ ରାଜ୍ୟରେ ପ୍ରମୁଖ ରାଜନୈତିକ ପାର୍ଟି । ଝାଡ଼ଖଣ୍ଡ ରାଜ୍ୟରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ମୂଳ ଆଧାର ହେଉଛି ସାନ୍ତାଳ ଜନଜାତି । ଅନ୍ୟ ଜନଜାତିମାନେ ଅନେକାଂଶରେ ଏହି ଦଳକୁ ସମର୍ଥନ କରନ୍ତି । ତେବେ ଓଡିଶାରେ ଏପରି ରାଜନୀତି ନାହିଁ କହିଲେ ଚଳେ ।

ଉଭୟ ଭାରତବର୍ଷ ଓ ଓଡ଼ିଶାରେ ଦୁଇ ପ୍ରକାର ଜାତିସମୂହ ରହିଛି । ଗୋଟିଏ ହେଉଛି ଅଗ୍ରସର ଜାତିସମୂହ ଓ ଅନ୍ୟଟି ହେଉଛି ଅନଗ୍ରସର ଜାତିସମୂହ । ପ୍ରଥମଟିରେ ଅଳ୍ପ କେତୋଟି ଜାତି ଥିବାବେଳେ ଦ୍ୱିତୀୟଟିରେ ଅସଂଖ୍ୟ ଜାତି ରହିଛି । ବାସ୍ତବ ପକ୍ଷେ ଦେଖିବାକୁ ଗଲେ ଦେଶର ତଥା ରାଜ୍ୟର ଶାସନ କ୍ଷମତା ଏହି ଅଗ୍ରସର ଜାତି ସମୂହ ନିକଟରେ ରହି ଆସିଛି । ସମସ୍ତ ପ୍ରତିଷ୍ଠିତ ରାଜନୈତିକ ଦଳ ଏମାନଙ୍କ ଦ୍ୱାରା ପରିଚାଳିତ । ଅବଶ୍ୟ ବେଳେବେଳେ ଏମାନେ ଅନଗ୍ରସର ବର୍ଗରୁ ଜଣେ ଦୁଇଜଣକୁ ଉଚ୍ଚ ପଦପଦବୀରେ ବସାନ୍ତି । ହେଲେ ପ୍ରକୃତ କ୍ଷମତା ଏମାନଙ୍କ ହାତରେ ଥାଏ । ଏମାନେ କେବେବି ଶାସନ କ୍ଷମତାକୁ ହାତଛଡ଼ା କରିବାକୁ ଦିଅନ୍ତି ନାହିଁ । ଫଳରେ ଦେଶରେ ତଥା ରାଜ୍ୟରେ ଅନଗ୍ରସର ଜାତିସମୂହ ସମାନ ଓ ସଂଖ୍ୟାନୁପାତିକ ରାଜନୈତିକ କ୍ଷମତା ହାସଲ କରିବାକୁ ସକ୍ଷମ ହୋଇ ନାହାଁନ୍ତି । ତେଣୁ ଅନଗ୍ରସର ଜାତି ସମୂହର ନେତାମାନେ ଏହାକୁ ନେଇ ପ୍ରତିବାଦ କରି ଆସିଛନ୍ତି । ଏମାନେ ସଂଖ୍ୟାନୁପାତିକ କ୍ଷମତା ହାସଲର ସପକ୍ଷରେ ଯୁକ୍ତିକରି ଆସିଛନ୍ତି । ସମାନ ଭାଗୀଦାରୀ କଥା କହି ଆସିଛନ୍ତି । ସମାନୁପାତିକ ଭାଗୀଦାରୀ କଥା ଉଠିଲେ ଏମାନେ ଜାତି ରାଜନୀତି କରୁଛନ୍ତି ବୋଲି ଅଭିଯୋଗ ଆସେ । ଏହା ଏକ ଅଦ୍ଭୁତ ଅଭିଯୋଗ ।

ଯେତେବେଳେ ପ୍ରଚଳିତ ରାଜନୈତିକ ବ୍ୟବସ୍ଥା ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଅନଗ୍ରସର ବର୍ଗ ସକ୍ଷମ ହୁଅନ୍ତି ନାହିଁ, ସେତେବେଳେ ନିଜ ଜାତି ସଂଗଠନକୁ ରାଜନୈତିକ କ୍ଷମତା ହାସଲ କରିବା ପାଇଁ ବ୍ୟବହାର କରନ୍ତି । ଏହା ଉତ୍ତରପ୍ରଦେଶ, ବିହାର, ତାମିଲନାଡୁ, ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟରେ ଦେଖିବାକୁ ମିଳୁଛି । ଏଦିଗରେ ଅନଗ୍ରସର ଜାତିଗୁଡିକ ଅନେକାଂଶରେ ସଫଳତା ମଧ୍ୟ ପାଇଛନ୍ତି । ଦେଶର ରାଜନୀତି କ୍ଷେତ୍ରରେ ଏହାକୁହିଁ ଜତିବାଦୀ ରାଜନୀତି ବୋଲି କୁହାଯାଇଛି । ଯେତେବେଳେବି ଏହିପ୍ରକାର ରାଜନୀତିର ପ୍ରବକ୍ତାମାନଙ୍କୁ ପ୍ରଶ୍ନ କରାଯାଇଛି ସେମାନେ ଏହାକୁ ସ୍ୱୀକାର କରିନାହାଁନ୍ତି । ସେମାନେ ନିଜକୁ ସାମାଜିକ ନ୍ୟାୟର ସମର୍ଥକ ଓ ଏହାକୁ ସାମାଜିକ ନ୍ୟାୟ ଆନ୍ଦୋଳନ ବୋଲି କହିଛନ୍ତି । ସମାନତା ସ୍ଥାପନ ପାଇଁ ଏହାର ଆବଶ୍ୟକତା ରହିଛି ବୋଲି ତାଙ୍କ ମତ ।

ଅନ୍ୟ ପକ୍ଷରେ ଯେଉଁମାନେ ସଂଖ୍ୟାଧିକ ଅନଗ୍ରସର ଜାତିସମୂହକୁ ସଂଖ୍ୟାନୁପାତିକ ଅଧିକାରରୁ ବଞ୍ଚିତ କରନ୍ତି ତାଙ୍କୁ ଜତିବାଦୀ କୁହଯାଏ ନାହିଁ । ବାସ୍ତବରେ ଏହାବି ଏକ ପ୍ରକାରର ଜାତିବାଦ । ଯାହା ସ୍ୱାଧୀନତା ପରଠାରୁ ଦେଶରେ ପରିଲକ୍ଷିତ ହୋଇଆସିଛି । ଅଜବ ବିରୋଧାଭାସ । ମୁଷ୍ଟିମେୟ ଜାତି ସମସ୍ତ କ୍ଷମତାକୁ ନିଜ ନିୟନ୍ତ୍ରଣରେ ରଖିଲେ ତାହା ଜାତିବାଦ ନୁହେଁ । କିନ୍ତୁ ସଂଖ୍ୟାବହୁଳ ଜାତିସମୂହ ନିଜର ସଂଖ୍ୟାନୁପାତିକ ଅଧିକାର ହାସଲ ପାଇଁ ପ୍ରୟାସ କଲେ ସେମାନେ ହୁଅନ୍ତି ଜାତିବାଦୀ । ତେଣୁକରି ଜାତିବାଦୀ ରାଜନୀତି ସେହି ରାଜ୍ୟରେ ଚାଲେ ଯେଉଁ ରାଜ୍ୟରେ ଅନଗ୍ରସର ଜାତିସମୂହ ନିଜ ସମାନ ଅଧିକାର ସମ୍ବନ୍ଧରେ ସଚେତନ । ଉଲ୍ଲେଖିତ ରାଜ୍ୟମାନଙ୍କରେ ଜାତି ରାଜନୀତି ଚାଲିଛି ଯେହେତୁ ସେଠାରେ ଅନଗ୍ରସର ଜାତିସମୂହ ସଚେତନ ଓ ସମାନ ଅଧିକାର ପାଇଁ ସଂଗ୍ରାମ ରତ ।

ଓଡ଼ିଶାରେ ଜାତି ରାଜନୀତି ନାହିଁ ଯେହେତୁ ଏଠାରେ ଅନଗ୍ରସର ଜାତିସମୂହ ନିଜର ସମାନ ଅଧିକାର ସମ୍ବନ୍ଧରେ ସଚେତନ ନୁହଁନ୍ତି । ଭାରତବର୍ଷର ଯେକୌଣସି ରାଜ୍ୟ ଅପେକ୍ଷା ଓଡ଼ିଶାରେ ଏମାନଙ୍କ ସଂଖ୍ୟା ସର୍ବାଧିକ । ଅନୁସୂଚୀତ ଜାତି ଓ ଜନଜାତିମାନଙ୍କ ସଂଖ୍ୟା ୪୦% ଓ ଓବିସି ଙ୍କ ସଂଖ୍ୟା ପ୍ରାୟ ୫୪%, ମିଶାଇଲେ ଏହା ୯୦% କୁ ଅତିକ୍ରମ କରିଯାଉଛି । ଏମାନଙ୍କ ସହିତ ସଂଖ୍ୟାଲଘୁମାନଙ୍କୁ ମିଶାଇଲେ ଏ ସଂଖ୍ୟା ଆହୁରି ବଢ଼ିଯିବ । ତଥାପି ଓଡିଶା ରାଜନୀତିରେ ଏମାନେ ସଂଖ୍ୟାନୁପାତିକ ଅଧିକାରଠାରୁ ବହୁ ଦୂରରେ ଅଛନ୍ତି । ଅନୁସୂଚୀତ ଜାତି ଓ ଜନଜାତିମାନେ ଯଦିଓ ସଂଖ୍ୟାନୁପାତିକ ପ୍ରତିନିଧିତ୍ୱର ସୁବିଧା ପାଉଛନ୍ତି ତଥାପି ଏମାନେ ପ୍ରକୃତ କ୍ଷମତାର ଅଧିକାରୀ ନୁହଁନ୍ତି । ଏମାନେ କେବଳ ହାଁଜୀ ରାଜନୀତି କରିଥାନ୍ତି । ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସି ମାନେତ ଆହୁରି ତଳେ ଅଛନ୍ତି । ଏମାନେ ସମାନ ଅଧିକାର ସମ୍ବନ୍ଧରେ ଆଦୌ ସଚେତନ ନୁହଁନ୍ତି । ଏମାଙ୍କୁ ମାତ୍ର ୧୧-୨୫% ସଂରକ୍ଷଣ ଚାକିରୀ ଓ ସାଧାରଣ ଶିକ୍ଷାରେ ଦିଆଯାଉଛି ।

ତେଣୁ ଏହା ନିରାଟ ସତକଥା ଯେ ଓଡିଶାରେ ଜାତି ରାଜନୀତି ନାହିଁ । ଉତ୍ତରଭାରତର ଜାତି ରାଜନୀତିର ପ୍ରଭାବ ଓଡ଼ିଶାରେ ଏଯାଏଁ ପଡିନାହିଁ । ରାଜ୍ୟରେ ଯେଉଁଦିନ ଅନଗ୍ରସର ଜାତିସମୂହ ସଚେତନ ହେବେ ଓ ନିଜର ସଂଖ୍ୟାନୁପାତିକ ଅଧିକାର ପାଇଁ ଲଢିବା ଆରମ୍ଭ କରିବେ ସେହି ଦିନଠାରୁ ଓଡ଼ିଶାରେ ମଧ୍ୟ ଜାତି ରାଜନୀତି ଆରମ୍ଭ ହେବ । ସାମ୍ପ୍ରତିକ ଅବସ୍ଥାରେ ଏହା ଆଉ ବିଳମ୍ବ ନୁହେଁ ପରି ମନେହୁଏ । କାରଣ ରାଜ୍ୟର ସମସ୍ତ ରାଜନୈତିକ ଦଳ ଏବେ ସମସ୍ତ କ୍ଷେତ୍ରରେ ଏହି ବର୍ଗମାନଙ୍କ ସମାନୁପାତିକ ଅଧିକାର କଥା କହୁଛନ୍ତି । ବିଜେପି ଜଣେ ଆଦିବାସୀଙ୍କୁ ମୁଖ୍ୟମନ୍ତ୍ରୀ କରିଛି । କଂଗ୍ରେସ ଜଣେ ଅନୁସୂଚୀତ ବର୍ଗର ନେତାଙ୍କୁ ରାଜ୍ୟ ଅଧ୍ୟକ୍ଷ ଦାୟିତ୍ୱ ଦେଇଛି । ବିଜେଡ଼ି ଓବିସି ସମେତ ସମସ୍ତ ସଂରକ୍ଷିତ ବର୍ଗର ଆନୁପାତିକ ସଂରକ୍ଷଣ ସପକ୍ଷରେ କହିବାର ଶୁଣାଯାଉଛି । ସମସ୍ତ ପ୍ରତିଷ୍ଠିତ ରାଜନୈତିକ ଦଳ ଜାତି ଓ ଗୋଷ୍ଠୀ ଆଧାରରେ ଗୋଟି ଚାଳନା କରୁଛନ୍ତି । ଅନ୍ୟପକ୍ଷରେ ଉତ୍ତର ଭାରତର ଆଜାଦ୍ ସମାଜ ପାର୍ଟି (ଏଏସପି), ସମାଜବାଦୀ ପାର୍ଟି(ଏସପି), ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି), ବହୁଜନ ସମାଜ ପାର୍ଟି(ବିଏସପି) ପରି ରାଜନୈତିକ ଦଳମାନେ ଏହାରି ସୁଯୋଗରେ ନିଜର ସ୍ଥିତିକୁ ରାଜ୍ୟରେ ବଢ଼ାଇବାକୁ ଚାହୁଁଛନ୍ତି । ତେଣୁ ଖୁବଶୀଘ୍ର ଓଡିଶାରେ ମଧ୍ୟ ଜାତି ରାଜନୀତି ଆରମ୍ଭ ହେବାର ସମ୍ଭାବନା ରହିଛି ।

ଦର୍ଶନ ବିଭାଗ
(ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ଆଓ ନେକ୍ସ୍ଟ ଓଟିଟିରେ ଅନୁଭବ ମହାନ୍ତିଙ୍କ ଆଉ ଏକ ସୁପରହିଟ୍ ଫିଲ୍ମ 'କର୍ମ'

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ପୂର୍ବ ଭାରତର ଲୋକପ୍ରିୟ ଓ ପ୍ରିମିୟମ୍ ଓଭର-ଦି-ଟପ୍ (ଓଟିଟି) ଷ୍ଟ୍ରିମିଂ ପ୍ଲାଟଫର୍ମ, ଆଓ ନେକ୍ସ୍ଟରେ ଅକ୍ଟୋବର ୨୧ ରେ ଉପଲବ୍ଧ ହୋଇସାରିଛି ସୁପରହିଟ୍ ଫିଲ୍ମ 'କର୍ମ'। ୨୦୨୪ଦଶହରା ବଜାରରେ ସୁନାମୀ ଆଣିଥିଲା ଏହି ଫିଲ୍ମ । ଜାତୀୟ ପୁରସ୍କାରପ୍ରାପ୍ତ ନିର୍ମାତା ଅନୁପମ ପଟ୍ଟନାୟକ ଏବଂ ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ 'କର୍ମ'ଏବେ ଓଟିଟିରେ ରିଲିଜ ହେବାକୁ ଯାଉଛି । ଦମ୍ ?ଦାର ସଂଳାପ ଆଉ 'ଚିରିଙ୍ଗ ଚିରିଙ୍ଗ...' ଗୀତର ଭରପୂର ମଜା ନେଇଥିଲେ ଦର୍ଶକ । ଧରାପୃଷ୍ଠରେ ଜନ୍ମନେଇ ଈଶ୍ୱର ମଧ୍ୟ ନିଜ କର୍ମର ଫଳ ନିଜେ ଭୋଗିଛନ୍ତି। ଯେଉଁଠି ଈଶ୍ୱର କର୍ମଫଳ ଭୋଗୁଛନ୍ତି, ସେଠି ମଣିଷ ବା ବର୍ତ୍ତିଯିବ କେମିତି ? ଯିଏ ଯେମିତି କର୍ମ କରିବ, ସେ ତା'ର ଫଳ ନିଶ୍ଚୟ ପାଇବ। ଏଭଳି ଏକ ବାର୍ତ୍ତା ନେଇ ନିର୍ମିତ 'କର୍ମ' । ବାକି କାହାଣୀ ଦର୍ଶକ ଆଓ ନେକ୍ସ୍ଟରେ ଦେଖିବା ପରେ ଜାଣିପାରିବେ । ଫିଲ୍ମରେ ସୁପରଷ୍ଟାର ଅନୁଭବ ମହାନ୍ତି ମୁଖ୍ୟ ଚରିତ୍ରରେ ନଜର ଆସିଥିବା ବେଳେ ତାଙ୍କ ବିପକ୍ଷରେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ନଜର ଆସିଛନ୍ତି । ଏହି ଫିଲ୍ମରେ ପ୍ରଥମ ଥର ପାଇଁ ଅନୁଭବ ଓ ସୂର୍ଯ୍ୟମୟୀଙ୍କ ଯୋଡିଙ୍କୁ ଦେଖିବାକୁ ମିଳିଛି । ଅନ୍ୟ ଭୂମିକାରେ




ଅଭିନେତ୍ରୀ ଦିବ୍ୟା ଚୌଧୁରୀ, ଜୟ ପ୍ରକାଶ, ନିଶାନ୍ତ ମଜିଠିଆ ଉଦିତ ଗୁରୁ ରହିଥିବା ବେଳେ ସନୋଜ ଓ ମନ୍ମୟ ଦେ ଏହି ଫିଲ୍ମ ସହ ଡେବ୍ୟୁ କରିଛନ୍ତି ।

'ଓଟିଟି ପ୍ଲାଟଫର୍ମଗୁଡିକର ଲୋକପ୍ରିୟତା ବଢ଼ିବାରେ ଲାଗିଛି ଓ ଆଓ ନେକ୍ସ୍ଟ ସବୁବେଳେ ଓଡ଼ିଶାର ଦର୍ଶକଙ୍କ ମନକୁ ଛୁଇଁଲା ପରି କାହାଣୀ ଓ ବିଷୟ ବସ୍ତୁ ନିଜ ଷ୍ଟ୍ରିମିଂ ପ୍ଲାଟଫର୍ମରେ ଆଣିଥିବାରୁ ସମସ୍ତ ଓଡ଼ିଆଙ୍କ ପ୍ରିୟ ହୋଇ ପାରିଛି। ପୂର୍ବରୁ ପ୍ରେମ, ବିବାହ ଓ ପରିବାର ମଧ୍ୟରେ ଥିବା ଭାବର ଅନ୍ତରକୁ ନେଇ କୋଣୀୟ ପ୍ରେମ କାହାଣୀ 'ଭାବାନ୍ତର'ର କ୍ରେଜ ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସ୍ଟରେ ବହୁତ ବଢ଼ିଛି । ପୁଣି ଆସନ୍ତା ମାସ ନଭେମ୍ବରରେ ଆଓ ନେକ୍ସ୍ଟରେ ରିଲିଜ ହେବ ମନସ୍କ । ମନ ଯଦି ସକାରାତ୍ମକ ହୁଏ ତେବେ ମନସ୍କ ମଣିଷ ଉନ୍ନତିର ଚରମ ସୀମାରେ ପହଞ୍ଚି ପାରିଥାଏ । ହେଲେ ସେହି ମନ ନକାରାତ୍ମକ ହେଲେ ଜୀବନ ଉପରେ ଭାରି ପଡିଥାଏ । ଏମିତି ଏକ ମନସ୍ତତ୍ୱର କାହାଣୀକୁ ନେଇ ତିଆରି ହୋଇଛି ଫିଲ୍ମ । ଜାତୀୟସ୍ତରର ନିର୍ଦ୍ଦେଶକ ମାନସ ସାହୁ ଏହି କାହାଣୀର ନିର୍ଦ୍ଦେଶନା ଦେଇଛନ୍ତି । ଭବାନୀ ପ୍ରସାଦ ମାଝୀ ପ୍ରଡକ୍ସନ ବ୍ୟାନରରେ ସିନେମାଟି ପ୍ରସ୍ତୁତ ହୋଇଛି । ଭବାନୀ ପ୍ରସାଦ ମାଝୀ ସିନେମାର ପ୍ରଯୋଜନା ଦେଇଥିବା ବେଳେ କାହାଣୀ ଲେଖିଛନ୍ତି ଡକ୍ଟର ଲିଙ୍ଗରାଜ ନାଥ । ମନୋବିଜ୍ଞାନ ଓ ଦର୍ଶନକୁ ନେଇ ନିର୍ମିତ ହରର୍ ଓଡ଼ିଆ ଫିଲ୍ମ ମନସ୍କ ରାଜ୍ୟର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ବେଳେ ଏହି ଭିନ୍ନ ଧରଣର ଚଳଚ୍ଚିତ୍ର ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲା ଏହି ଫିଲ୍ମ । ଲିଡ୍ ରୋଲରେ ମଧୁମିତା ବାରିକଙ୍କ ସହ ଅଶ୍ୱିନୀ ରାୟ ନଜର ଆସିଥିଲେ । ଏହାସହ ବୌଦ୍ଧ ଧର୍ମାବଲମ୍ବୀ ଭୂମିକାରେ ନଜର ଆସିଥିଲେ ଚୌଧୁରୀ ବିକାଶ ଦାସ ।

'ଭାବାନ୍ତର'ର ଷ୍ଟ୍ରିମିଂ ସଫଳତାରେ ସିଇଓ ତଥା ପ୍ରତିଷ୍ଠାତା କୌଶିକ ଦାସ କହିଛନ୍ତି ଯେ, ଓଡିଆ ଦର୍ଶକଙ୍କ ଚିନ୍ତାଧାରା ଓ ଭଲପାଇବାକୁ ଧ୍ୟାନରେ ରଖି 'ଆଓ ନେକ୍ସଟ'ମନଛୁଆଁ ନୂଆ ନୂଆ ଫିଲ୍ମ ସବୁ ଆଣିଥାଏ । ଆଗରୁ ବହୁ ସୁପରହିଟ ଫିଲ୍ମ ସବୁ ଦର୍ଶକଙ୍କ ଭଲ ପାଇବା ସାଉଁଟିଥିଲା । ଯେଉଁ ଦର୍ଶକ ମାନେ ଫିଲ୍ମ ସବୁ ହଲରେ ଦେଖିପାରିନଥିଲେ, ସେମାନେ ଏବେ ଆଓ ନେକ୍ସଟରେ ସ୍ୱତନ୍ତ୍ର ଭାବରେ ଏହାକୁ ଦେଖିପାରିବେ ଓ ଆଗକୁ ଆହୁରି ଭଲ ଭଲ ଫିଲ୍ମ ଆମ ଉପଭୋକ୍ତାଙ୍କ ପାଇଁ ଆଣିବା ପାଇଁ ଆଓ ନେକ୍ସଟ୍ ପ୍ରତିବଦ୍ଧ ବୋଲି ପ୍ରତିଷ୍ଠାତା କୌଶିକ ଦାସ ସୂଚନା ଦେଇଛନ୍ତି।

# ସୁଗ୍ରୀବ ମହାବୀର ଜଳବନ୍ଦୀ: ଆବର୍ଜନା ପାଣି ଘେରରେ ଦୟଣା ପିଣ୍ଡି, ମନ୍ଦିର

ପୁରୀ, ୨୧/୧୦ (ନି.ପ୍ର): ଜଳ ଘେରରେ ସୁଗ୍ରୀବ ମହାବୀର ମନ୍ଦିର। ବର୍ଷାରେ ସହର ତଳି ଅଞ୍ଚଳ ସହ ବୁଡ଼ି ରହିଛି ଏହି ମନ୍ଦିର। ପାଣି ଘେରରେ ରହିଛି ମନ୍ଦିର ସମ୍ମୁଖ ଦୟଣା ପିଣ୍ଡି। ଶ୍ରୀଦାଣ୍ଡ ନିର୍ମାଣ ପରେ ଏହି ସମସ୍ୟା ପିଛା ଛାଡୁନାହିଁ। ବର୍ଷା ଋତୁ ଆସିଲେ ସୁଗ୍ରୀବ ମନ୍ଦିର ସମେତ ମହାପ୍ରଭୁଙ୍କ ଦୟଣା ଚୋରି ନୀତି ଅନୁଷ୍ଠିତ ହେଉଥିବା ପିଣ୍ଡି ପାଣିରେ ବୁଡ଼ି ରହିବା ଋତୁ ଭିତ୍ତିକ ସମସ୍ୟାରେ ପରିଣତ ହୋଇଛି। ଜଗନ୍ନାଥ ବଲ୍ଲଭ ମଠ ବିଜେସ୍ଥଳୀରେ ଥିବା ମନ୍ଦିରରେ ଠାକୁରମାନଙ୍କ ବ୍ୟତୀତ ମଠର ଉଦ୍ୟାନ ଭିତରେ ୫ଟି ମନ୍ଦିର ରହିଛି। ହନୁମାନଙ୍କ ବ୍ୟତୀତ ସୁଗ୍ରୀବ, ଗୁମ୍ଫା ମହାବୀର, ସୁପାରି ହନୁମାନ ମଧ୍ୟ ପୂଜା ପାଉଛନ୍ତି। ଶ୍ରୀକ୍ଷେତ୍ରର ଏହି ସଂସ୍କୃତି ସମଗ୍ର ରାଜ୍ୟରେ ବିରଳ। ମାତ୍ର ସୁଗ୍ରୀବଙ୍କ ମନ୍ଦିରକୁ ଆଜିଯାଏ ଉନ୍ନତି କରିବା ନେଇ ସେପରି ପଦେକ୍ଷପ ନିଆଯାଇନାହିଁ।




ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯେବେ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ରରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସର୍ଟକଟ୍ ମାର୍ଗ ନିର୍ମାଣ ହେଲା, ସୁଗ୍ରୀବ ମହାବୀରଙ୍କ ମନ୍ଦିର ଶ୍ରୀଦାଣ୍ଡର ଡାହାଣ ପାର୍ଶ୍ୱରେ ରହିଗଲା। ରାସ୍ତା ଉଚ୍ଚା କରିବା ପରେ ମହାବୀରଙ୍କ ମନ୍ଦିର ଖାଲୁଆ ହୋଇଗଲା। ତେଣୁ ବର୍ଷା ହେଲେ ସୁଗ୍ରୀବର ମହାବୀରଙ୍କ ମନ୍ଦିର ଚତୁଃପାର୍ଶ୍ୱ ଜଳମଗ୍ନ ହୋଇଯାଏ। କେବଳ ସେତିକି ନୁହେଁ ଖୋଲା ସ୍ଥାନ ହୋଇଥିବାରୁ ନଳା ଓ ଯାବତୀୟ ଆବର୍ଜନା ପାଣି ଆସି ଜମା ହୋଇ ରୁହେ। ତେଣୁ ଭକ୍ତଟିଏ ଚାହିଁଲେ ମଧ୍ୟ ମନ୍ଦିରକୁ ଯାଇ ଦର୍ଶନ କରିବା ମାସମାସ ଧରି ସମ୍ଭବ ହୁଏ ନାହିଁ। ସୁଗ୍ରୀବ ତଥା ବଡ଼ ମହାବୀରଙ୍କୁ ଏଠାରେ ଭିନ୍ନ ଅବତାରରେ ଦର୍ଶନ କରିବାର ସୁଯୋଗ ମିଳେ। ଡାହାଣ ହାତରେ ପର୍ବତ, ବାମ ହାତରେ ଗଦା ଏବଂ ମୁହଁ ଓ ପାଦ ବାମ ପଟକୁ ରହିଥାଏ। ମହାବୀରଙ୍କ ବାମ ପାର୍ଶ୍ୱରେ ଅଞ୍ଜନା ଦେବୀଙ୍କ ମନ୍ଦିର ଏବଂ ଅଞ୍ଜନା ଦେବୀଙ୍କ ଡାହାଣ ପାର୍ଶ୍ୱରେ ବଲ୍ଲଭେଶ୍ୱର ମହାଦେବ ପୂଜା ପାଉଛନ୍ତି। ଉଦ୍ୟାନର ବାମ ପାର୍ଶ୍ୱରେ ଗୁଆବାଡ଼ି ବା ସୁପାରି ହନୁମାନ ରହିଛନ୍ତି। ପ୍ରତ୍ୟେକ ମନ୍ଦିରର ଭିନ୍ନଭିନ୍ନ କିମ୍ବଦନ୍ତୀ ରହିଛି। ମାତ୍ର ଶହଶହ କୋଟି ଟଙ୍କାରେ ଏହି ନୂଆ ମାର୍ଗ ଓ ପ୍ରମୋଦ ଉଦ୍ୟାନ ପରିସରର ଉନ୍ନତି କରାଯାଇଥିଲେ ହେଁ ଆଜିଯାଏ ବଲ୍ଲଭ ପରିସରରେ ଥିବା ମନ୍ଦିରର ଉନ୍ନତି ନେଇ ସରକାର କିମ୍ବା ପ୍ରଶାସନ ଗୁରୁତ୍ୱ ଦେଇନାହିଁ। ପବିତ୍ର ଅନଙ୍ଗ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଦୟଣା ଚୋରି ନୀତି ପାଳିତ ହୁଏ। ବିମାନବଡୁମାନେ ରାମକୃଷ୍ଣଙ୍କୁ ପାଲିଙ୍କିରେ ନେଇ ଜଗନ୍ନାଥ ବଲ୍ଲଭ ମଠକୁ ଆସନ୍ତି। ସେଠାରେ ରାମ ଓ କୃଷ୍ଣ ଉଦ୍ୟାନରେ ନିଶାର୍ଦ୍ଧରେ ଦୟଣା ଚୋରି କରିବାର ବିଧି ଏହି ସୁଗ୍ରୀବ ମହାବୀର ମନ୍ଦିର ସମ୍ମୁଖରେ ଥିବା ପିଣ୍ଡିରେ ପାଳିତ ହୁଏ। ଏହି ଦୟଣା ପିଣ୍ଡି ମଧ୍ୟ ଆବର୍ଜନା ପାଣିରେ ବୁଡ଼ି ରହିଛି। ମହାପ୍ରଭୁଙ୍କ ସହ ନୀତିକାନ୍ତିରେ ସମ୍ପର୍କରେ ବନ୍ଧା ଥିଲେ ହେଁ ପ୍ରଶାସନ ପକ୍ଷରୁ ଏହି କ୍ଷେତ୍ରର ଉନ୍ନତି ନେଇ ଆନ୍ତରିକତାର ନାହିଁ କି ଗୁରୁତ୍ୱ ନାହିଁ।

# ଭିନ୍ନକ୍ଷମମାନଙ୍କ ଗହଣରେ ଦୀପାବଳି ପାଳିଲେ ଜିଲ୍ଲାପାଳ

କେନ୍ଦ୍ରାପଡା, ୨୧/୧୦ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ଦୃଷ୍ଟିବାଧିତ ବିଦ୍ୟାଳୟରେ ଜିଲ୍ଲାପାଳ ରଘୁରାମ୍ ଆର୍ ଆୟାର ଭିନ୍ନକ୍ଷମ ପିଲାମାନଙ୍କ ଗହଣରେ ଆଲୋକର ପର୍ବ ଦୀପାବଳୀ ପାଳନ କରିଥିଲେ। ଦୀପ ପ୍ରଜ୍ୱଳନ କରି ଦୀପାବଳୀ ପାଳନର ମହତ୍ତ୍ୱ ବିଷୟରେ ଆଲୋଚନା କରିବା ସହ ଅଜ୍ଞାନ ରୂପକ ଅମା ଅନ୍ଧକାରରୁ ଜ୍ଞାନରେ ଆଲୋକିତ କରି ସମାଜରେ ସୁଖ ଶାନ୍ତି ଭରି ଦେବାକୁ ପରାମର୍ଶ ଦେଇଥିଲେ। ଇତ୍ୟବସରରେ ୬୦ଜଣ ଦୃଷ୍ଟିବାଧିତ, ମାନସିକ ଅନଗ୍ରସର ଓ ଶ୍ରବଣ ବାଧିତ ଛାତ୍ର ଛାତ୍ରୀମାନଙ୍କୁ ଜିଲ୍ଲାପାଳ ମିଷ୍ଟାନ୍ନ, ବାଣ ଓ ଶିକ୍ଷା ଉପକରଣ ବଣ୍ଟନ କରିଥଲେ।

## ଅସହାୟ ମହିଳାଙ୍କ ସହ ଦୀପାବଳି ପାଳିଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା

କେନ୍ଦ୍ରାପଡା, ୨୧/୧୦ (ନି.ପ୍ର): କେନ୍ଦ୍ରାପଡାର ଜଣାଶୁଣା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କରିଲୋପାଟଣା ଗ୍ରାମର ଅସହାୟ ମହିଳା ସୁଷମା ମଲ୍ଲଙ୍କ ସହ ଅଲୋକର ପର୍ବ ଦିପାବଳୀ ପାଳନ କରିଥିବା ଜଣାପଡିଛି । ତାଙ୍କର ସ୍ୱାମୀ ଦୀର୍ଘ ଦିନ ହେବ ଆର ପାରିକୁ ଚାଲି ଗଲେଣି । ତାଙ୍କର ସନ୍ତାନ ନାହାଁନ୍ତି । ଏହି ଦୁଃଖିନୀ ମା ଟି କିପରି ବା ଦୀପାବଳୀ ପାଳିବ ? ଯାହାର ଘରେ ଖାଇବାକୁ ନାହିଁ, ପିନ୍ଧିବାକୁ ନାହିଁ, ଦୀପ ଜାଳିବାକୁ ବଳିତା ନାହିଁ ତା'ର ବା କ'ଣ ଦୀପାବଳୀ । ଏହିପରି ଜଣେ ଅସହାୟ ମହିଳାଙ୍କ ବିଷୟରେ ଜାଣିବା ପରେ, ତାଙ୍କ ନିକଟରେ ଆଶାର ଦୀପାବଳୀ ନେଇ ପହଞ୍ଚିଥିଲେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର କର୍ମକର୍ତା ଗଣ ।

# ଉନ୍ମୋଚିତ ହେଲା ସୁବର୍ଣ୍ଣ ଶ୍ରୀ ପ୍ରକାଶିନୀର ଚାରିଗୋଟି ନୂତନ ପୁସ୍ତକ

## କବି ହିଁ ଏ ସଂସାରର ଦୁଃଖକୁ ଚିତ୍ରଣ କରେ : ଦାଶ ବେନହୁର

ଭୁବନେଶ୍ୱର,୧୯/୧୦: କବିତାର ଆରମ୍ଭ ବାତ୍ସଲ୍ୟ ମମତାରୁ। କବି ହିଁ ଏ ସଂସାରର ଦୁଃଖକୁ ଚିତ୍ରଣ କରେ ବୋଲି ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ସାହିତ୍ୟିକ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟଙ୍କ ତିନୋଟି କବିତା ସଙ୍କଳନ ଓ ଗୋଟିଏ ଭ୍ରମଣ ଅନୁଭୂତି ପୁସ୍ତକ ଉନ୍ମୋଚନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହି ମତ ପୋଷଣ କରିଛନ୍ତି। ମୟୂରଭଞ୍ଜର ବୈଦ୍ୟନାଥ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ରେଡକ୍ରସ ଭବନରେ ପ୍ରଫେସର ସଂଘମିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦାଶ ବେନହୁର କହିଥିଲେ ଯେ, ଉନ୍ମୋଚିତ ହୋଇଥିବା କବିତା ସଙ୍କଳନଗୁଡ଼ିକର ସମସ୍ତ କବିତା ବୋଧଗମ୍ୟ। ତାହାହିଁ ତାଙ୍କର ସଫଳତା। ସାହିତ୍ୟର ଆରମ୍ଭ ବିହ୍ୱଳ ଭାବରୁ। କବିତାର




ଆରମ୍ଭ ବାତ୍ସଲ୍ୟ ମମତାରୁ। କବି ଏ ସଂସାରର ଦୁଃଖକୁ ଚିତ୍ରଣ କରେ ବୋଲି ଦର୍ଶାଇ ସେ କହିଥିଲେ, ଉନ୍ମୋଚିତ ହୋଇଥିବା ଚାରୋଟିଯାକ ବହି ଲେଖକଙ୍କ ମର୍ମସ୍ୱରର କଥା। ଆଜି ଉନ୍ମୋଚନ କରାଯାଇଥିବା ବହିଗୁଡ଼ିକୁ ପାଠକଟିଏ ପଢ଼ିଲେ ପଢ଼ା ପାଇଁ ବ୍ୟୟ କରିଥିବା ସମୟର ଅପଚୟ ହେବନି ବୋଲି ହୃଦୟଙ୍ଗମ କରିବ। ଏହାହିଁ ବହିଗୁଡ଼ିକର ସଫଳତା ବୋଲି କାର୍ଯ୍ୟକ୍ରମର ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ କହିଥିଲେ। ଅନ୍ୟତମ ଅତିଥି ବିଶିଷ୍ଟ ଭାଷାବିତ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉପସ୍ଥିତ ସାହିତ୍ୟିକ ଓ ଶ୍ରୋତାମଣ୍ଡଳୀଙ୍କ ପାଇଁ ଆଶୀର୍ବଚନ ଦେଇ କହିଥିଲେ, ଆମ ପରମ୍ପରାକୁ ଆମେ ଭୁଲିଯାଇଛେ। ଆମେ ସମସ୍ତେ ଭାଇଚାରାରେ ବନ୍ଧା। ବଡ଼ ହେବାର ପ୍ରତିଯୋଗିତାରୁ ଆମେ ବାହାରିଯିବା ଉଚିତ। ଆମେ ଭଲ ମଣିଷ ହେଇପାରିଲେ ଆପେ ବଡ଼ ମଣିଷ ହୋଇଯିବା ବୋଲି ସେ କହିଥିଲେ। ଉତ୍ସବରେ ସଭାପତିତ୍ୱ କରି ପ୍ରଫେସର ସଂଘମିତ୍ରା ମିଶ୍ର ଲେଖକଙ୍କୁ ଶୁଭେଚ୍ଛା ଜଣାଇବା ସହିତ କହିଥିଲେଯେ, ଆଗାମୀ ପିଢ଼ି ପାଇଁ କବିତାର ଏକ ଧାରା ସୃଷ୍ଟି କରିଛନ୍ତି ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ। ଏହି ଅବସରରେ ଉନ୍ମୋଚିତ ହୋଇଥିବା ତିନୋଟି କବିତା ସଙ୍କଳନ ଅପରିଚିତ ସହର, କାକଟସର ଲୁହ ଏବଂ ବାଟଭୁଲା ଚଢ଼େଇର ଗୀତ ସମ୍ପର୍କରେ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା ତଥା ଭ୍ରମଣ କାହାଣୀ ଶ୍ରୀଲଙ୍କାରେ ସାତ ରାତି ସମ୍ପର୍କରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ରୁଦ୍ରନାରାୟଣ ମହାପାତ୍ର ସମୀକ୍ଷା କରିଥିଲେ। ଲେଖକ ଡକ୍ଟର ଆଚାର୍ଯ୍ୟ ପୁସ୍ତକ ରଚନା ସମ୍ପର୍କରେ ନିଜର ମନ୍ତବ୍ୟ ପ୍ରଦାନ କରିବା ସହିତ ତାଙ୍କ ଆମନ୍ତ୍ରଣ ରକ୍ଷାକରି ଆସିଥିବାରୁ ଉପସ୍ଥିତ ଅତିଥିବୃନ୍ଦ ଓ ଶ୍ରୋତାମଣ୍ଡଳୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସତ୍ୟବାଦୀ ସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡକ୍ଟର ଶର୍ମିଷ୍ଠା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହର ଆରମ୍ଭରେ ପୁସ୍ତକଗୁଡ଼ିକର ପ୍ରକାଶକ ବାଲେଶ୍ୱରର ସୁବର୍ଣ୍ଣଶ୍ରୀ ପ୍ରକାଶନୀ ମୁଖ୍ୟ ତଥା ସାହିତ୍ୟିକ ଡକ୍ଟର କାଳୀପଦ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଲେଖକ ଡକ୍ଟର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ଦୁର୍ଘଟଣାରେ ବିଏସଏଫ ଯବାନ ମୃତ, ୬ ଗୁରୁତର



ମାଲକାନଗିରି, ୨୧/୧୦ (ନି.ପ୍ର): ଆନ୍ଧ୍ର ଚିନ୍ତୁର ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏହି ସଡ଼କ ଦୁର୍ଘଟଣାରେ ଜଣେ ବିଏସଏଫ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ, ୬ ଗୁରୁତର ହୋଇଥିବାର ଖବର ମିଳିଛି। ଛୁଟି ସାରି ମାଲକାନଗିରି ଫେରୁଥିବା ବେଳେ ବିଳମ୍ବିତ ରାତିରେ ଟ୍ରକକୁ ପିଟିଲା ଇନୋଭା କାର। ୧୪୨ ବାଟାଲିୟନର ବିଏସଏଫ ହାବିଲଦାର ଗୌରବ ପାଣ୍ଡେ ମୃତ। ଆଜି ଭୋର ସମୟରେ ଚିନ୍ତୁର ମଣ୍ଡଳର ଚାଟି ଗୋରେଲାଗୁଡେମ୍ କୁନାଭାରାମ ଜଙ୍କସନରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ଯବାନଙ୍କର ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ଏକ ଇନୋଭା କାରରେ ସାତ ଜଣ ସୀମା ସୁରକ୍ଷା ବାହିନୀ କର୍ମଚାରୀ ଖମ୍ମମରୁ ମାଲକାନଗିରି ଜିଲ୍ଲାର ବାଲିମେଳାକୁ ଯାଉଥିବା ବେଳେ ଏକ କଲଭର୍ଟରେ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନ୍ୟମାନେ ଆହତ ହୋଇଥିଲେ। ସେମାନଙ୍କୁ ଚିନ୍ତୁର ସରକାରୀ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା ଏବଂ ପରେ ଭଦ୍ରାଚଳମ ହସ୍ପିଟାଲକୁ ପଠାଯାଇଥିଲା। ଚିନ୍ତୁର ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଡକାୟତି ଯୋଜନା ପଣ୍ଡ: ୪ ଅଭିଯୁକ୍ତ ଗିରଫ, ୨ ବାଇକ ସହ ମାରଣାସ୍ତ୍ର ଜବତ

ବ୍ରଜରାଜନଗର, ୨୧/୧୦ (ନି.ପ୍ର): : ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ଅନ୍ତର୍ଗତ ଗଜପତିନଗରରେ ଡକାୟତି ଯୋଜନା କରୁଥିବା ଅଭିଯୋଗରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କାଳୀନଗରର ଆଶିଷ ବେହେରା (୧୯), ଖଲିଆକାନୀର ଅଭିଷେକ ଭୋଇ (୨୨), କାଳୀନଗରର ବିଶାଲ ବେହେରା (୨୭) ଓ ଖଲିଆକାନିର ଅମୀର ମହାରାଣା (୨୪)। ଘଟଣା ସ୍ଥଳରୁ ୩ ଟି ମୋବାଇଲ, ନଗଦ ୨୨୭୦ ଟଙ୍କା, ୨ ଟି ବାଇକ ( ନମ୍ବର




ଓଡ଼ି-୨୩-ଆର-୩୩୮, ଓଡ଼ି-୨୩-ଏସ-୨୫୩୭ ) , ଦୁଇଟି ଖଣ୍ଡା, ଦୁଇଟି ଲୁହା ରଡ୍, ଗୋଟିଏ ଛୁରୀ, ଦୁଇଟି ଟର୍ଚ୍ଚଲାଇଟ୍, ୨ଟି ଖାଲି ମଦ ବୋତଲ, ପାଣି ବୋତଲ, ଡିସପୋଜଲ୍ ଗ୍ଲାସ୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସ୍ ଡ଼ି ପି ଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ ଗତକାଲି ମଧ୍ୟରାତ୍ରିରେ ଓରିଏଣ୍ଟ ଥାନା ଏ ଏସ ଆଇ ପି ପଟେଲ କର୍ମଚାରୀମାନଙ୍କ ସହିତ ରାତ୍ରି ପାଟ୍ରୋଲିଂ ଡ୍ୟୁଟି କରୁଥିବା ସମୟରେ ଗଜପତିନଗର ପୋଖରୀ ନିକଟରେ ଅପରାଧୀମାନେ ଡକାୟତି କରିବା ପାଇଁ ମାରଣାସ୍ତ୍ର ଧରି ଏକତ୍ରିତ ହେଉଥିବା ବିଶ୍ୱସ୍ତ ସୂଚନା ପାଇଥିଲେ। ଏହି ସୂଚନା ପାଇ ରାତ୍ରି ପାଟ୍ରୋଲିଂ ଦଳ ଘଟଣାସ୍ଥଳକୁ ଯାଇ ଚଢ଼ାଉ କରି ୬ ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଅନ୍ଧାରର ସୁଯୋଗ ପାଇ ୨ ଜଣ ଖସିଯିବାରେ ସଫଳ ହୋଇଥିଲେ। ପୁଲିସ ଦଳ ଦ୍ୱାରା ତଲାସି ପରେ ଅଭିଯୁକ୍ତମାନଙ୍କ ନିକଟରୁ ଉପରୋକ୍ତ ଜିନିଷ ଜବତ କରାଯାଇଛି।

# ବାଣ ନିଆଁରୁ ଅଗ୍ନିକାଣ୍ଡ: ୫ଗାଈ ଜୀବନ୍ତ ଦଗ୍ଧ



ହାଟଡିହି, ୨୧/୧୦ (ନି.ପ୍ର): କେନ୍ଦୁଝରଜିଲ୍ଲା ହାଟଡିହି ବ୍ଲକ ସୋସୋ ଥାନା ଆମ୍ବଗଡ଼ିଆ ଗାଁରେ ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟି ତିନି ବଖରା ଚାଳଘର ପୋଡ଼ିଯାଇଛି। ଗ୍ରାମର କୋଦଣ୍ଡଧର ପଣ୍ଡାଙ୍କ ଘରେ ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୩ ବଖରା ଚାଳ ଘର ସହିତ ୫ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି।

ଖବର ପାଇ ହାଟଡିହି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ରାତିରେ ଗାଁରେ ପିଲାମାନେ ବାଣ ଫୁଟାଉଥିବା ବେଳେ ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରା ଯାଉଛି।

ଦୀପାବଳିରେ ଅଘଟଣ, ଦୁଇ ଗୁରୁତର। ହାତରେ ବାଣ ଫୁଟି ଜଣେ ଯୁବକଙ୍କର ପାପୁଲି ନଥିବା ବେଳେ ପାଖରେ ଥିବା ଅନ୍ୟ ଜଣେ ଯୁବକଙ୍କ କାନକୁ ଶୁଣା ଯାଉନାହିଁ। ଦୁଇଜଣଙ୍କୁ ପ୍ରଥମେ ପାରାଦୀପ ଅଠରବାଙ୍କି ମେଡିକାଲକୁ ଅଣାଯିବା ପରେ ପାପୁଲି ନଥିବା ଗୁରୁତର ଯୁବକଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣା ଘଟିଛି ପାରାଦୀପ ଷଣ୍ଢକୁଦ ବସ୍ତିରେ ।ସାଙ୍ଗମାନଙ୍କ ସହ ମିଶି ଦୀପାବଳିରେ ବାଣ ଫୁଟାଇବା ସମୟରେ ଘଟିଛି ଏଭଳି ଅଭାବନୀୟ ଘଟଣା। ହାତ ପାପୁଲି ନଥିବା ଗୁରୁତର ଯୁବକ ହେଲେ ଷଣ୍ଢକୁଦ ବସ୍ତିର ସମୀର ବେହେରା ଓ ଅନ୍ୟ ଜଣେ ଆହତ କାନକୁ ଶୁଣା ଯାଉନଥିବା ଯୁବକ ସେହି ବସ୍ତିର ଶୁଭନାଥ ମହାନ୍ତି। ତେଣେ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଧୀନ ଗୋବିନ୍ଦପୁର ଗାଁର ଦୀପାବଳିରେ ଅଘଟଣ ଘଟିଛି। ବାଣ ଫୁଟାଉଥିବା ବେଳେ ପୁଣି ଅଘଟଣ ଘଟିଛି। ବାଣ ବିସ୍ଫୋରଣରେ ଜଣେ ଯୁବକଙ୍କ ହାତ ପାପୁଲି ଛିଣ୍ଡିଯାଇଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ଯୁବକ ହେଲେ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଧୀନ ଗୋବିନ୍ଦପୁର ଗାଁର ବାବୁ ମହାନ୍ତି। ବାଲେଶ୍ୱର ଜିଲ୍ଲା ସୋର ଥାନା ଗୋବିନ୍ଦପୁର ଗ୍ରାମର ବାବୁ ମହାନ୍ତି ଗତକାଲି ସନ୍ଧ୍ୟାରେ ଘର ନିକଟରେ ଚାଇନା ବାଣ ଫୁଟାଉଥିଲେ। ଏହି ସମୟରେ ବାଣ ଟି ତାଙ୍କ ଡାହାଣ ହାତ ପାପୁଲିରେ ଫୁଟିଯାଇଥିଲା। ଫଳରେ ହାତରୁ ପାପୁଲି ଛିଣ୍ଡିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଡ଼. ବିଜୟ କୁମାର ଦେ ଙ୍କ ଲିଖିତ ଇଂରାଜୀ ପୁସ୍ତକ ଉନ୍ମୋଚିତ

ବାଲିଆପାଳ , ୨୧/୧୦ (ନି.ପ୍ର): ବାଲିଆପାଳ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ଆୟୋଜିତ ମାସିକ ବୈଠକରେ ପ୍ରାକ୍ତନ ଅଧକ୍ଷ ଡ଼. ବିଜୟ କୁମାର ଦେ ଙ୍କ ଲିଖିତ ଇଂରାଜୀ ପୁସ୍ତକ GLIMPSES Of INDIA ECONOMY ର ଉନ୍ମୋଚନ ହୋଇଯାଇଛି। ବଡ଼ ସିମୁଳିଆ ସ୍ଥିତ ବରିଷ୍ଠ ନାଗରିକ କାର୍ଯ୍ୟାଳୟ ପରିସରରେ ମଞ୍ଚର




ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ରାଜଙ୍କ ପୌରହିତ୍ୟରେ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସୁସାହିତ୍ୟକ ବିପିନ ବିହାରୀ ବିଶ୍ୱାଳ ଯୋଗଦେଇ ଥିଲେ। ଶ୍ରୀ ଦେଙ୍କ ଲିଖିତ ପୁସ୍ତକ ବଶିଷ୍ଠ କବି ବ୍ରଜେନ୍ଦ୍ର ନାଥ ଗିରି ଏବଂ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ବେଳେ ଶିକ୍ଷାବିତ ଚିତ୍ତରଞ୍ଜନ ଦାସ ସମିକ୍ଷା କରିଥିଲେ। ବରିଷ୍ଠ ସାମ୍ବାଦିକ ସନ୍ୟାସୀ ବେହେରା ବେଦପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଡ଼.ବଙ୍କିମ ଚନ୍ଦ୍ର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାପକ କୁଞ୍ଜ କାନ୍ତ ପାତ୍ର,କମଳ ଲୋଚନ ପଁଲା, ବାରମାଧବ ଦାସ,ବିଜୟ କୁମାର ପାତ୍ର,ଭୀମଚରଣ ସାମଲ, ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଷ୍ଠାକୁ ୧୧୫ବର୍ଷ ପୂରିବ: ବଦଳିପାରୁନି ବିଦ୍ୟାଳୟର ରୂପରେଖ

## ୨ କୋଠରୀରେ ୬ ଶ୍ରେଣୀର ପାଠପଢ଼ା

ଭଦ୍ରକ, ୨୧/୧୦ (ନି.ପ୍ର): ସରକାର ପ୍ରାଥମିକ ଶିକ୍ଷାକୁ ସୁଦୃଢ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୂର ଦୃଷ୍ଟିର ଅଭାବ ଯୋଗୁଁ ଶୈକ୍ଷିକ ବାତାବରଣରେ କୌଣସି ପରିବର୍ତ୍ତନ ହୋଇନପାରିବା ସରକାରଙ୍କ ଯୋଜନାର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଡ଼ାଳପଙ୍କସ୍ଥ ଯୋଗୀନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ । ୧୯୧୧ ମସିହା ଜାନୁଆରୀ ମାସ ୧ ତାରିଖରେ ସ୍ଥାପିତ ହୋଇଥିବା ଉକ୍ତ ବିଦ୍ୟାଳୟ ଆଉ ଦିନ କେଇଟା ପରେ ୧୧୫ବର୍ଷ ପୂରଣ କରିବାକୁ ଯାଇଥିବା ବେଳେ ଶିକ୍ଷକ ଅଛନ୍ତି, ପିଲାବି ଅଛନ୍ତି କିନ୍ତୁ ଶ୍ରେଣୀ ଗୃହ ଅଭାବରୁ ଏଠାରେ ଶିକ୍ଷା ଦାନରେ ଘୋର ସମସ୍ୟା




ଉପୁଜୁଛି । ଏହି ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀ ପାଇଁ ଦୁଇଟି ଗୃହ ଉର୍ଦ୍ଦିଷ୍ଟ ଥିବା ବେଳେ ୩ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ଏହା ମଧ୍ୟରେ ୧୧୪ ବର୍ଷ ଅତିକ୍ରମ କରି ସାରିଥିଲେ ସୁଦ୍ଧା ବିଦ୍ୟାଳୟଟିର ଶୈକ୍ଷିକ ପରିବେଶରେ ଉନ୍ନତି ହୋଇପାରିନାହିଁ । ଚଳିତ ଶିକ୍ଷାବର୍ଷରେ ୭୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଉକ୍ତ ବିଦ୍ୟାଳୟରେ ଦୁଇଟି ଗୃହରେ ୬ଟି ଶ୍ରେଣୀର ପାଠ ପଢା କିପରି ଚାଲିଛି ଏବଂ ଏଠାରେ କିପରି ଅଧାପନା କାର୍ଯ୍ୟ ସଂପାଦନ ହେଉଛି ସେଥିନେଇ ଅଭିଭାବକଙ୍କ ଚିନ୍ତା ବଢିଯାଇଛି । ଗୋଟିଏ କୋଠରୀରେ ୪ଟି ଶ୍ରେଣୀ ଓ ଅନ୍ୟ କୋଠରୀରେ ୨ଟି ଶ୍ରେଣୀର ପାଠପଢା ଚାଲିଆସୁଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା ଯୋଜନାରେ ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋଟିଏ ଶ୍ରେଣୀ ଗୃହ ନିର୍ମାଣ ହୋଇଥିଲେ ସୁଦ୍ଧା ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନଥିବାରୁ ବିଦ୍ୟାଳୟଟିର କୌଣସି କାର୍ଯ୍ୟାଳୟ ନଥିବାରୁ ପାଠପଢା ସହ ସମସ୍ତ ଆସବାବପତ୍ର ୨ଟି ଗୃହରୁ ଗୋଟିଏ ଶ୍ରେଣୀ ଗୃହରେ ରହୁଥିବାରୁ ଅଫିସ କାର୍ଯ୍ୟ ସହ ଅନ୍ୟ ସମସ୍ତ କାର୍ଯ୍ୟ ଉକ୍ତ ଗୃହରେ ସମ୍ପାଦିତ ହେଉଥିବାରୁ ଏହା ମଧ୍ୟ ଶିକ୍ଷାଦାନ କ୍ଷେତ୍ରରେ ଘୋର ସମସ୍ୟା ସୃଷ୍ଟି କରୁଥିବାର ଜଣାପଡ଼ିଛି । ବିଦ୍ୟାଳୟ ପରିସରରେ ଏକ ପୋଖରୀ ଥିବାରୁ ଏହା ମଧ କୋମଳମତି ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟାଳୟ କାର୍ଯ୍ୟାଳୟଟିର ମରାମତି କରାଯାଇଥିଲେ ସୁଦ୍ଧା ତାହା ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରୁନଥିବା ବେଳେ ଶ୍ରେଣୀ ଗୃହ ଅଭାବରୁ ସାଂସଦଙ୍କ ପାଣ୍ଠିରୁ ଅନୁମୋଦିତ କମ୍ପ୍ୟୁଟର ଅଫିସ ଗୃହରେ ପଡ଼ିରହି ବ୍ୟବହାର ଯୋଗ୍ୟ ହୋଇ ନପାରି ଖତ ଖାଉଛି । ସେହିପରି ବିଦ୍ୟାଳୟ ସମ୍ମୁଖ ପାଖକୁ ଛାଡ଼ି ଅନ୍ୟ ପାର୍ଶ୍ୱରେ ସ୍ଥାୟୀ ପାଚେରୀ ନିର୍ମାଣ ହୋଇନଥିବାରୁ ଏହା ମଧ୍ୟ ପିଲାଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ସେହିପରି ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ କୌଣସି ପରିଶ୍ରାଗାରର ସୁବନ୍ଦୋବସ୍ତ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ । ଏତେ ପୁରାତନ ବିଦ୍ୟାଳୟଟିରେ ଏହିପରି ଅବ୍ୟବସ୍ଥା ଯଦି ଲାଗି ରହେ ତେବେ ଏହା ନିଶ୍ଚିନ୍ତ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରବାହ ପକାଇବା ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି । ତେଣୁ ଏତେ ପୁରାତନ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ମହାକାଳୀ ପୂଜାରେ ଝଲସୁଛି ଅମର୍ଦାରୋଡ

ବସ୍ତା , ୨୧/୧୦ (ନି.ପ୍ର): ଯୁଗେ ଯୁଗେ ପୃଥିବୀରୁ ଦୁଷ୍ଟ ଦମନ ସହିତ ଶାନ୍ତି ପ୍ରତିଷ୍ଠା ପାଇଁ ଦେବଦେବୀଙ୍କର ଆବିର୍ଭାବ ହୋଇଥାଏ ଧରାପୃଷ୍ଠରେ। ସେହିଭଳି ପୃଥିବୀରୁ ଅସତ୍ୟ ଓ କଳି ରୂପକ ମାନକୁ ବିଲୋପ କରି ସତ୍ୟ ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଆବେଗତାର ସହ ନୂତନ ସୃଷ୍ଟି ସଂଚାର ନିମନ୍ତେ ମା' ଶ୍ୟାମାକାଳୀଙ୍କର ଆଗମନ ହୁଏ ଦୀପାବଳି ରାତିରେ।କାର୍ତ୍ତିକ ମାସ କୃଷ୍ଣପକ୍ଷ ତୃତୀୟା ତିଥିରେ ମାଆଙ୍କର ପୂଜାକୁ ଶ୍ରଦ୍ଧା ଓ ଭକ୍ତିର ସହିତ ପାଳନ କରାଯାଉଛି। ଅମର୍ଦାରୋଡ ବ୍ୟାଙ୍କ ବଜାର, ନରଣପୁର ଓ ବେଲା କାଳୀ ମନ୍ଦିର ରେ ପୂଜା ହେବା ସହିତ ସମଗ୍ର ରାଜ୍ୟରେ ଧୁମଧାମରେ ଚାଲିଛି ପୂଜା କାଳୀଙ୍କର ଷୋଡ଼ଶ ଉପଚାର ପୂଜା।ତନ୍ତ୍ର ଓ ମନ୍ତ୍ର ଶକ୍ତିର ପ୍ରତୀକ ସ୍ୱରୂପ ମା'ଙ୍କୁ ଘରୋଇ ଭାବେ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ



ରାତ୍ରୀରେ ପୂଜା ହେଉଥିବା ଲକ୍ଷ କରାଯାଇଛି।ସୁଉଚ ତୋରଣ ସହ ରଙ୍ଗବେରଙ୍ଗ ଆଲୋକମାଳାରେ ମାଆଙ୍କର ମୃଣ୍ମୟ ମୂର୍ତ୍ତି ଝଲସି ଉଠୁଥିବା ଦେଖିବାକୁ ମିଳିଛି।କିମ୍ବଦନ୍ତୀ ଅନୁସାରେ ଧରାପୃଷ୍ଠରେ ବଢ଼ି ଚାଲିଥିବା ଅସତ୍ୟ ଓ ଅଧର୍ମର ବିନାଶ ପାଇଁ ପ୍ରଳୟ ସୃଷ୍ଟି ସହ ମହାକାଳୀ ରୂପ ଧାରଣ କରିଥାନ୍ତି।ମାନଙ୍କୁ ଦକ୍ଷିଣକାଳୀ, ଭଦ୍ରାକଳୀ, ଶ୍ୟାମାକାଳୀ, ଛିନ୍ନମସ୍ତାକାଳୀ, ଶ୍ମଶାନ କାଳୀ ଆଡି ଭିନ୍ନ ଭିନ୍ନ ରୂପରେ ପୂଜା କରାଯାଉଛି ସବୁଠାରୁ ବଡ କଥା ହେଲା ଅନ୍ୟାନ୍ୟ ଦେବଦେବୀଙ୍କର ପୂଜା ଅର୍ଚ୍ଚନା ହେଉଥିଲେ ବି ମହାକାଳୀଙ୍କ ପୂଜା ପଦ୍ଧତି ସମ୍ପୂର୍ଣ୍ଣ ଭିନ୍ନ। ମଧ ରାତ୍ରୀର ପୂଜା ଆରମ୍ଭ ହୋଇ ସଙ୍ଗେ ସଙ୍ଗେ ମାଆଙ୍କୁ ବିସର୍ଜନ କରାଯାଇଥାଏ।ତିନିଦିନ ଧରି ବିଭିନ୍ନ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବା ବେଳେ ଏହି ଅଞ୍ଚଳର ସାଂସ୍କୃତିକ ଓ ପରମ୍ପରା ତଥା ଭାଇଚାରାକୁ ଅଧିକ ସୁଦୃଢ କରିବା ଏହି ଉତ୍ସବର ଏକ ପ୍ରଧାନ ବିଶେଷତ୍ୱ ଅଟେ ବୋଲି ବସନ୍ତପୁର କମିଟି ସଭାପତି କଟ ପ୍ରଧାନ, ବେଲା କାଳୀ ମନ୍ଦୀର କମିଟି ସଭାପତି ବେଣୁଧର ଚଣ୍ଡ, ସନ୍ତୋଷପୁରା ମା ' ଶ୍ୟାମକାଳୀ କମିଟି ସଭାପତି ବିରେନ୍ଦ୍ର ଜେନା ସହିତ ନରଣପୁର ପୂଜା କମିଟିର ସଭାପତି ପ୍ରକାଶ କରିବା ସହିତ ଏହି ୨/୩ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କହିଛନ୍ତି।ଏଥିପାଇଁ ବସ୍ତା ଅଞ୍ଚଳରେ ପୋଲିସର ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇ ଥିଲା।ବିଭିନ୍ନ ପୂଜା ମଣ୍ଡପରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ସହ ଧର୍ମିଣୀ ପ୍ରୀତିଲତା ମହାନ୍ତି,ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଜାମଣ୍ଡପ ବୁଲି ପୂଜା ଅର୍ଚ୍ଚନା କରିବା ସହ ମାଙ୍କ ଆଶ୍ରିବାଦ ଭିକ୍ଷା କରିଥିଲେ।ସନ୍ଧ୍ୟା ଆରତୀ ଦେଖିବା ପାଇଁ ପ୍ରବଳ ଭିଡ଼ ହୋଉଥିବା ଦେଖିବାକୁ ମିଳୁଛି।

## ରାଜ୍ୟପାଳ ବାବା କେଦାର ଏବଂ ବଦରୀ ବିଶାଳଙ୍କ ପୂଜା-ଅର୍ଚ୍ଚନା କଲେ

ଡେରାଡୁନ, ୨୧/୧୦ (ନି.ପ୍ର): ରାଜ୍ୟପାଳ ଲେପ୍ଟନେଂଟ ଜେନେରାଲ ଗୁରମୀତ ସିଂହ(ସେ.ନି.) ମଙ୍ଗଳବାର ଦିନ କେଦାରନାଥ ଏବଂ ବଦରୀନାଥ ଧାମ ପହଂଚିଛନ୍ତି। ରାଜ୍ୟପାଳ ପ୍ରଥମେ ବାବା କେଦାରଙ୍କ ଦର୍ଶନ କରି ରୁଦ୍ରାଭିଷେକ କରିଥିଲେ। ଏହାପରେ ରାଜ୍ୟପାଳ ବଦରୀନାଥ ଧାମ ପହଂଚି ବାବା ବଦରୀ ବିଶାଳଙ୍କ ଦର୍ଶନ କରିଥିଲେ। ଏବଂ ବିଶେଷ ପୂଜା କରିଥିଲେ। ରାଜ୍ୟପାଳ ବିଶ୍ୱକଲ୍ୟାଣ, ମାନବତାର ସମୃଦ୍ଧି ଏବଂ ଉତରାଖଣ୍ଡର ସତତ ବିକାଶ ପାଇଁ ଆଶୀର୍ବାଦ ମାଗିଥିଲେ। ରାଜ୍ୟପାଳ ଗୁରମିତ ସିଂହ ମଙ୍ଗଳବାର ସକାଳ ୮.୪୫ କେଦାରନାଥ ଧାମ ପହଂଚିବାରେ ଅପର ଜିଲ୍ଲାଧିକାରୀ ଶ୍ୟାମ ସିଂହ ରାଣା ଏବଂ ମୁଖ୍ୟ ବିକାଶ ଅଧିକାରୀ ରାଜେନ୍ଦ୍ର ସିଂହ ରାୱତ ହେଲିପ୍ୟାଡରେ ତାଙ୍କର ସ୍ୱାଗତ କରିଛନ୍ତି।

# 'ସମୟର ଚକ୍ର'ର ୧୪ତମ ଶାରଦୀୟ ବାର୍ଷିକ ସାଂସ୍କୃତିକ, କବିତା ପାଠ, ପ୍ରତିଭା ସମ୍ମାନ, କାର୍ଯ୍ୟକ୍ରମ ଅନୁଷ୍ଠିତ





ବାଲେଶ୍ୱର, ୨୧/୧୦ (ନି.ପ୍ର): 'ସମୟର ଚକ୍ର'ର ପରିବର୍ତ୍ତନ ଏକ ପାରମ୍ପାରିକ ପ୍ରକ୍ରିୟା। ଯେଉଁଠି ଭଲ ଲୋକଙ୍କ ଭଲପାଇବା ଥାଏ ସେଠାରେ ସବୁ ବିପଦ ଟଳିଯାଏ। ପ୍ରତିକୂଳ ପରିସ୍ଥିତ ସତ୍ତ୍ୱେ ସ୍ଥାନୀୟ ବାଲେଶ୍ୱବର ଗାନ୍ଧୀସ୍ମୃତି ଭବନ ପରିସରରେ ନିୟମିତ ପ୍ରକାଶିତ ହେଉଥିବା ମାସିକ ସମ୍ବାଦ ଭିତ୍ତିକ ପତ୍ରିକା 'ସମୟର ଚକ୍ର'ର ୧୪ତମ ଶାରଦୀୟ ବାର୍ଷିକ ସାଂସ୍କୃତିକ, କବିତା ପାଠ,ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ସମ୍ବାଦ ଓ ସାହିତ୍ୟ ରଚନାର ରାଜପଥରେ ଯୁଗଳ ପଥିକ। ସାହିତ୍ୟ ବିନା ସମ୍ବାଦ ପତ୍ର ପତ୍ରିଷ୍ଠା ଲାଭ କରିପାରିବ ନାହିଁ । ସତ୍ୟ ସମ୍ବାଦ ପରିବେଷଣରେ ଅନେକ ସଂକଟ ଅଛି ହେଲେ ମିଛ ସିଂହାସନରେ ବସାଇ କାହାକୁ ରାଜା କରାଯାଇପାରେନା। ପ୍ରତ୍ୟେକ ମଣିଷର ଜୀବନ ସମ୍ବାଦ ପତ୍ରର ଖୋଲାପୃଷ୍ଠା ପରି। ସେଥିରେ ଏପରି ସ୍ୱାକ୍ଷର ଛାଡ଼ି ଯିବା ଯାହାକୁ ପଢ଼ି ଉତ୍ତର ସାଧକମାନେ ଜୀବନକୁ ଜୀଇଁବାର କଳା ଶିଖିବେ କୋଳାହଳମୟ ଦୁନିଆରେ ଭିତରେ ମାନବିକତାର ମଧୁର ମୂର୍ଚ୍ଛନା ଆଉ ଶୁଭୁନାହିଁ। ଏହା ସମାଜ ପାଇଁ ଚିନ୍ତାର ବିଷୟ, ସାମ୍ବାଦିକତାର ପଥ ଅତୀବ ଦୁର୍ଗମ। ନିଜେ କଣ୍ଟା ଉପରେ ଚାଲି ଅନ୍ୟ ପାଇଁ ଫୁଲ ବିଛାଇଥାଏ। ମାଛଟିଏ ପରି ସ୍ରୋତର ପ୍ରତିକୂଳରେ ଯାଇ ସାମ୍ବାଦିକ ସଫଳତା ପାଇଥାଏ। ସଂସ୍କୃତି,ସମ୍ବାଦ ଓ ସାହିତ୍ୟର ମଧୁର ସମାଜର ସଂସ୍କାର ସମ୍ଭବ ହୋଇଥାଏ ବୋଲି 'ସମୟର ଚକ୍ର' ଆଜି ପ୍ରମାଣିତ କରିପାରିଛି। ଏକ ପତ୍ରିକା ମାଧମରେ ଅନୁଷ୍ଠାନ ସୃଷ୍ଟି ସାମାଜିକ କାର୍ଯ୍ୟ,ପ୍ରତିଭା ସମ୍ମାନ,ସଂସ୍କୃତି ତଥା ଆଂଚଳିକ ବିକାଶ କ୍ଷେତ୍ରରେ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ସାମିଲ ହୋଇ ବିକଶିତ ସମାଜ ଗଠନ ଦିଗରେ ନିଜକୁ ପ୍ରତିପାଦିତ କରିପାରିଛି ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ସଂପାଦକ ସର୍ବେଶ୍ୱର ଜେନାଙ୍କ ଆହ୍ୱାନ କ୍ରମେ ଅଧ୍ୟାପକ ଡ.ଅଶ୍ୱିନୀ କୁମାର ପ୍ରଧାନଙ୍କ ସଂଯୋଜନାରେ ସମାଜସେବୀ କବି ଅଭୟ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ସରକାରୀ ଦଳ ଉପମୁଖ୍ୟ ସଚେତକ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ବକ୍ତା ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ବରେଣ୍ୟ ଅତିଥି ରାଜ୍ୟ ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଯୁବନେତା ବିକ୍ରମ ପଣ୍ଡା ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନା ଯୁବନେତା ବିକାଶ କୁମାର ପାଢୀ ଓରିପୋଲର ନିର୍ଦ୍ଦେଶିକା ଆକାଂକ୍ଷା ବେହେରା ଡାକ୍ତର ଅମିତାଭ ଗିରି,ଯୁବ ବୈଜ୍ଞାନିକ ସିଦ୍ଧାର୍ଥ ପତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ପରିଚୟ ପ୍ରଦାନ ସମ୍ପାଦକ ସର୍ବେଶ୍ୱର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। 'ସମୟର ଚକ୍ର'ର ଶାରଦୀୟ ବାର୍ଷିକ ବିଶେଷାଙ୍କ ଲୋକାର୍ପଣ କରାଯାଇଥିଲା। ପ୍ରଥମ ଅଧିବେଶନରେ କବିତା ପାଠ ଆଲୋଚନା ଚକ୍ର ଗାଳ୍ପିକ ଶାନ୍ତନୁ ପଟ୍ଟନାୟକଙ୍କ ପରିଚାଳନାରେ ବରିଷ୍ଠ ସାହିତ୍ୟିକ କବି କାଳିକିଙ୍କର ଦାସଙ୍କ ସଭାପତିତ୍ୱରେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡା ମୁଖ୍ୟ ବକ୍ତା ଆଇଟି.ଆର ର ଅତିରିକ୍ତ ନିର୍ଦ୍ଦେଶକ ନୀଳାଦ୍ରୀ ରାୟ ବରେଣ୍ୟ ବରେଣ୍ୟ ଅତିଥି ସମାଜସେବୀ ପ୍ରତିମା ପଣ୍ଡା ଆନ୍ତର୍ଜାତିକ ଚିତ୍ରଶିଳ୍ପୀ କେଶୁଦାସ ଇ.ହୃଷିକେଶ ସାହୁ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ କବି କଲ୍ୟାଣୀ ନନ୍ଦ ପେଡମେନ ସତ୍ୟନାରାୟଣ ନାୟକ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ପଦ୍ମଲୋଚନ ଦତ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବାଲେଶ୍ୱର ଏହି ପତ୍ରିକା ଆଗାମୀ ଦିନରେ ଅଧିକ ସମ୍ପ୍ରସାରିତ ହେଉ। ନିୟମିତ ଏକ ପତ୍ରିକା ପ୍ରକାଶ କରିବା ଆଜିର ଦିନରେ ସହଜ ମନେ ହେଉ ନଥିଲା ବେଳେ ସମୟର ଚକ୍ର ତାର ମାନକୁ ବଜାୟ ରଖିଛି ଏବଂ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିବାରୁ ଆମ ଭାଷା ଓ ସାହିତ୍ୟ ସଂସ୍କୃତି ପ୍ରତି ଆମ ମାନଙ୍କର ଉତ୍ତର ଦାୟିତ୍ୱ ବଢ଼ିଯାଇଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ୨୫ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । ଉଦ୍ ଯାପନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାଚୀ କ୍ରିଏସନର ପରିଚାଳକ ମନୋଜ କୁମାର ନାୟକଙ୍କ ପରିଚାଳନାରେ ୯୦ରୁ ଉର୍ଦ୍ଧ୍ୱ ପିଲା ନୃତ୍ୟ,ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ପରେପଶୁପ୍ରେମୀ ସୋମନାଥ ବିଶ୍ୱାଳଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ରେମୁଣା ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର କୁମାର ରାଉତ, ମୁଖ୍ୟ ବକ୍ତା ଶିକ୍ଷାବିତ୍ ଡକ୍ଟର ପଙ୍କୋଜ ଜେନା ସମାଜସେବୀ ଶ୍ରଦ୍ଧାଞ୍ଜଳୀ ରାୟ, ବରେଣ୍ୟ ଅତିଥି କବି ପ୍ରଶାନ୍ତ ଦାସ କବି ବ୍ରଜେନ୍ଦ୍ରନାଥ ଗିରି ସମାଜସେବୀ ସନ୍ତୋଷ ସେଠୀ ପ୍ରଜ୍ଞାପରମିତା ମହାନ୍ତି, ସତେନ୍ଦ୍ର ଦାସ, କମଳାକାନ୍ତ ଦାସ, ରତିକାନ୍ତ ଦାସ, ପ୍ରମୁଖ ଯୋଗଦାନ କରି କୁନି କୁନି ପିଲାମାନଙ୍କ ମନବଳ ଦୃଢ କରିବା ସହ ସେମାନଙ୍କୁ ପୁରସ୍କୃତ କରି ଉତ୍ସାହିତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁସଙ୍ଗମ ଜେନା, ସନ୍ତୋଷ ପଟ୍ଟନାୟକ,ପ୍ରିୟାଂଶୁ ବେହେରା, କବି ରମେଶ ବେହେରା, ସୁଶାନ୍ତ ବେହେରା, ଅଭୟ ସାହୁ,ମନୋଜ ମୁଖୀ, ନୃତ୍ୟଶିଳ୍ପୀ କୁମାରୀକା ଯୁବ କଣ୍ଠଶିଳ୍ପୀ ଦେବାଶିଷ ମହାନ୍ତି, ସଂଗୀତ ନିର୍ଦ୍ଦେଶକ ଅମରେଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । କୁନି କଣ୍ଠଶିଳ୍ପୀ ସୁହାନି ସାଇ ଜେନା, ସ୍ୱାଗତ ସଂଗୀତ ଓ ନନ୍ଦିକା ବିଶ୍ୱାଳ ସ୍ୱାଗତ ନୃତ୍ୟ କରିଥିଲେ। ପରିବେଷଣ କରିଥିଲେ। ଶେଷରେ କୁନି କଣ୍ଠଶିଳ୍ପୀ ଶୁଭ୍ରାଲିନ ନାୟକଙ୍କ ସଂଗୀତରେ ଦର୍ଶକ ଝୁମିଥିଲେ।

# ପି.ଆର. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରକ୍ତଦାନ ଶିବିର

ବୈଶିଙ୍ଗା , ୨୧/୧୦ (ନି.ପ୍ର): ବୈଶିଙ୍ଗା ସ୍ଥିତ ପ୍ରୀୟାଂଶୀ ରାଧେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଦିନ ଏଗାରଟା ସମୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମୋଟ୍ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ବିଧାୟକ ସନାତନ ବିଜୁଳି ଓ ବୈଶିଙ୍ଗା ଥାନାଧିକାରୀ ବାଗିଣୀ ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ସ୍ଥାନୀୟ ବାସିନ୍ଦା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଈଶାନ କୁମାର ସାହୁ ଓ ଚେୟାରମେନ ସୁଶାନ୍ତ କୁମାର ନାଏକଙ୍କ ମିଳିତ ସଂଯୋଜନାରେ ଆୟୋଜିତ ଶିବିରରେ ସକ୍ରିୟ ସହଯୋଗ କରିଥିଲେ ସୁବ୍ରତ ଦଣ୍ଡପାଟ, ସୁମନ ନାୟକ , ରଣଜିତ ନାୟକ, ମୋନାଲିସା ବାରିକ, ଅଞ୍ଜନା ଜେନା, ଗୀତାଞ୍ଜଳି ବେହେରା, ଗୀତାଞ୍ଜଳି ନାୟକ, ଅଲିଭା ମଲ୍ଲିକ ପ୍ରମୁଖ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଳିବିଳେଇଲେଣି ...

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ପ୍ରଧାନମନ୍ତ୍ରୀ ଆନଥ୍ଲାନୀ ଆଲ୍ବାନିଜ୍ କହିଛନ୍ତି, "ଏହା ଅପ୍ରତ୍ୟାଶିତ ଥିଲା ।" ଏହି ଭିଡିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହୋଇଛି, ଯାହା ମିଡିୟାରେ ବିସ୍ତୃତ ଚର୍ଚ୍ଚାର ବିଷୟ ହୋଇଛି । ଟାରିଫ୍ ନିଷ୍ପତ୍ତି ଏବଂ ଟ୍ରମ୍ପଙ୍କ ମନମାନିକୁ ନେଇ ଆମେରିକାରେ ଗୋଟିଏ ପଟେ ଲୋକଙ୍କ ମଧ୍ୟରେ ଆକ୍ରୋସ ବଢୁଥିବାବେଳେ ହ୍ୱାଇଟ୍ ହାଉସରେ ବୁଲଡୋଜର୍ ବୁଲିବା ଘଟଣା ସାମ୍ନାକୁ ଆସିଛି । ହ୍ୱାଇଟ୍ ହାଉସକୁ ସମ୍ପ୍ରସାରଣ କରିବାକୁ ଚାହୁଁଛନ୍ତି ଟ୍ରମ୍ପ । ହ୍ୱାଇଟ୍‌ହାଉସକୁ ଐତିହାସିକ ବନାଇବାକୁ ଚାହୁଁଛନ୍ତି ଟ୍ରମ୍ପ । ଏଥିପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ସବୁଠୁ ବଡ଼ କଥା ହେଉଛି ଏହି ନିର୍ମାଣ କାର୍ଯ୍ୟ ପାଇଁ କୌଣସି ସରକାରୀ ଟଙ୍କା ଖର୍ଚ୍ଚ ହେବନି, ଘରୋଇ ପାଣ୍ଠିରୁ ଏହି ଟଙ୍କା ଖର୍ଚ୍ଚ କରି ହ୍ୱାଇଟ୍ ହାଉସ୍ ?କୁ ଐତିହାତିକ ବନାଇବା ପାଇଁ ଚେଷ୍ଟା କରୁଛନ୍ତି ଟ୍ରମ୍ପ । ଯାହାକୁ ନେଇ ମଧ ଟ୍ରମ୍ପ ଚର୍ଚ୍ଚାକୁ ଆସିଛନ୍ତି ।

### ସରିଲା ନାମାଙ୍କନ...

ଭୁଜବଳ ଆଡ଼ବଙ୍ଗ, କିଶୋର କୁମାର ବାଗ,ଭକ୍ତ ବନ୍ଧୁ ଧରୁଆ, ନୀତା ବାଗ ଏବଂ ଲକ୍ଷ୍ମୀ କାନ୍ତ ତାଣ୍ଡି । ସେପଟେ ନାମାଙ୍କନ ସରିଥିବା ବେଳେ ଆଜିଠୁ ଜମିବ ପ୍ରଚାର । ପ୍ରଚାର ମୈଦାନକୁ ଓହ୍ଲାଇବେ ୩ ଦଳର ହେଭିୱେଟ୍ । ବିଜେପି, କଂଗ୍ରେସ ଓ ବିଜେଡିର ପ୍ରାର୍ଥୀ ଜୋରଦାର ପ୍ରଚାର କରି ନିଜ ସପକ୍ଷରେ ଭୋଟ୍ ହାତେଇବାର ପ୍ରୟାସ କରିବେ । ଅକ୍ଟୋବର ୨୪ (ଶୁକ୍ରବାର) ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ହୋଇଥିବା ବେଳେ ନଭେମ୍ବର ୧୬ ତାରିଖ (ରବିବାର) ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ।

### ସପ୍ତାହେ ଯାଏଁ ବର୍ଷା ...

କୋପ ଦେଖାଇବ। ତେବେ ଦ୍ୱିତୀୟ ଅପେକ୍ଷା ତୃତୀୟଟି ଅଧିକ ଶକ୍ତିଶାଳୀ ହେବା ଭଳି ଜଣାପଡୁଛି। ଯେହେତୁ ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଫେରିଛି ଓ ଉତ୍ତର-ପୂର୍ବ ମୌସୁମୀ ଶକ୍ତିଶାଳୀ ହେଉଛି, ତେଣୁ ଅକ୍ଟୋବର ହିଁ ଲଘୁଚାପକୁ ବାତ୍ୟାରେ ପରିଣତ କରାଇବାର ପ୍ରକୃଷ୍ଟ ସମୟ। କାରଣ ଏହି ସମୟରେ ସ୍ଥଳଭାଗ ଥଣ୍ଡା ଥିଲେ ବି ସମୁଦ୍ର ଭିତର ଗରମ ଥାଏ, ଫଳରେ ଗୋଟିଏ ଲଘୁଚାପକୁ ଅନ୍ୟଟି ବଳ ଯୋଗାଏ, ଯାହାକି ଶକ୍ତିଶାଳୀ ହୋଇ ସାଇକ୍ଲୋନ୍ ରୂପ ନେଇଯାଏ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ବି ଲଘୁଚାପ ସକ୍ରିୟ ଥିବା ସ୍ପଷ୍ଟ କରିଛି- ଏହା ପ୍ରଭାବରେ ଆଜି ଓ ଆସନ୍ତାକାଲି ଉପକୂଳ ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲ୍ଲାକୁ ବର୍ଷା ୱାର୍ଣ୍ଣିଂ ଦିଆଯାଇଥିବା କହିଥିବାବେଳେ ଆସନ୍ତା ୨୭ ଯାଏଁ ରାଜ୍ୟରେ ବର୍ଷା ସମ୍ଭାବନା ଥିବା ନିର୍ଦ୍ଦେଶିକା କହିଛନ୍ତି। ପଛକୁ ପଛ ଶକ୍ତିଶାଳୀ ଲଘୁଚାପ ହେଉ କି ଅକ୍ଟୋବରରେ ବାତ୍ୟା, ଯଦିଓ ଆଇଏମଡି ଏ ସମ୍ପର୍କରେ କିଛି ସ୍ପଷ୍ଟ କରିନି କିନ୍ତୁ ରାଜ୍ୟ ସରକାର ଏବାର ମୁକାବିଲା ପାଇଁ ଆଗୁଆ ପାଗ ଭିଡ଼ିଲେଣି। ସମ୍ଭାବ୍ୟ ବାତ୍ୟା ଓ ଲଘୁଚାପଜନିତ ବର୍ଷା ନେଇ ପ୍ରଶାସନ ଆଲର୍ଟରେ ଥିବା ଖୋଦ୍ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଲେଣି। ମନ୍ତ୍ରୀ କହିଛନ୍ତି- ୯୯ ଭଳି ବାତ୍ୟା ଆସିଲେ ବି ସେଭଳି ସ୍ଥିତିର ମୁକାବିଲା ପାଇଁ ଆମେ ପ୍ରସ୍ତୁତ। ତେବେ ରାଜ୍ୟବାସୀ ଆଦୌ ଭୟଭୀତ ନହେବାକୁ ମନ୍ତ୍ରୀ ପରାମର୍ଶ ଦେବା ସହ ବାତ୍ୟାକୁ ପରାସ୍ତ କରିବାର କ୍ଷମତା ତାଙ୍କ ବିଭାଗ ରଖିଛି ବୋଲି କହିଛନ୍ତି। ପୂର୍ବରୁ ଅକଟୋବର ୧୯୯୯ରେ ମହାବାତ୍ୟା, ୨୦୧୩ରେ ଫାଇଲିନ୍, ୨୦୧୪ରେ ହୁଦହୁଦ, ୨୦୧୮ରେ ତିତଲି ଓ ୨୦୧୯ ନଭେମ୍ବରରେ ବୁଲବୁଲ ଭଳି ଶକ୍ତିଶାଳୀ ଝଡ଼ ତାଣ୍ଡବ ଦେଖିଛନ୍ତି ଓଡ଼ିଶା ବାସୀ।

### ଜାପାନକୁ ମିଳିଲା ପ୍ରଥମ...

କେବଳ ପ୍ରଧାନମନ୍ତ୍ରୀ ମୋଦି ନୁହଁନ୍ତି, ଜାପାନର ନୂତନ ପ୍ରଧାନମନ୍ତ୍ରୀଙ୍କୁ ସାରା ବିଶ୍ୱ ଶୁଭେଚ୍ଛା ଜଣାଉଛି । ୟୁଏଇ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାଏଦ ଅଲ୍ ନାହ୍ୟାନ୍ ମଧ ତାକାଇଚିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଢ ରେ ପୋଷ୍ଟ କରି ସେ କହିଛନ୍ତି, 'ଦେଶକୁ ଆହୁରି ପ୍ରଗତି ଏବଂ ବିକାଶ ଆଡ଼କୁ ନେଇଯିବାରେ ମୁଁ ତାଙ୍କର ସଫଳତା କାମନା କରୁଛି।' ସେ ଆହୁରି ଲେଖିଛନ୍ତି, 'ଜାପାନର ପ୍ରଧାନମନ୍ତ୍ରୀ ହେବା ପାଇଁ ମୁଁ ସାନାଏ ତାକାଇଚିଙ୍କୁ ଅଭିନନ୍ଦନ ଜଣାଉଛି । ଆମର ବ୍ୟାପକ ରଣନୈତିକ ସହଭାଗୀତାର ଭିତ୍ତିଭୂମି ଉପରେ ନିର୍ମାଣ କରି, ମୁଁ ୟୁଏଇ-ଜାପାନ ସମ୍ପର୍କକୁ ଆହୁରି ଗଭୀର କରିବା ଏବଂ ଆମ ଦେଶ ଓ ଲୋକଙ୍କ ବିକାଶ, ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଏକାଠି କାମ କରିବାକୁ ଅପେକ୍ଷା କରିଛି ।' ମଙ୍ଗଳବାର ଦିନ, ସାନାଏ ତାକାଇଚି ଜାପାନର ସଂସଦର ଉଭୟ ଗୃହରେ, ଯାହାକୁ ଡାଏଟ୍ ଭାବରେ ଜଣାଶୁଣା, ସେଥିରେ ସେ ବହୁମତ ହାସଲ କରିଛନ୍ତି । ଖଉଚ ଜାପାନ ଇନୋଭେସନ୍ ପାର୍ଟି ସହିତ ଏକ ମେଣ୍ଟ ଗଠନ କରିଥିଲା ଏବଂ ଏକ ମେଣ୍ଟ ସରକାର ଗଠନ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିବା ଜଣାପଡ଼ିଛି । ରିପୋର୍ଟ ଅନୁଯାୟୀ, ତାକାଇଚି ୨୩୭ ଭୋଟ ପାଇ ବିଜୟ ହୋଇଥିବା ବେଳେ ଜାପାନର କନଷ୍ଟିଚ୍ୟୁଏଣ୍ଟ ଡେମୋକ୍ରାଟିକ୍ ପାର୍ଟିର ନେତା ୟୋଶିହିକୋ ନୋଡାଙ୍କୁ ୧୪୯ ଭୋଟ ମିଳିଛି ।

### ଟେନସନରେ ନୀତିଶ ...

ଅଧିକରୁ ଅଧିକ ମହିଳା ଏବେ ଗଣତନ୍ତ୍ରର ମହାପର୍ବରେ ସାମିଲ ହେଉଥିବାବେଳେ, ସରକାର ବଦଳାଇବାର ମଧ ଦକ୍ଷତା ରଖୁଛନ୍ତି । ଆଉ ଏଭଳି ସମୟରେ ତେଜସ୍ୱୀ ଅଧିକରୁ ଅଧିକ ମହିଳା ପ୍ରାର୍ଥୀ ଦେଇ ଏହି ମହିଳା ବର୍ଗଙ୍କୁ ନିଜ ସପକ୍ଷରେ ନେବାକୁ ଚେଷ୍ଟା କରିଛନ୍ତି । ଯାହାକି ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପାଇଁ ଏବେ ମୁଣ୍ଡବିନ୍ଧାର କାରଣ ପାଲଟିଛି ।

### ବିଜେପି ଜନ ସୁରାଜ...

ସେମାନଙ୍କୁ ଭ୍ରମିତ କରାଯାଉଛି। ଦାନାପୁରରେ ଜନସୁରାଜ ପ୍ରାର୍ଥୀ ଅଖିଳେଶ ଶାହଙ୍କୁ ଟିକଟ ଦିଆଯାଇଥିଲା, କିନ୍ତୁ ସେ ନିର୍ବାଚନ କାର୍ଯ୍ୟାଳୟରେ ମଧ ଆସି ନଥିଲେ ଏବଂ ଗାୟବ ହୋଇଯାଇଥିଲେ। ପରେ ତାଙ୍କୁ ବରିଷ୍ଠ ବିଜେପି ନେତାଙ୍କ ସହିତ ଦେଖାଯାଇଥିଲା। ଆମେ ଏ ବିଷୟରେ ନିର୍ବାଚନ କମିସନଙ୍କ ନିକଟରେ ଅଭିଯୋଗ କରିବୁ। ପ୍ରାର୍ଥୀମାନଙ୍କୁ ସେମାନଙ୍କର ନାମାଙ୍କନ ପ୍ରତ୍ୟାହାର କରିବାକୁ ବାଧ କରାଯାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀର ଜନସୁରାଜ ପ୍ରାର୍ଥୀ ଜୟପ୍ରକାଶ ତିୱାରୀ ନାମାଙ୍କନ ଦାଖଲ କରିଥିଲେ, ପ୍ରଚାର କରିଥିଲେ ଏବଂ ଶେଷରେ ନାମାଙ୍କନ ପ୍ରତ୍ୟାହାର କରିଥିଲେ। ତାଙ୍କୁ ବରିଷ୍ଠ ବିଜେପି ନେତାଙ୍କ ସହ ମଧ ଦେଖାଯାଇଥିଲା। ପ୍ରଶାନ୍ତ କିଶୋର ମଧ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ତାଙ୍କର ଫଟୋ ଦେଖାଇଥିଲେ। ଗୋପାଳଗଞ୍ଜରୁ ଜନସୁରାଜ ପ୍ରାର୍ଥୀ ଶଶି ଶେଖର ସିହ୍ନା ତାଙ୍କର ନାମାଙ୍କନ ଦାଖଲ କରିଥିଲେ। ସେ କହିଛନ୍ତି, କିଛି ବିଜେପି ନେତା ଜନ ସୁରାଜ ପ୍ରାର୍ଥୀଙ୍କୁ ଭେଟିଥିଲେ ଏବଂ ସେ ମଧ ତାଙ୍କର ନାମାଙ୍କନ ପ୍ରତ୍ୟାହାର କରିନେଇଥିଲେ। ପ୍ରଶାନ୍ତ କିଶୋର କହିଛନ୍ତି, ଗତ କିଛି ବର୍ଷ ଧରି, ନିର୍ବାଚନରେ ଯେ କେହି ଜିତିଲେ ମଧ ବିଜେପି ସରକାର ଗଠନ କରିବାର ଯୋଜନା ଜାରି ରଖିଛି।

## In the court of C .J (Jr Division) chandabali. Case No -200/11 , I

ଶ୍ରୀମତୀ ସାବିତ୍ରୀ ବାରିକ୍ ଓଗେର --- ବାଦିମାନେ.
ଶ୍ରୀ କବି ପ୍ରସାଦ ରାଉତରାୟ ଓ ଗେର ---ବିବାଦୀମାନେ,
ଦେୱାନି କାର୍ଯ୍ୟବିଧି ଆଇନର ଅର୍ଡର ୫ ରୁଲ ୨୦ ମୁତାବକ ନୋଟିସ.
୧- ଶ୍ରୀ କବି ପ୍ରସାଦ ରାଉତରାୟ, ବୟସ ୫୯ ବର୍ଷ ମ୍ୟାନେଜିଂ ଡାଇରେକ୍ଟର, ଧାମରା ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ, ରେଜିଷ୍ଟ୍ରିର ଅଫିସ୍, ପ୍ଲଟ ନଂ ୩/୨୭, ନୟାପଲ୍ଲୀ, ଭୁବନେଶ୍ୱର, ଜି - ଖୋର୍ଦ୍ଧା।
୨- ଶ୍ରୀ ରାଜେନ ମିଶ୍ର, ବୟସ ୩୫ ବର୍ଷ, ପି - ସୁନାକର ମିଶ୍ର, ସା/ପୋ-ମାହେଶ୍ୱର, ଥାନା - ଧର୍ମଶାଳା, ଜି - ଯାଜପୁର.... ବିବାଦୀମାନେ ।
ଏହିକି ନିମ୍ନବର୍ଣ୍ଣିତ ତଫସିଲବୃତ୍ତି ପକ୍ଷେ ବାଦିମାନେ ସେମାନଙ୍କର ସତ୍ୱ ସାବ୍ୟସ୍ତ, ଦଖଲ କାଏମ ଏବଂ ଚିରସ୍ଥାୟୀ ନିଷେଧାଜ୍ଞା ଦାବିରେ ତୁମ୍ଭ ବିରୁଦ୍ଧେ ଉପରୋକ୍ତ ମୋକଦ୍ଦୋମା ଆଗତ କରି ଅଛନ୍ତି। ଆପଣ ମାନଙ୍କୁ ଉପରୋକ୍ତ ଠିକଣାରେ ନୋଟିସ୍ ପ୍ରେରଣ କରାଯାଉଥିଲେ ମଧ ତାହାକୁ ଜାରି ହୋଇପାରୁନାହିଁ। ମୋକଦ୍ଦୋମର ତାରିଖ ଆସନ୍ତା ତା- ୨୮/୧୦/୨୦୨୫ ରିଖ ଦିବା ୧୦.୩୦ am ଘଣ୍ଟାକୁ ବିଚାର ନିମିତ୍ତ ଧାର୍ଯ୍ୟ ଅଛି। ଆପଣ ଉକ୍ତ ଦିବସରେ ନିଜେ କିମ୍ବା ଆପଣଙ୍କ କ୍ଷମତା ପ୍ରାପ୍ତ ଓକିଲଙ୍କ ଜରିଆରେ ହାଜର ହୋଇ ତହିଁର ଜବାବ ତଦବିର କରିବେ ନଚେତ୍ ଆଇନ୍ ଅନୁସାରେ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।
ଅଦ୍ୟ ତା -୧୬/୦୯/୨୦୨୫ ରିଖ ରେ ଆମ୍ଭର ସ୍ୱାକ୍ଷର ମୋହର କ୍ରମେ ଦିଆଗଲା. C .J ( J R Division).
ତଫସିଲବୃତ୍ତି --
ମୌଜା - ବଳିଆରପୁର
ଥାନା - ବାଂଶଡା
ଜି-ଭଦ୍ରକ
M S ଖାତା- ନଂ - ୧୦୮
ପ୍ଲଟ -୨ (ଏ-୦,୧୭ ଡି.)
ପ୍ଲଟ -୪ (ଏ-୦,୬୮ ଡି.)
ପ୍ଲଟ -୮(ଏ -୦,୩୧ ଡି.)
ପ୍ଲଟ -୨୯(ଏ -୪,୨୪ ଡି.)

ବୁଧବାର, ଅକ୍ଟୋବର ୨୨, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ବିପୁଳ ପରିମାଣର ନକଲି ବିଦେଶି ମଦ ଜବତ : ଅଭିଯୁକ୍ତ ଗିରଫ

ବେତନଟୀ , ୨୧/୧୦ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ପକ୍ଷରୁ ମୟୁରଭଞ୍ଜ ଜିଲ୍ଲା ମୋବାଇଲ ଟିମ ସହାୟତାରେ ଆଜି ସକାଳେ ବୈଶିଙ୍ଗା ଥାନା ଅଧୀନ ହାତୀଝୁରି ଗ୍ରାମରେ ଚଢ଼ାଉକରି ମାଟିତଳେ ଲୁଚାଇ ରଖିଥିବା ବିପୁଳ ପ୍ରମାଣର ନକଲି ବିଦେଶିମଦ ଜବତ ପୂର୍ବକ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଯୁବକ ଜଣକ ହେଉଛି ସେହି ହାତୀଝୁରି ଗ୍ରାମର ପଦ୍ମଲୋଚନ ସିଂର ପୁଅ ବାପୁନି ଓରଫ ଧନଞ୍ଜୟ ସିଂ ବୋଲି ଜଣାପଡିଛି । ଅଭିଯୁକ୍ତ ଧନଞ୍ଜୟ ସିଂର ବୈଶିଙ୍ଗା ବଜାରରେ ଏକ ହୋଟେଲ ଥିବାବେଳେ ସେ ନକଲି ବିଦେଶିମଦ କାରବାର କରିଆସୁଥିବା ନେଇ ଅବକାରୀ ବିଭାଗକୁ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା । ଏହାପରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା ମୋବାଇଲ ଟିମ ସହାୟତାରେ ଅଭିଯୁକ୍ତ ବାପୁନି ଓରଫ ଧନଞ୍ଜୟ ସିଂର ହାତୀଝୁରିସ୍ଥିତ ଘରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଘରବାଡ଼ି ପଛରେ ମାଟିତଳେ ଲୁଚାଇ ରଖିଥିବା ବିପୁଳ ପରିମାଣର ନକଲି ବିଦେଶୀମଦ ଜବତ କରିଥିଲେ । ଅବକାରୀ ବିଭାଗ ସେଠାରୁ ଭାରତ ବାହାରେ ବିକ୍ରୟ ପାଇଁ ଉଦିଷ୍ଟ ୫୪ଟି ବୋତଲରେ ଭର୍ତ୍ତି ୪୦ଲିଟରରୁ ଉର୍ଦ୍ଧ୍ୱ ନକଲି ବିଷାକ୍ତ ବିଦେଶୀମଦ ଜବତ କରିଥିବା ବେଳେ ବିଭିନ୍ନ କମ୍ପାନୀର ଦୁଇଶହ ପାଖାପାଖି ଖାଲି ମଦ ବୋତଲ ଜବତ କରିଛନ୍ତି । ତେବେ ନଡପୁର ଉପକଣ୍ଠ କଇଁଫୁଲିଆ ଗ୍ରାମର ଯଦୁ ନାମକ ଯୁବକ ଏହି ନକଲି ବିଷାକ୍ତ ବିଦେଶୀମଦ ଯୋଗାଉଥିବାନେଇ ଗିରଫ ଅଭିଯୁକ୍ତ ବାପୁନି ଓରଫ ଧନଞ୍ଜୟ ଅବକାରୀ ବିଭାଗ ଆଗରେ ବୟାନ ଦେଇଛି । ଏନେଇ ଏକ ମାମଲା ରୁଜୁକରି ଅବକାରୀ ବିଭାଗ ତଦନ୍ତ ଜାରି ରଖିଥିବା ବେଳେ ଏହି ନକଲି ବିଷାକ୍ତ ମଦ କାରବାରରେ ସମ୍ପୃକ୍ତ ରାକେଟର ପର୍ଦ୍ଦାଫାଶ କରିବାକୁ ତଦନ୍ତକୁ ବ୍ୟାପକ କରିଛି ଅବକାରୀ ବିଭାଗ ।

# ପାରାଦୀପ ବନ୍ଦରରେ ହେବ ବୃହତ୍ତ ପୁଞ୍ଜି ନିବେଶ

ପାରାଦୀପ, ୨୧/୧୦ (ନି.ପ୍ର): ପାରାଦୀପ ବନ୍ଦରଠାରେ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ, ଜାହାଜ ତିଆରି କାରକାରଖାନା ସମେତ ଗଂଜାମ ଜିଲ୍ଲାର ବାହୁଦାଠାରେ ପାରାଦୀପ ବନ୍ଦର ପକ୍ଷରୁ ଏକ ସାଟେଲାଇଟ୍ ବନ୍ଦର ପ୍ରକଳ୍ପକୁ କେନ୍ଦ୍ର ସରକାର ମଂଜୁରୀ ଦେଇଛନ୍ତି । ମୁମ୍ବାଇଠାରେ ଆସନ୍ତା ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସାମୁଦ୍ରିକ ସପ୍ତାହ ଆୟୋଜିତ ହେବାକୁ ଯାଉଛି । ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଏହି କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯାଉଛନ୍ତି । ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସାମୁଦ୍ରିକ ରାଷ୍ଟ୍ର, ୨୦୦ ଆର୍ନ୍ତଜାତୀୟ ବିଶେଷଜ୍ଞ ଏବଂ ୫୦୦ରୁ ଉର୍ଦ୍ଧ ଅଗ୍ରଣୀ ସାମୁଦ୍ରିକ ଶିଳ୍ପ ଏକାଠି ହେବା ସହିତ ସାମୁଦ୍ରିକ ବିକାଶ କ୍ଷେତ୍ରର ଜ୍ଞାନ ଆଦାନପ୍ରଦାନ କରିବା ସହିତ ନିବେଶ ସୁଯୋଗ ସୃଷ୍ଟି କରିବ ବୋଲି ପାରାଦୀପ ବନ୍ଦର ପ୍ରଶାସନିକ ଭବନ ବୋର୍ଡ ରୁମ୍‌ରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ । ପାରାଦୀପ ବନ୍ଦର ଏହି ମହାପର୍ବରେ ସାମିଲ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମାରୋହକୁ ଉଦଘାଟନ କରିବେ । ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହିବେ। ଏହି ଅବସରରେ ଜାହାଜ ନିର୍ମାଣ, ଜାହାଜ ମରାମତି, ବନ୍ଦର ଆଧୁନିକୀକରଣ, ସ୍ମାର୍ଟ ବନ୍ଦର ପଦକ୍ଷେପ, ବ୍ୟବସାୟରେ ବିକାଶ ଏବଂ ସବୁଜ ହାଇଡ୍ରୋଜେନ ପ୍ରକଳ୍ପ ସମେତ ବିଭିନ୍ନ କ୍ଷେତ୍ରରେ ୧.୫ ଲକ୍ଷ କୋଟି ଟଙ୍କାର ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ। ଏଥି ସହିତ ପୁରୀଠାରେ ଏକ କ୍ରୁଜ୍ ଟର୍ମିନାଲ ନିମନ୍ତେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି । ସାମୁଦ୍ରିକ ପର୍ଯ୍ୟଟନକୁ ପ୍ରୋତ୍ସାହନ କରିବା ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ ପୁରୀକୁ ଗୁରୁତ୍ୱ ଦେବା ସହିତ ଆଗାମୀ ୨ରୁ୩ ବର୍ଷ ମଧ୍ୟରେ ଏହାକୁ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବାର ଲକ୍ଷ୍ୟ ରହିଥିବା ନେଇ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ । ଏହି ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ପାରାଦୀପ ସମୁଦ୍ର ବେଳାଭୂମିରେ ବାଲୁକା କଳା ପ୍ରଦର୍ଶନୀକୁ ଅଧ୍ୟକ୍ଷ ଶ୍ରୀ ହରନାଦ ଉଦଘାଟନ କରିଥିଲେ । ପାରାଦୀପ ବନ୍ଦରର ବିଭାଗୀୟ ମୁଖ୍ୟମାନେ ଏହି କାଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ନୂଆପଡାରେ ଗାଈ ମୃତ୍ୟୁକୁ ନେଇ କ୍ଷତିପୂରଣ ଓ ତଦନ୍ତ ଦାବି କଲା କଂଗ୍ରେସ

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ନୂଆପଡାରେ ଭୋଜି ଖାଇ ଗାଈ ମୃତ୍ୟୁ ଘଟଣାକୁ ତୀବ୍ର ନିନ୍ଦା କରିଛି କଂଗ୍ରେସ । ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ସୋନାଲୀ ସାହୁ ଘଟଣା ପାଇଁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ନିସର୍ତ୍ତ କ୍ଷମା ମାଗୁ ବୋଲି ଦାବି କରିଛନ୍ତି । ଏହାସହ ମୃତ ଗାଈ ମାଲିକଙ୍କୁ ପ୍ରାଥମିକ ସ୍ତରରେ ୨୫ ହଜାର ଟଙ୍କା କ୍ଷତିପୂରଣ ଦେବା ସହ ଗାଈ ମୃତ୍ୟୁ ଘଟଣା ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି କଂଗ୍ରେସ । ଏହି ଘଟଣା ଏକ ବଡ଼ ଲଜ୍ୟା, ଅପମାନ ବୋଲି କହିଛି କଂଗ୍ରେସ । ବିଜେପି ଗାଈକୁ ହତ୍ୟା କରିଛି । ବିଜେପି ଗୋମତା କଥା କହୁଥାଇପାରେ, ହେଲେ ରକ୍ଷା କରିପାରେ ନାହିଁ । ଉପନିର୍ବାଚନ ମାହୋଲ, କୋଡ଼ଅଫ କଣ୍ଡକ୍ଟ ଲାଗିଛି ।

# ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ନିର୍ମାଣଧିନ ଡ୍ରେନ କାର୍ଯ୍ୟରେ ମହାଘୋଟାଲା

ନୀଳଗିରି, ୨୧/୧୦ (ନି.ପ୍ର): ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ରେ ନିର୍ମାଣଧିନ ଡ୍ରେନ କାର୍ଯ୍ୟ ରେ ଘୋଟାଲା ନେଇ ଅଭିଯୋଗ ହୋଇଛି । ସୂଚନା ଯୋଗ୍ୟ ନୀଳଗିରି ବ୍ଲକ ଜାମୁଡ଼ିହା ପଞ୍ଚାୟତ ଅନ୍ତର୍ଗତ ମଲ୍ୟାଣୀ ଗାଁରେ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ରେ ୩ ଲକ୍ଷ ଟଙ୍କା ବ୍ୟୟରେ ଏକ ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲି ଥିବା ଦେଖିବାକୁ ମିଳିଛି । ଯାହା ଚନ୍ଦ୍ର ମୋହନ ବେହେରାଙ୍କ ବିଲଠାରୁ ନଦୀ ପର୍ଯ୍ୟନ୍ତ ହେବ। ସେଠାରେ ଲାଗିଥିବା ଫଳକ ରେ ସବୁ ଥିବା ବେଳେ , କାର୍ଯ୍ୟ ଆରମ୍ଭ ଓ କାର୍ଯ୍ୟ ଶେଷ ତାରିଖକୁ ଜାଣିଶୁଣି ରଙ୍ଗ ମାରି ଦେଇଥିବା ଦେଖା ଯାଇଛି । କାର୍ଯ୍ୟ ନିର୍ବାହୀ ସଂସ୍ଥା,



ପଞ୍ଚାୟତ ସମିତି, ନୀଳଗିରି ହୋଇଥିବା ବେଳେ, ଡ୍ରେନ ନିର୍ମାଣ ଓ ଢଳେଇ ପଡୁଥିବା ସମୟ ରେ କୌଣସି ବ୍ଲକ ଅଧିକାରୀ (ଜେଇ)ଙ୍କ କାର୍ଯ୍ୟ ଆରମ୍ଭ ହେବା ଠାରୁ , ଅଦ୍ୟାବଧି କୌଣସି ଅଧିକାରୀ ସେଠାକୁ ଯାଇ ନ ଥିବା ଗ୍ରାମ ବାସୀ ଅଭିଯୋଗ କରିଛନ୍ତି । ଏଥିରେ ବ୍ୟବହୃତ ମେଟାଲ, ଚିପ୍ସ ଓ ବାଲି ଅତ୍ୟନ୍ତ ନିମ୍ନ ମାନର ହୋଇଥିବା ବେଳେ ଏଥିରେ ୧୦ଏମଏମ ,୮ ଏମଏମ ରଡ଼ ଦିଆନଯାଇ, କେବଳ ୬ ଏମଏମ ରଡ ରେ କାର୍ଯ୍ୟ ହେଉଥିବା ଦେଖାଯାଇଛି । କାର୍ଯ୍ୟରତ ଶ୍ରମିକ ମାନେ କିଏ କାର୍ଯ୍ୟ କରାଉଛି, ତାହା ସେମାନେ ଜାଣି ନାହାଁନ୍ତିବୋଲି କହିଛନ୍ତି । ତାହା ତଦନ୍ତ ହେଲେ ଜଣା ପଡ଼ିବ ବୋଲି ଗ୍ରାମ ବାସୀ ମାନେ କହିଛନ୍ତି । ତେବେ ଏଥିପ୍ରତି ନୀଳଗିରି ଉପଜିଲ୍ଲାପାଳ, ବିଡ଼ିଓ ଦୃଷ୍ଟି ଦେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମାଜ ସେବୀ ଆଦିକନ୍ଦ ବିଶ୍ୱାଳ ଦାବି କରିଛନ୍ତି । ଅନ୍ୟ ପକ୍ଷରେ ଯଦି କୌଣସି ପଦକ୍ଷେପ ନିଆ ନ ଯାଏ, ତାହେଲେ ଗ୍ରାମବାସୀ ମାନେ ବାଧ ହୋଇ ରାଜରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଘଟଣା ସମ୍ପର୍କରେ ଜାମୁଡିହା ଜେଇ ଇଂ ବୈଦିନାଥ ସିଂଙ୍କୁ ପଚାରିବାରୁ ତଦନ୍ତ କରି କହିବେ ବୋଲି କହିଛନ୍ତି ।

## ଅବସରପ୍ରାପ୍ତ ଅଧ୍ୟାପକଙ୍କ ବିୟୋଗ



ଖଇରା, ୨୧/୧୦ (ନି.ପ୍ର): ଔପଦା ବ୍ଲକ ଫତେପୁର ପଂଚାୟତ ନରଣପୁର ଗ୍ରାମର ଅବସରପ୍ରାପ୍ତ ଅଧ୍ୟାପକ ଛାୟାକାନ୍ତ ମାଝୀଙ୍କର ୬୮ ବର୍ଷ ବୟସରେ ଦେହାନ୍ତ ଘଟିଛି । ମୃତ ମାଝୀ ଖଇରା ମହାବିଦ୍ୟାଳୟରେ ଦର୍ଶନ ବିଭାଗରେ ଆଧ୍ୟାପକ ଥିବା ବେଳେ ୨୦୧୮ ମସିହାରେ ଖଇରା ମହାବିଦ୍ୟାଳୟରୁ ଅବସର ନେବା ପରେ ବିଭିନ୍ନ ସାମାଜିକ ସଂଗଠନ ସହିତ ଜଡିତ ଥିଲେ । କିଛିଦିନ ଧରି ଶାରୀରିକ ଅସୁସ୍ଥତା ଥିବା ବେଳେ ସୋମବାର ଦିନ ସକାଳେ ତାଙ୍କ ବାସଭବନରେ ମୃତ୍ୟବରଣ କରିଥିଲେ । ତାଙ୍କ ଶେଷ ଦର୍ଶନ ପାଇଁ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୁକ୍ତିକାନ୍ତ ଶତପଥୀ, ଅରୁଣ କୁମାର ପାଢୀ, ଅବସରପ୍ରାପ୍ତ ଅଧ୍ୟାପକ ଜିତେନ୍ଦ୍ର କୁମାର ଦାଶ, ଖଇରା ମହାବିଦ୍ୟାଳୟର ପ୍ରାଧ୍ୟାପକ ଲକ୍ଷ୍ମୀଧର ନାୟକ, ଅଧ୍ୟାପକ ବନମାଳି ବାରିକ, ଶଶିକାନ୍ତ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଧୁସୁଦନ ପାଣି, ସୁଦର୍ଶନ ପାଣିଗ୍ରାହୀ, ଷଡାନନ ପାଣିଗ୍ରାହୀଙ୍କ ସମେତ ଅଂଚଳ ବାସୀ ମାନେ ଉପସ୍ଥିତ ରହି ପରିବାରକୁ ସମବେଦନା ଜଣାଇଥିଲେ । ମୃତ ଛାୟାକାନ୍ତ ଙ୍କର ବିଧବା ପତ୍ନୀ ସହିତ ୨ପୁଅ ୧ଝିଅ ଅଛନ୍ତି । ସେ ଜଣେ ମିଷ୍ଟ ଭାଷୀ ସରଳ ମଣିଷ ଥିଲେ । ତାଙ୍କ ମୃତରେ ସମୃକ୍ତ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# କୁଣ୍ଡଳୀରେ କାଳୀପୂଜା ଓ ରକ୍ତଦାନ ଶିବିର

ଲଙ୍ଗଳେଶ୍ୱର , ୨୧/୧୦ (ନି.ପ୍ର): ବାଲିଆପାଳ ବ୍ଲକ କୁଣ୍ଡଳୀ ମହାମାୟା ମାର୍କେଟ ରେ କାଳୀପୂଜା ଉତ୍ସବ ଅନୁଷ୍ଠିତ ହୋଇଛି ଏହି ଅବସରରେ ରକ୍ତଦାନ ଶିବିର ସମାଜସେବୀ ଭିଷ୍ମ ଚରଣ ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ଯୋଗଦେଇ ଶିବର କୁ ଉଦଘାଟନ କରିଥିବା ବେଳେ ଶିକ୍ଷାବିତ ବନମାଳୀ ସାହୁ, ବରିଷ୍ଠ ପାଲା ଗାୟକ ରାମହରି



ଜେନା, ଅମିୟ ରଞ୍ଜନ ଜେନା, ଡାକ୍ତର ସୂର୍ଯ୍ୟ ପ୍ରକାଶ ରାଉତରାୟ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାଲେଶ୍ୱର ରକ୍ତଭଣ୍ଡାର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିର ରୁ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । କମଳାକାନ୍ତ ପଟ୍ଟାୟତ, ଦ୍ରୋଣାଚାର୍ଯ୍ୟ ମଲ୍ଲିକ, ମନ୍ଦୋଦରୀ ବେହେରା, ଅଞ୍ଜନା ମଲ୍ଲିକ, ଯମୁନା ମଣୀ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ଡି.ଜେ. ଲଭର (ମୟୂରଭଞ୍ଜ) ଚମ୍ପିଆନ

ବାଲିଆପାଳ , ୨୧/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ବୁଢ଼ୀ ବରଗଛ ଖେଳପଡ଼ିଆ ଠାରେ ଦୀପାବଳି ଏବଂ କାଳୀପୂଜା ଅବସରରେ ଶ୍ରୀରାମପୁର ପଞ୍ଚାୟତର ମଇଁଷାମୁଣ୍ଡା ଆଦିବାସୀ ମା' ଭଗବତୀ କ୍ଲବ ଆନୁକୂଲ୍ୟରେ ଦୁଇ ଦିନ ଧରି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ୧୬ ଟି ଫୁଟବଲ୍ ଦଳ ଅଂଶ ଗ୍ରହଣ କରିଥିଲେ। ଚିତାକର୍ଷକଫାଇନାଲ ଖେଳରେ ଗଜାନନ ଏଫ. ସି. ଛଡ଼ା ଦଳକୁ ହରାଇ ଡ଼ି. ଜେ. ଲଭର (ମୟୂରଭଞ୍ଜ) ଦଳ ଚମ୍ପିଆନ ହୋଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ



ସୁବାସିନୀ ଜେନା ଯୋଗଦେଇ ଖେଳ ଉପଭୋଗ କରିବା ସହିତଫୁଟବଲ୍ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆଦିବାସୀ ଗୁରୁଜନ, ଯୁବକ ଓ ମହିଳା ମାନେ ବିଧାୟିକା ଶ୍ରୀମତୀ ଜେନାଙ୍କୁ ପାରମ୍ପରିକ ବାଦ୍ୟ ବଜାଇ ନାଚି ନାଚି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ମଇଁଷାମୁଣ୍ଡା ଆଦିବାସୀ ସାହି ମା' ଭଗବତୀ ଅନୁଷ୍ଠାନର ସଭାପତି ରାମ ବେଶ୍ରା ଉତ୍ସବରେ ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବେ ଶ୍ରୀରାମପୁର ପଞ୍ଚାୟତର ସରପଞ୍ଚ ଦେବ କୁମାର ଦେ, ସମିତି ସଦସ୍ୟାଙ୍କ ପ୍ରତିନିଧି ଭଜନ ବେହେରା, ବିଷ୍ଣୁପୁର ଗ୍ରାମର ମୁଖ୍ୟ ଅବସରପ୍ରାପ୍ତ ସେନାଧିକାରୀ ତ୍ରିଭୁବନ ନାଥ, ଦେଭୋଗ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ଶ୍ରୀରାମପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ପୂର୍ବତନ ସମିତି ସଦସ୍ୟ ଝାଡ଼େଶ୍ୱର ବେହେରା, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠିପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଥିଲେ । ରେଫ୍ରୀ ଭାବେ ପ୍ରୀତମ ମାଝୀ, ମୋହନ ବେଶ୍ରା, ଏବଂ କାଳି ଚରଣ ମୁର୍ମୁ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ । ମଇଁଷାମୁଣ୍ଡା ଆଦିବାସୀ ସାହି ମା' ଭଗବତୀ କ୍ଲବର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ଫୁଟବଲ୍ ଖେଳକୁ ଉପଭୋଗ କରିବାକୁ ଆଖ ପାଖ ଅଞ୍ଚଳରୁ ବହୁ ଜନ ସମାଗମ ଦେଖିବାକୁ ମିଳିଥିଲା ।

# ମାଟିତଳୁ ବିପୁଳ ପରିମାଣର ନକଲି ବିଦେଶୀ ମଦ ଜନତ କଲା ଅବକାରୀ ବିଭାଗ

ବୈଶିଙ୍ଗା , ୨୧/୧୦ (ନି.ପ୍ର): -ଦୀର୍ଘ ଦିନ ଧରି ନକଲି ବିଦେଶୀ ମଦ ବ୍ୟବସାୟ କରି ଆସୁଥିବା ଧନଞ୍ଜୟ ସିଂ ଙ୍କ ଘରର ବାଡି ପଟୁ ମାଟିତଳୁ ନକଲି ବିଦେଶୀ ମଦ ଜବତ କରି ଅବକାରୀ ବିଭାଗ ଏକ ସଫଳତା ଅର୍ଜନ କରିଛି । ବାରିପଦା ଅବକାରୀ ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଅବକାରୀ ଥାନାଧିକାରୀ ପ୍ରଦୀପ କୁମାର ବେହେରା ଓ ଟିମ୍ ମଙ୍ଗଳବାର ଦିନ ୧୦.୩୦ ମିନିଟ ସମୟରେ ବୈଶିଙ୍ଗା ଥାନା ଅଧୀନ ହାତୀଝୁରୀ ଗ୍ରାମର ଧନଞ୍ଜୟ ସିଂ ଙ୍କ ଘରେ ଚଢ଼ାଉ କରିଥିଲେ । ଚଢାଉ ସମୟରେ ବାଡି ପଟ ରେ ମାଟିତଳୁ ପୋତା ଯାଇଥିବା ୫୪ଟି ପ୍ଲାଷ୍ଟିକ ବୋତଲରେ ୫୦ଲି ପାଖାପାଖି ନକଲି ବିଷାକ୍ତ ମଦ ଜବତ କରାଯାଇଥିଲା । ଏହି ନକଲି ମଦ କଇଁଫୁଲିଆ ଗ୍ରାମର ଯଦୁ ନାମକ ବ୍ୟକ୍ତି ଯୋଗାଉ ଥିବା ଅବକାରୀ ପୋଲିସ ପ୍ରକାଶ କରିଛି । ତେବେ ଏହି ମଦ ବିଦେଶକୁ ରପ୍ତାନି ହେବାପାଇଁ ଗଚ୍ଛିତ ଥିବାର ପୋଲିସ ସୂଚନା ପାଇଥିଲା । ମୂଖ୍ୟା ଅଭିଯୁକ୍ତ ଧନଞ୍ଜୟ ଫେରାର ହୋଇ ଯାଇଥିବା ବେଳେ ଏହି ନକଲି ବିଦେଶୀ ମଦ କାରବାରର ମାଷ୍ଟ୍ରର ମାଇଣ୍ଡ କୁ ଧରିବା ପାଇଁ ଅବକାରୀ ବିଭାଗ ତଦନ୍ତ ଚଳାଇଥିବା ଜଣାଯାଇଛି ।

# ଯୁବତୀଙ୍କ ନିକଟରୁ ସ୍ମାର୍ଟଫୋନ ଝାମ୍ପିନେଇ ଚମ୍ପଟ

ବେତନଟୀ, ୨୧/୧୦ (ନି.ପ୍ର) : ବେତନଟୀ-ବଡସାହି ରାସ୍ତାର ମହୁଲିଆ ଛକ ଅନତିଦୂରରେ ଜନୈକା ଯୁବତୀ ସାଇକେଲଯୋଗେ ଘରକୁ ଫେରୁଥିବା ବେଳେ ଦୁଇଜଣ ଯୁବକ ବାଇକଯୋଗେ ପଛପଟୁ ଦ୍ରୁତଗତିରେ ଆସି ଦୁଇଜଣ ବାଇକ ଆରୋହୀ ଯୁବକ ଆଖିପିଛୁଳାକେ ଯୁବତୀଙ୍କ ନିକଟରୁ ସ୍ମାର୍ଟଫୋନ ଝାମ୍ପିନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଏତଲାକାରିଣୀ ବଡସାହି ଥାନା ଅଧୀନ ପତରାପଦା ଗ୍ରାମର ବୃନ୍ଦାବନ ବାସଙ୍ଗଙ୍କ ଝିଅ ସଙ୍ଗୀତା ବାସଙ୍ଗଙ୍କ ଅଭିଯୋଗ ମୁତାବକ ସେ ବେତନଟୀରୁ ପାଠପଢା ସାରି ଅପରାହ୍ନ ସାଢେ଼୧୨ଟା ପାଖାପାଖିରେ ଘରକୁ ଫେରୁଥିବା ବେଳେ ମହୁଲିଆଛକ ଅନତି ଦୂରରେ ପଛପଟୁ ଦୁଇଜଣ ଯୁବକ ବାଇକ ଯୋଗେ ଆସି ତାଙ୍କ ହାତରୁ ସ୍ମାର୍ଟଫୋନ ଝାମ୍ପିନେଇ ଆଖିପିଛୁଳାକେ ଚମ୍ପଟ ମାରିଥିଲେ । ଏନେଇ ସଙ୍ଗୀତାଙ୍କ ଏତଲାମୂଳେ ବେତନଟୀ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ।

# ବିଶିଷ୍ଟ ଶିଶୁ ସାହିତ୍ୟିକ ଭାସ୍କର ଦାସ ଆଉ ନାହାନ୍ତି



ବାଲେଶ୍ୱର, ୨୧/୧୦ (ନି.ପ୍ର): ବିଶିଷ୍ଟ ଶିଶୁ ସାହିତ୍ୟିକ ଭାସ୍କର ଦାସ ଆଜି ଅପରାହ୍ନରେ ତାଙ୍କ କୁରୁଡ଼ାସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା । ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ମୃତ୍ୟୁ ସମୟରେ ପାଖରେ ପୁଅ, ଝିଅ, ପରିବାରର ସମସ୍ତ ସଦସ୍ୟ, ପୁଅ ତପନ ଓ ରଞ୍ଜନ, ବୋହୂ ମମତା ଓ କବିତା, ଝିଅ ରଞ୍ଜିତା ଓ ସଞ୍ଜିତା ପୁଷ୍ପିତ, ଜ୍ୱାଇଁ ଗଜେନ୍ଦ୍ର ଓ ଚିତ୍ତରଞ୍ଜନ ସୁଶାନ୍ତ ଓ ନାତି ନାତୁଣୀ ଉପସ୍ଥିତ ଥିଲେ । ଶିଶୁ ସାହିତ୍ୟିକ ହିସାବରେ ସମଗ୍ର ଓଡ଼ିଶାରେ ଯଥେଷ୍ଟ ନାମ ଥିଲା । ବାଲେଶ୍ୱର ଜିଲ୍ଲାରେ ଜଣେ ଟାଣୁଆ ଶିଶୁ ସାହିତ୍ୟିକ ଥିଲେ । ଶିଶୁ କିଶୋର ପତ୍ରିକା 'ଶିଶୁ ସାରଥି'ର ସମ୍ପାଦକ ସହ ନିଖିଳ ଓଡିଶା ଶିଶୁ ସାହିତ୍ୟ ଏକାଡେମୀର ସମ୍ପାଦକ ଥିଲେ । ତାଙ୍କ ବାସଭବନକୁ ଯାଇ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ତାଙ୍କର ଶେଷ ଦର୍ଶନ କରିଥିଲେ । ସାହିତ୍ୟିକ ପିତାମ୍ବର ଦାସ, କମଳ ଦାସ, ରମେଶ ବେହେରା, ରାଜେନ୍ଦ୍ର ରାଉତ ଓ ରେମୁଣା ବ୍ଲକ ଚେୟାର୍ ମେନ ତାପସ ପାଣିଗ୍ରାହୀ, କୁରୁଡା ସରପଞ୍ଚ ଆଦିତ୍ୟ ଚଣ୍ଡ, ସମାଜସେବୀ ସୁମନ୍ତ ପତ୍ର, ଭଣଜା ଭାଣିଜୀ, ପୁତୁରା ମୃତ୍ୟୁ ବେଳରେ ଉପସ୍ଥିତ ହୋଇ ପୁଷ୍ପ ଅର୍ପଣ କରିବା ସହ ତାଙ୍କର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

## ପବିତ୍ର କାଳୀପୂଜାର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ପବିତ୍ର କାଳୀପୂଜାର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପବିତ୍ର କାଳୀପୂଜା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ମା' କାଳୀ ଶକ୍ତି, ସାହସ ଓ ବିଜୟର ପ୍ରତୀକ । ମା'ଙ୍କ ଆଶୀର୍ବାଦରୁ ଆମ ସମସ୍ତଙ୍କ ଜୀବନରୁ ଅଜ୍ଞାନତାର ଅନ୍ଧକାର ଦୂର ହେଉ ଏବଂ ଜ୍ଞାନର ଆଲୋକ ପ୍ରକଟିତ ହେଉ ।

# ଖୋର୍ଦ୍ଧାରେ ୬୬ତମ ପୁଲିସ ସ୍ମୃତି ଦିବସ ପାଳିତ

ଖୋର୍ଦ୍ଧା, ୨୧/୧୦ (ନି.ପ୍ର): ୬୬ତମ ପୁଲିସ ସ୍ମୃତି ଦିବସ ଖୋର୍ଦ୍ଧା ଜିଲ୍ଲା ରିଜର୍ଭ ପୁଲିସ ଲାଇନରେ ପାଳନ କରାଗଲା । ଏହି ଅବସରରେ ଦେଶ ସୁରକ୍ଷା ଓ ଲୋକଶାନ୍ତି ପାଇଁ ନିଜ ଜୀବନର ବଳିଦାନ ଦେଇଥିବା ପୁଲିସ ବିଭାଗର ବୀର ଶହୀଦ ସହୋଦରମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଗଲା । ଉକ୍ତ ଅବସରରେ ଖୋର୍ଦ୍ଧା ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିବେକାନନ୍ଦ ଶର୍ମା, ଆଇପିଏସ ମହାଶୟଙ୍କ



ଅଧ୍ୟକ୍ଷତାରେ ପୁଲିସ କର୍ମଚାରୀମାନେ ଶହୀଦମାନଙ୍କ ଭବନ୍ତି ପ୍ରତିମାରେ ପୁଷ୍ପାଞ୍ଜଳି ଅର୍ପଣ କଲେ । ଶହୀଦମାନଙ୍କ ସାହସ, ଦେଶସେବା ଓ ତ୍ୟାଗ ସ୍ମରଣରେ ଦୁଇ ମିନିଟ୍ ନିରବତା ପାଳନ କରାଗଲା । ଅବସରରେ ଏସ୍‌ପି ଶ୍ରୀ ଶର୍ମା ମହାଶୟ ପୁଲିସ ବିଭାଗର ସେହି ସାହସିକ ଓ ନିଷ୍ଠାପୂର୍ଣ୍ଣ ସେବାର ପ୍ରଶଂସା କରି କହିଲେ ଯେ, ସମାଜରେ ଶାନ୍ତି, ଶୃଙ୍ଖଳା ଓ ଆଇନର ପାଳନ ପାଇଁ ପୁଲିସ ସଦା ସମର୍ପିତ ଅଛନ୍ତି । ସେ ସମସ୍ତଙ୍କୁ ଶହୀଦମାନଙ୍କ ଆଦର୍ଶ ଓ ଦେଶସେବାର ମନୋଭାବକୁ ଅନୁସରଣ କରି କାମ କରିବାକୁ ଆହ୍ୱାନ କଲେ । ଅନୁଷ୍ଠାନ ଶେଷରେ ସମସ୍ତ ପୁଲିସ କର୍ମଚାରୀ ସମାଜ ସେବା, ନିଷ୍ଠା ଓ ଇମାନଦାରୀ ସହ ଦେଶ ସେବା ଜାରି ରଖିବା ପାଇଁ ଶପଥ ଗ୍ରହଣ କଲେ ।

## ଡ. ସୁଧୀର କୁମାର ସାହୁ ପାଇବେ ସୁରେଶ ସୃଜନ ସମ୍ମାନ

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ବିଶିଷ୍ଟ ଲେଖକ ଓ ଲୋକସଂସ୍କୃତି ଗବେଷକ ଡ. ସୁଧୀର କୁମାର ସାହୁଙ୍କୁ ଚଳିତ ବର୍ଷର 'ସୁରେଶ ସୃଜନ ସମ୍ମାନ' ପ୍ରଦାନ କରାଯିବ । ଲୋକସଂସ୍କୃତି ଗବେଷକ, ନାଟ୍ୟକାର, ଅନୁବାଦକ ତଥା ସଂସ୍କୃତି-ସଂଗଠକ ସୁରେଶ ବଳବନ୍ତରାୟଙ୍କ ସ୍ମୃତିରେ ଗଠିତ ସୁରେଶ ବଳବନ୍ତରାୟ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା 'ସୁରେଶ ସମାବେଶ'ରେ ଏହି ସମ୍ମାନ ପ୍ରଦାନ କରାଯିବ ।
ଉଲ୍ଲେଖଯୋଗ୍ୟ ଯେ ଲୋକସଂସ୍କୃତି, ଲୋକନାଟ୍ୟ ଓ ଲୋକସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଜଣେ ପ୍ରତିଭାଙ୍କୁ ପ୍ରତିବର୍ଷ 'ସୁରେଶ ସୃଜନ ସମ୍ମାନ' ପ୍ରଦାନ କରାଯାଇ ଆସୁଛି । ଡ. ସାହୁ ବର୍ତ୍ତମାନ ଝାଡଖଣ୍ଡର ଜାମସେଦପୁର ମହିଳା ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି ।

# ବାରିପଦାଠାରେ ୬୬ ତମ ପୋଲିସ ସହୀଦ ଦିବସ ପାଳିତ

ବାରିପଦା , ୨୧/୧୦ (ନି.ପ୍ର): ବାରିପଦା ସ୍ଥିତ ରିଜର୍ଭ ପୋଲିସ ପଡିଆ ଠାରେ ମୟୂରଭଞ୍ଜ ଜିଲ୍ଲା ପୋଲିସ ବାହିନୀ ପକ୍ଷରୁ ୬୬ ତମ ପୋଲିସ ସହିଦ ଦିବସ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଯୋଗଦେଇ ହୋମଗାର୍ଡ ଆର ଆଇ ଆଲୋକ କୁମାର



କାନୁନଗୋଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ସହିଦ ମାନଙ୍କ ନାମ ପାଠ କରି ସେମାନଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରିବା ସହ ସହିଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସରଜେଣ୍ଟ ବିଜୟ କୁମାର ତିର୍କି, ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାଏତ, ଡିଆଇବି ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଗୌତମ କୁମାର କିସାନ, ବାରିପଦା ଟାଉନ ଥାନା ଅଧିକାରୀ କରୁଣାକର ରାଉତ, ବାରିପଦା ସଦର ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା ପ୍ରମୁଖ ବହୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହିତ ବିଭିନ୍ନ ଥାନାର ଥାନାଧିକାରୀ ମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida